# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ (୮+୮= ୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 16/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 350 ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୧୬/୨୦୨୫ | Bhubaneswar, Sunday, November 16/2025





**ଜାଡ଼େଜାଙ୍କ ପ୍ରଭାବୀ ବୋଲିଂ**
ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ପ୍ରଭାବୀ ବୋଲିଂ କରି ୪ଉଇକେଟ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡ଼େଜା।

୦୬

୦୨

**ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର**
ଅଭିନେତା ରାଜକୁମାର ରାଓ ଏବଂ ସ୍ତ୍ରୀ ପତ୍ରଲେଖାଙ୍କ ବିବାହ ବାର୍ଷିକୀରେ ସେମାନେ ମାତାପିତା ହୋଇଛନ୍ତି। ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି।





ପାରାଦୀପରେ ତଟ ସୁରକ୍ଷା ବାହିନୀ ପକ୍ଷରୁ ଶନିବାର ସାମୁଦ୍ରିକ ସନ୍ଧାନ ଅଭ୍ୟାସ।

# ଓଡ଼ିଶାର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ ବର୍ଥ

- ଗୋପାଳପୁରରେ ମୁତୟନ ହେବ କୋଷ୍ଟଗାର୍ଡ ଶିପ୍
- ପାରାଦୀପରେ ଶିପ୍ ସଂଖ୍ୟା ବଢ଼ିବ
- ଧାମରା ବନ୍ଦରରେ ରହିବ ଡ୍ରୋନ୍ ୟୁନିଟ୍

ପାରାଦୀପ ୧୫।୧୧
(ଶରତ ରାଉତ)

ସାମ୍ପ୍ରତିକ ଭୂ-ରାଜନୈତିକ ଓ ସାମରିକ ଘଟଣାକ୍ରମକୁ ଦେଖିଲେ ଉପକୂଳ ଅଞ୍ଚଳ ଓ ବନ୍ଦରଗୁଡ଼ିକର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ହୃଦୟଙ୍ଗମ କରାଯାଇ ଓଡ଼ିଶା ସମେତ ପୂର୍ବ ଭାରତର ଉପକୂଳ ନିରାପତ୍ତା ନିମନ୍ତେ କେତେକ ବର୍ଦ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ତଟ ସୁରକ୍ଷା ବାହିନୀ(କୋଷ୍ଟଗାର୍ଡ) ପକ୍ଷରୁ ଯୋଜନା କରାଯାଇଛି। ତଦନୁଯାୟୀ ଓଡ଼ିଶାର ସବୁ ବନ୍ଦରରେ କୋଷ୍ଟଗାର୍ଡ ବର୍ଥ ସହିତ ପାଟ୍ରୋଲିଂ ଜାହାଜ ରହିବ। ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟ ଗାର୍ଡ ଶିପ୍। ସେହିପରି ପାରାଦୀପ ବନ୍ଦରରେ କୋଷ୍ଟଗାର୍ଡ ଶିପ୍ ସଂଖ୍ୟା ବଢ଼ାଯିବ। ଧାମରା ବନ୍ଦରରେ ଏକ ଡ୍ରୋନ୍ ୟୁନିଟ୍ ରହିବ। ଏନେଇ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଇକବାଲ ସିଂହ ଚୌହାନ ଶନିବାର ପାରାଦୀପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସବୁ ପ୍ରକଳ୍ପ ଓ ସୁରକ୍ଷା ସମ୍ପର୍କରେ କମାଣ୍ଡାଣ୍ଟ ଚୌହାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

ପାରାଦୀପରେ କୋଷ୍ଟଗାର୍ଡ ଆଞ୍ଚଳିକ ମୁଖ୍ୟାଳୟ (ଉତ୍ତର-ପୂର୍ବ) ଏବଂ କମାଣ୍ଡର ତଟ ସୁରକ୍ଷା ବାହିନୀ (ଓଡ଼ିଶା) ଦ୍ୱାରା ସମନ୍ୱିତ ଆଞ୍ଚଳିକ ସ୍ତରୀୟ ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କର୍ମଶାଳା ସମେତ ସମୁଦ୍ର ଅଭ୍ୟାସ ଶନିବାର କରାଯାଇଥିଲା। ଏଥିରେ ଅଂଶୀଦାର ଏବଂ ଓଡ଼ିଶାର ସମ୍ବଳ ସଂସ୍ଥା ଯଥା ଓସ୍ଡମା, ଜିଲା ପ୍ରଶାସନ, ବନ୍ଦର, କଷ୍ଟମ୍ସ, ଭାରତୀୟ ନୌସେନା, ସାମୁଦ୍ରିକ ପୋଲିସ, ଓଡ଼ିଶା ☞ପୃଷ୍ଠା-୨

# ନୌଗାମ୍ ଥାନାରେ ଫୁଟିଲା ଜବତ ବିସ୍ଫୋରକ: ୯ ମୃତ

- ୩୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଫରିଦାବାଦରୁ ମିଳିଥିଲା ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍



ଶ୍ରୀନଗର,୧୫।୧୧(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଅନ୍ତର୍ଗତ ନୌଗାମ୍ ଥାନାରେ ଶୁକ୍ରବାର ରାତିରେ ଏକ ଆକସ୍ମିକ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗତ ୯ ତାରିଖରେ ହରିୟାଣାର ଫରିଦାବାଦରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ ହେବା ସହ ସେଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀକୁ ଉକ୍ତ ଥାନାରେ ରଖାଯାଇଥିଲା। ପୋଲିସ ଓ ଫୋରେନ୍‌ସିକ୍ ଟିମ୍‌ର ଅଧିକାରୀମାନେ ପରୀକ୍ଷା ପାଇଁ ସେଥିରୁ ନମୁନା ବାହାର କରୁଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ରାସାୟନିକ ସାମଗ୍ରୀଗୁଡ଼ିକର ଅସ୍ଥିର ପ୍ରକୃତି ଯୋଗୁ ବିସ୍ଫୋରଣ ଘଟିଲା ବୋଲି କୁହାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ☞ପୃଷ୍ଠା-୨

ଅକ୍ଟୋବର ୧୯ରେ ଜମ୍ମୁ-କଶ୍ମୀର ନୌଗାମ୍‌ସ୍ଥିତ ବନପୋରା ଅଞ୍ଚଳରେ ପୋଲିସ ଓ ସୁରକ୍ଷା ବଳକୁ ଧମକ ଦେଇ ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟର ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ସହ ଜଡ଼ିତ ବୋଲି ପୋଲିସ ଦାବି କରିବା ସହ ନୌଗାମ୍ ଥାନାରେ ଏଫ୍ଆଇଆର୍ କରିଥିଲା। ନଭେମ୍ବର ୮ରେ ହ୍ୱାଇଟ୍ କୋଲାର ଆତଙ୍କବାଦ ସହ ଜଡ଼ିତ ଡାକ୍ତର ମୁଜାମ୍ମିଲ ଗନାଇଙ୍କ ହରିୟଣା ଫରିଦାବାଦସ୍ଥିତ ବାସଭବନରୁ ୩୬୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହୋଇଥିଲା। ନୌଗାମ୍ ଥାନାରେ ଏନେଇ ପ୍ରଥମ ମାମଲା ରୁଜୁ ହୋଇଥିବାରୁ ଜବତ ବିସ୍ଫୋରକ ସାମଗ୍ରୀକୁ ନଭେମ୍ବର ୧୩ରେ ସେଠାକୁ ନିଆଯାଇଥିଲା। ୧୪ ତାରିଖ ରାତି ୧୧ଟା ୩୦ରେ ଆମୋନିୟମ୍ ନାଇଟ୍ରେଟ୍‌ର ନମୁନା ଯାଞ୍ଚ ପାଇଁ ବାହାର କରାଯାଉଥିବାବେଳେ ହଠାତ୍ ତାହା ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ଏଥିରେ ଥାନା ଓ ଆଖପାଖ ଅଞ୍ଚଳ ଜଳିପୋଡ଼ି ଛାରଖାର ହୋଇଯାଇଛି। ଜଣେ ଇନ୍‌ସ୍ପେକ୍ଟର, ଫୋରେନ୍‌ସିକ୍ ଟିମ୍‌ର ୩ ସଦସ୍ୟ, ୨ କ୍ରାଇମ୍‌ବ୍ରାଞ୍ଚ ଫଟୋଗ୍ରାଫର, ୨ ରାଜସ୍ୱ ଅଧିକାରୀ ଓ ଜଣେ ଟେଲରଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଘଟଣା ଜବତ ବିସ୍ଫୋରକ ପରିଚାଳନା କ୍ଷେତ୍ରରେ ବିଧିବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି ବୋଲି ଅନେକେ ମତ ଦେଇଛନ୍ତି।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଜାତୀୟ ଉଦ୍ୟାନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଶନିବାରଠାରୁ ଆରମ୍ଭ ହୋଇଛି। ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍‌ଟିସିଏ)ର ଗାଇଡ୍‌ଲାଇନ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ମହାବଳ ବାଘ ଗଣନା ପରିଚାଳନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ☞ପୃଷ୍ଠା-୨




# କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ସ୍ୱାସ୍ଥ୍ୟସେବା ପ୍ରହସନ

## ଓପିଡି ସେଣ୍ଟରକୁ ଗଲେ ଧରାଇ ଦିଆଯାଉଛି ଥଣ୍ଡା, ଜ୍ୱର ବଟିକା

ଅନୁଗୋଳ, ୧୫।୧୧ (ମାନସ ବିଶ୍ୱାଳ)

ଅନୁଗୋଳସ୍ଥିତ ନାଲ୍‌କୋ କାରଖାନା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଛି ସ୍ୱାସ୍ଥ୍ୟକାର୍ଡ। ଏହି କାର୍ଡଧାରୀଙ୍କ ପାଇଁ ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ରହିଛି ଏକ ବହିର୍ଚ୍ଚିକିତ୍ସା କେନ୍ଦ୍ର ବା ଓପିଡି ସେଣ୍ଟର। ହେଲେ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ସ୍ୱାସ୍ଥ୍ୟକାର୍ଡଧାରୀଙ୍କ ମଧ୍ୟରୁ ଅନେକଙ୍କୁ ନିରାଶ ହେବାକୁ ପଡୁଛି। କାରଣ ଏହି ଓପିଡି ସେଣ୍ଟରରେ କେବଳ ଥଣ୍ଡା, କାଶ ଓ ଜ୍ୱର ବ୍ୟତୀତ ଅନ୍ୟ କୌଣସି ରୋଗର ଚିକିତ୍ସା ବ୍ୟବସ୍ଥା ନାହିଁ। ଏପରିକି ସାମାନ୍ୟ ଦୁର୍ଘଟଣାରେ ଆହତଙ୍କ ପାଇଁ ଏଠାରେ ଫାଷ୍ଟଏଡ୍ ସୁବିଧା ନ ଥିବାବେଳେ କୌଣସି ରୋଗରେ ଗୁରୁତର ହୋଇ ଆସୁଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଇବା ବ୍ୟବସ୍ଥା ନାହିଁ। ତେଣୁ କ୍ଷତିଗ୍ରସ୍ତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନାମରେ ନାଲ୍‌କୋ କେବଳ ଏକ ପ୍ରହସନ ଚଳାଇଛି ବୋଲି ଓପିଡି ସେଣ୍ଟରକୁ ଆସିଥିବା ଅନେକ ରୋଗୀ ଅଭିଯୋଗ କରୁଛନ୍ତି।

କେତେଜଣ କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ବଣ୍ଟେଇପାଳରେ ନାଲ୍‌କୋ କାରଖାନା ପ୍ରତିଷ୍ଠା ☞ପୃଷ୍ଠା-୨

# ରାଜନୀତି, ପରିବାର ଛାଡ଼ିଲେ ଲାଲୁଙ୍କ ଝିଅ

ନୂଆଦିଲ୍ଲୀ/ପାଟନା,୧୫।୧୧

ବିହାର ବିଧାନସଭା ନିର୍ବାଚନରେ ବିରୋଧୀ ମହାମେଣ୍ଟର ଶୋଚନୀୟ ପରାଜୟ ପରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବଙ୍କ ଦ୍ୱିତୀୟ ଝିଅ ରୋହିଣୀ ଆଚାର୍ଯ୍ୟ ଶନିବାର ରାଜନୀତି ଛାଡ଼ିଦେଇଛନ୍ତି। ଏଥିସହ ପରିବାର ସହ ମଧ୍ୟ ସବୁ ସମ୍ପର୍କ ଛିନ୍ନ କରିଥିବା ରୋହିଣୀ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଭଉଣୀ ରୋହିଣୀ ବୃତ୍ତିରେ ଜଣେ ଡାକ୍ତର। ସେ ୨୦୨୪ରେ ବିହାରର ସରନ ଲୋକ ସଭା ଆସନରୁ ଆର୍‌ଜେଡି ଟିକେଟରେ ନିର୍ବାଚନ ଲଢ଼ି ଭାଜପାର ରାଜୀବ ପ୍ରତାପ ରୁଡ଼ିଙ୍କଠାରୁ ☞ପୃଷ୍ଠା-୨


ଲାଲୁ ପ୍ରସାଦ ଯାଦବଙ୍କ ସହ ଝିଅ ରୋହିଣୀ ଆଚାର୍ଯ୍ୟ।

ଆଜିର ସମ୍ପାଦକୀୟ
ନୂତନ ଭାରତର ସ୍ଥିତି



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓୟୁଡବ୍ଲ୍ୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ହୋଟେଲ କେଶରୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପନୀ, ସ୍ଥାନ: ହୋଟେଲ ଲାଇଫ୍, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୫ମ ଲାସ୍ୟ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୭ଟା।

## କଟକ

- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଥ୍‌ଲେଟିକ ମିଟ୍-୨୦୨୫ ଉଦ୍‌ଯାପନ, ସ୍ଥାନ: ଗୋପବନ୍ଧୁ ଖେଳ ପଡିଆ, ଓଟିଏମ୍ କଲୋନୀ, ସମୟ: ଅପରାହ୍ନ ୩ ଟା।

## ଖୋର୍ଦ୍ଧା

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ସମୟ: ସକାଳ ୯ଟା ୧୫।

## ବାଲେଶ୍ୱର

- ଜାତୀୟ ପ୍ରେସ ଦିବସ, ସ୍ଥାନ: ବାହାର୍ଦ୍ଦା ପଞ୍ଚାୟତ ଅଫିସ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ, ସ୍ଥାନ: ବାଲେଶ୍ୱର କଲେଜ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ସେରଗଡ଼, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ରାଷ୍ଟ୍ରୀୟ ଯୁବ ସମ୍ମିଳନୀ, ସ୍ଥାନ: ଏବି କଲେଜ, ବାସୁଦେବପୁର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ପାରାବନ୍ଧ ଉଚ୍ଚ ବିଦ୍ୟାଳୟ ପରିସର, ବନ୍ତ, ସମୟ: ସକାଳ ୯ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଲକି ଇଣ୍ଡିଆ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ ଟା, ସ୍ଥାନ: ବିକାଶ ମହଲ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର, ମିସ୍ ଟିନ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତା-୨୫, ସ୍ଥାନ : ଅମୃତ ବିହାର ପରିସରସ୍ଥ ଗଙ୍ଗାଧର ମେହେର ସ୍ଥିତ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ : ସକାଳ ୯ଟା।
- ଉତ୍ତରାଞ୍ଚଳ ସ୍ତରୀୟ ପ୍ରଶାସନିକ ସମ୍ମିଳନୀ, ସ୍ଥାନ : ରିଭର ଇନ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ୩୦।
- ଶ୍ରୀଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟ ବୈଠକ, ସ୍ଥାନ : ଶ୍ରୀଅରବିନ୍ଦ ସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜନରେ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ : ପୂର୍ବାହ୍ନ ୧୧ଟା।
- ପ୍ରେସ କ୍ଲବ ଆୟୋଜନରେ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ସ୍ଥିତ ପ୍ରେସ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ସ୍ଥିତ ମାୟା ସାହିତ୍ୟ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁର ମହୋତ୍ସବ-୨୫ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲା ପ୍ରଶାସନ ଏବଂ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଏନ୍‌ଏସି ହଲ, ତୁଷରା, ସମୟ: ଅପରାହ୍ଣ ୩ଟା।

## ରାଉରକେଲା

- ଇଏସ୍‌ଆଇସି ହସ୍ପିଟାଲରେ ବିକ୍ଷୋଭ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ଡାହାର, ସମୟ: ପୂର୍ବାହ୍ନ ୧୦ଟା।
- ସୋମନାଥ ଜ୍ୟୋର୍ତିଲିଙ୍ଗ ଦର୍ଶନ ଓ ସାମୂହିକ ରୁଦ୍ର ପୂଜା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧ ଏନ୍‌ଆଇଟି ଗେଟ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇଜିଏଚ୍ ବଞ୍ଚାଅ ଅଭିଯାନ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟ, ସେକ୍ଟର-୧୮, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଡେ, ସ୍ଥାନ: ପିଏ ଆଇଟିଡିଏ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରେସ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁନାନକ ପବ୍ଲିକ ସ୍କୁଲ, ସେକ୍ଟର-୨୧, ସମୟ: ମଧ୍ୟାହ୍ନ ୧୨ଟା।
- ଡିସୋଜା ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨ ସ୍କୁଲ କ୍ୟାମ୍ପସ୍ ପରିସର, ସମୟ: ଅପରାହ୍ନ ୨ଟା।
- ମୁକ୍ତମଞ୍ଚ ନାଟକ, ସ୍ଥାନ: ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ସମୟ: ରାତି ୯ଟା।

## ବରଗଡ଼

- ରକ୍ତଦାନ, ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖଣ୍ଡହଥା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା।
- ଧନୁଯାତ୍ରା କଳାକାର ଚୟନ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା ୩୦।
- ଉପଖଣ୍ଡ ସ୍ତରୀୟ କୃଷି ଓ ଯନ୍ତ୍ରପାତୀ ମେଳା, ସ୍ଥାନ:ଅଶୋକ ପଡ଼ିଆ, ପଦ୍ମପୁର, ବରଗଡ଼, ସମୟ: ପୂର୍ବାହ୍ନ ୧୧।
- ମାଁ ପଁଦ୍ରାପାଟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବରାହଗୋଡ଼ା ଖେଳ ପଡିଆ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ମାଉଲସିଙ୍ଗା ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ବୁଢୁପାଲି, ବୌଦ୍ଧ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଜିଲାପାଳଙ୍କ ସମ୍ମୀଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଜନଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ଅଞ୍ଚଳର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଦେବଗଡ଼ ସର୍କିଟ ହାଉସ୍, ସମୟ: ମଧ୍ୟାହ୍ନ ୧୨ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବିନିକା କଲେଜ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଏନ୍‌ଏସି ପାଠାଗାର, ସମୟ: ସନ୍ଧ୍ୟା ୫ଟା।
- ତରଭା ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପରିଷଦ ଜୋନସ୍ତରୀୟ କ୍ରିକେଟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଦେଓବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ଲୋକାର୍ପଣ ସମାରୋହ ଭଜନ ତତ୍ତ୍ୱବୋଧ, ସ୍ଥାନ: ଭାଗବତ ଧର୍ମ ସାଂସ୍କୃତିକ ଅନୁଷ୍ଠାନ ଗୋଇମୁଣ୍ଡି ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

# ବିବାହ ବାର୍ଷିକୀରେ ବାପା ହେଲେ ରାଜକୁମାର



**ମୁମ୍ବାଇ:** ଅଭିନେତା ରାଜକୁମାର ରାଓ ପିତା ହୋଇଛନ୍ତି। ସ୍ତ୍ରୀ ପତ୍ରଲେଖା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ରାଜକୁମାର ଏବଂ ପତ୍ରଲେଖାଙ୍କ ବିବାହର ଚାରିବର୍ଷ ପୂରଣ ହେଉଥିବା ଦିନ ଏକ କନ୍ୟାସନ୍ତାନର ଆଗମନ ଅଭିନେତାଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ୪୧ ବର୍ଷ ବୟସରେ ପିତା ହୋଇଥିବା ରାଜକୁମାର ଇନ୍‌ଷ୍ଟାଗ୍ରାମରେ ଏହି ଖୁସି ଖବର ଶେୟାର କରି ଲେଖିଛନ୍ତି, ଆମର ଚତୁର୍ଥ ବିବାହ ବାର୍ଷିକୀରେ ଭଗବାନ୍ ଆମକୁ ସବୁଠାରୁ ବଡ଼ ଆଶୀର୍ବାଦ 'କନ୍ୟାସନ୍ତାନ' ରୂପେ ଦେଇଛନ୍ତି। ପତ୍ରଲେଖାଙ୍କୁ ୧୫ ନଭେମ୍ବର ୨୦୨୧ରେ ବିବାହ କରିଥିଲେ ରାଜକୁମାର।

# ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ ବେଳେ ଯାଚନ୍ତି କୁକୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫେଡା ।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ ଯାଚୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗୁଲି ଚଳେ, ପଛୁଲି ବୋଲେ,**
**ମଝୁଲି ବନ୍ଧୁ ଦର୍ଶନ କରେ ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଶିମିଳିପାଳରେ ବାଘ...

ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ପ୍ରକାଶ ଯେ, ରୟାଲ ବେଙ୍ଗଲ ଟାଇଗର ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନ ବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନ୍‌ଟିସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାଶୀ ଓ ଶାକାହାରୀ ପ୍ରାଣୀଙ୍କ ସାଇନ ସର୍ଭେ ୩ ଦିନ ଧରି ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ(ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପ୍ରଜାତିର ପକ୍ଷୀ ଗଣନା କରାଯିବ। ଏଥିପାଇଁ ୧୦୩ଟି ବିଟ୍ ହାଉସରେ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ପର୍ଯ୍ୟାୟ-୨ ନଭେମ୍ବର୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହା ମାଧ୍ୟମରେ ମାଂସାଶୀ ପ୍ରାଣୀଙ୍କ ବାସସ୍ଥାନ ଏବଂ ଶାକାହାରୀ ପ୍ରାଣୀଙ୍କ ଘନତ୍ୱକୁ ଗଣନା କରାଯିବ। ସେହିପରି ପର୍ଯ୍ୟାୟ-୧ ଶେଷ ହେବା ପରେ ଡିସେମ୍ବରଠାରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କି.ମି. ଗ୍ରୀଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା କରାଯିବ। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ପୂର୍ବ ଗଣନା ଅନୁଯାୟୀ ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ପାରକରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋର ...

ହେବାର ପ୍ରାୟ ୪୪ ବର୍ଷ ବିତିଯାଇଛି। କମ୍ପାନୀ ସ୍ଥାପନ ବେଳେ କ୍ଷତିଗ୍ରସ୍ତଙ୍କୁ ନାଲ୍‌କୋ ପକ୍ଷରୁ ଯେଉଁସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରିବାରେ ବିଫଳ ହୋଇଛି। କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ନାଲ୍‌କୋ ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତୀତରେ ନାଲ୍‌କୋ ନିଜସ୍ୱ ଡାକ୍ତରଖାନା ଖୋଲି ଚିକିତ୍ସା ଯୋଗାଇ ଦେଉଥିଲା। ଏହାର କିଛି ବର୍ଷ ପରେ ଏଥିପାଇଁ ଏକ ଏନ୍‌ଜିଓକୁ ନାଲ୍‌କୋ ଦାୟିତ୍ୱ ଦେଇଥିଲା। ଉକ୍ତ ଏନ୍‌ଜିଓ ପକ୍ଷରୁ ଜଣେ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ବିଭିନ୍ନ ସମୟରେ ଗାଁ ଗୁଡ଼ିକରେ କ୍ୟାମ୍ପ ପକାଇ କେବଳ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତଙ୍କୁ ଔଷଧ ପ୍ରଦାନ କରୁଥିଲା। ପ୍ରାୟ ୧୦ ବର୍ଷ ହେବ ନାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ବନ୍ଦ ହୋଇଯାଇଥିବା ବେଳେ ନାଲ୍‌କୋ କଲୋନି ପରିସରରେ ଏକ ଓପିଡି ସେଣ୍ଟର ଖୋଲାଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳର ଯେଉଁ ପ୍ରଜା ନାଲ୍‌କୋ ଦ୍ୱାରା ବର୍ହିଚିକିତ୍ସା ପଞ୍ଜୀକରଣ ପତ୍ର ବା ସ୍ୱାସ୍ଥ୍ୟକାର୍ଡ ହାସଲ କରିଛନ୍ତି, ସେହିମାନେ ଏହି ଓପିଡି ସେଣ୍ଟରରୁ ସ୍ୱାସ୍ଥ୍ୟସେବା ପାଇବାର ବ୍ୟବସ୍ଥା ରହିଛି। ଓପିଡି ସେଣ୍ଟରରେ ମାତ୍ର ୨ରୁ ୩ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏହି ଡାକ୍ତରମାନେ ନିୟମିତ ଓପିଡି ସେଣ୍ଟରକୁ ଆସୁ ନ ଥିବା ବେଳେ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସଂଗୃହୀତ ବଳକା ଔଷଧ ଓ କମ୍ ଦିନର ଅବଧି ଥିବା ଔଷଧ ଦିଆଯାଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଯେକୌଣସି ରୋଗ ହୋଇଥିଲେ ମଧ୍ୟ ସେହି ଥଣ୍ଡା, କାଶ ଓ ଜ୍ୱର ଔଷଧ ଦିଆଯାଉଛି। ବହୁ ରୋଗୀଙ୍କୁ ବାହାରୁ ଔଷଧ କିଣି ନେବାକୁ ମଧ୍ୟ ଚିଠା ଧରାଇ ଦିଆଯାଉଛି। ନାଲ୍‌କୋ ନିଜର କର୍ମଚାରୀଙ୍କ ଉନ୍ନତ ଚିକିତ୍ସା ସୁବିଧା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା, ମାଗଣା ଔଷଧ, ରେଫର ଆଦି ବ୍ୟବସ୍ଥା ସହ ବହୁକୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କ ଚିକିତ୍ସା ବ୍ୟବସ୍ଥା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରୁଥିବା କେତେଜଣ ରୋଗୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। କାଣ୍ଡସର ଗ୍ରାମର ଟିକମ ବେହେରା କହିଛନ୍ତି, ଓପିଡି ସେଣ୍ଟରକୁ ଗଲେ ରୋଗୀଙ୍କୁ ମେଡିଶିନ ନାହିଁ, ବାହାରୁ ନେଇଯିବ ବୋଲି କହି ଡାକ୍ତରମାନେ ମୁହଁ ବୁଲାଇ ଦେଉଛନ୍ତି। ଭଲ ବ୍ୟବହାର କରୁନାହାନ୍ତି। ତେଣୁ ବାଧ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହେଉଛୁ। କାଙ୍ଗୁଲାର ବେବି ସେଠ କହିଛନ୍ତି, ସପ୍ତାହେ ହେଲା ଜ୍ୱର ଛାଡୁନି। ନାଲ୍‌କୋ ଓପିଡି ସେଣ୍ଟରକୁ ଯାଇଥିଲି। ଡାକ୍ତର ରକ୍ତ ପରୀକ୍ଷା କଲେ ନାହିଁ। କେବଳ ଜ୍ୱର ଔଷଧ ଲେଖି ବାହାରୁ ନେବାକୁ କହି ବିଦା କରିଦେଲେ। ନାଲ୍‌କୋରୁ ମିଳିଥିବା ବର୍ହିଚିକିତ୍ସା ପଞ୍ଜୀକରଣ ପତ୍ର ମୂଲ୍ୟହୀନ ବୋଲି ବେବି ପ୍ରକାଶ କରିଛନ୍ତି। ଗୋତମରା ସରପଞ୍ଚ ମଣ୍ଟୁ ବରାହ କହିଛନ୍ତି, ସ୍ୱାସ୍ଥ୍ୟସେବା ତ ଦୂରର କଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପ୍ରତି ନାଲ୍‌କୋ ଆଦୌ ଧ୍ୟାନ ଦେଉନାହିଁ। ଗାଁ ସ୍କୁଲ, ରାସ୍ତା ତିଆରି, ପାନୀୟ ଜଳ, ପରିମଳ, ବିଜୁଳି, ଖେଳପଡ଼ିଆ ଓ ପୁରୁଣା କାର୍ଯ୍ୟ ଗୁଡ଼ିକର ରକ୍ଷଣାବେକ୍ଷଣ ଆଦି ଦାବି ନେଇ ବହୁବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଛୁ। ହେଲେ ସମାଧାନ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି। ଅଭିଯୋଗ ସମ୍ପର୍କରେ ନାଲ୍‌କୋ ଲୋକସମ୍ପର୍କ ବିଭାଗ ଅଧିକାରୀ କହିଛନ୍ତି, ଆମେ ତାହା ବୁଝୁନାହୁଁ। କର୍ପୋରେଟ କମ୍ୟୁନିକେଶନ ସହ ଯୋଗାଯୋଗ କରନ୍ତୁ।




ଅନୁଗୋଳ ଜିଲା ନାଲ୍‌କୋ କଲୋନୀରେ ଥିବା ଓପିଡି ସେଣ୍ଟର।

## ନୌଗାମ୍ ଥାନାରେ...

ମୃତଦେହ ୩୦୦ ମିଟର ଦୂରକୁ ଛିଟିକି ପଡ଼ିଥିବା ଦେଖାଯାଇଛି। ଏହା ଆତଙ୍କବାଦୀ ଆକ୍ରମଣ ବୋଲି ହେଉଥିବା କଳ୍ପନାଜଳ୍ପନାକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନଳୀନ ପ୍ରଭାତ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ପ୍ରଶାନ୍ତ ଲୋଖଣ୍ଡେ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣା ଥିଲା ବୋଲି ସେମାନେ ଗଣମାଧ୍ୟମକୁ କହିଛନ୍ତି। ବିସ୍ଫୋରଣରେ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି(ଏଫ୍‌ଏସ୍‌ଏଲ୍) ଟିମ୍‌ର ୩ ଅଧିକାରୀ, ମାଜିଷ୍ଟ୍ରେଟ୍ ଟିମ୍‌ର ୨ ରାଜସ୍ୱ ଅଧିକାରୀ, ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ ଅଫିସର ଏବଂ ଟିମ୍ ସହ ଜଡ଼ିତ ଜଣେ ଦରଜିଙ୍କର ମୃତ୍ୟୁ ଘଟିଛି। ମୃତଦେହଗୁଡ଼ିକୁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ନିଆଯାଇଛି। ଏହା ବ୍ୟତୀତ ୨୭ ଜଣ ପୋଲିସ କର୍ମଚାରୀ, ୨ ରାଜସ୍ୱ ଅଧିକାରୀ ଏବଂ ନିକଟରେ ଥିବା ୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଫରିଦାବାଦରୁ ଗିରଫ ଡା. ମୁଜାମ୍ମିଲ ଗନାଇଙ୍କ ଭଡ଼ାଘରୁ ଆମୋନିୟମ୍ ନାଇଟ୍ରେଟ୍ ସମେତ ୩୬୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଥିଲା। ଏହାକୁ ନୌଗାମ୍ ଥାନାରେ ଗଚ୍ଛିତ ରଖାଯାଇଥିଲା। ବିସ୍ଫୋରଣରେ ଥାନା ବିଲ୍ଡିଂ ଧ୍ୱଂସହେବା ସହ ଥାନା ପରିସରରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆଖପାଖରେ ଥିବା ଘରଗୁଡ଼ିକର ଝରକା କାଚ ଭାଙ୍ଗିଯାଇଛି। ବିସ୍ଫୋରଣର ପ୍ରଭାବ ଅନେକ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ରାତିଅଧିଆ ବିସ୍ଫୋରଣ ପରେ ପୋଲିସ ଉକ୍ତ ଅଞ୍ଚଳକୁ ସିଲ୍ କରିଦେଇଛି। ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଓ ଅନ୍ୟ ନେତାମାନେ ଦୁଃଖ ପ୍ରକାଶ କରିଛନ୍ତି। ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁରେ ଥିବା ଏକ ବୈଠକକୁ ବାତିଲ କରିଦେଇଛନ୍ତି। ସିହ୍ନା ବିସ୍ଫୋରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ମଧ୍ୟଭାଗରେ ବୁନପୋରା ଏବଂ ନୌଗାମ୍‌ରେ ପୋଲିସ ଓ ସୁରକ୍ଷା ବଳ ବିରୋଧରେ ଧମକପୂର୍ଣ୍ଣ ପୋଷ୍ଟର ଲଗାଯିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପ୍ରଥମେ ଅରିଫ୍ ନିସାର ଦର ଓରଫ ସାହିଲ, ୟାସିର ଉଲ୍-ଅଶ୍ରଫ୍ ଏବଂ ମକ୍‌ସୁଦ୍ ଅହମଦ ଦର ଓରଫ ଶହିଦଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ମିଳିଥିବା ସୂଚନାକ୍ରମେ ପୋଷ୍ଟର ଯୋଗାଣକାରୀ ମୌଲବୀ ଇର୍‌ଫାନ ଅହମଦ୍‌ଙ୍କୁ ଗିରଫ କରାଯାଇଥିଲା। ଶେଷରେ ତଦନ୍ତର ଚେର ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ବୋଲି ଜଣାପଡ଼ିଥିଲା, ଯେଉଁଠୁ ଡା. ଗନାଇ ଏବଂ ଡା. ଶାହିନ ସୟିଦଙ୍କୁ ଗିରଫ କରାଯିବା ସହ ବିପୁଳ ବିସ୍ଫୋରଣ ଜବତ ହୋଇଥିଲା। ୧୦ ତାରିଖରେ ଏହି ଖବର ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଏକ କାର୍ ବିସ୍ଫୋରଣରେ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଉକ୍ତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡା. ନବୀ, ଡା. ଗନାଇ ଏବଂ ଫେରାର ଥିବା ମୁଜାଫର ରାଠେର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ଚଳାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ମୁଜାଫରଙ୍କ ଭାଇ ଡା. ଆଦିଲ ରାଠେରଙ୍କ ସମେତ ୮ ଜଣଙ୍କର ଉକ୍ତ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି।

## ରାଜନୀତି, ପରିବାର ...

ହାରିଯାଇଥିଲେ। ରୋହିଣୀ ଶନିବାର 'X'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ସେ ରାଜନୀତି ଛାଡୁଛନ୍ତି ଏବଂ ପରିବାର ସହ ସମ୍ପର୍କ ତୁଟାଉଛନ୍ତି। ତେଜସ୍ୱୀଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଯାଦବ ଓ ରମିଜ୍ ତାଙ୍କୁ ଏପରି କରିବାକୁ କହିଛନ୍ତି। ତେଣୁ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିବା ସେ ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୨୨ରେ ଲାଲୁଙ୍କ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ରୋହିଣୀ ତାଙ୍କୁ ନିଜର ଗୋଟିଏ କିଡ୍‌ନୀ ଦାନ କରିଥିଲେ। ଇତିମଧ୍ୟରେ ବଡ଼ପୁଅ ତେଜପ୍ରତାପ ଯାଦବ ଜଣେ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଲାଲୁ ତାଙ୍କୁ ନିର୍ବାଚନ ପୂର୍ବରୁ ପରିବାରରୁ ବିଦା କରିବା ସହ ଆର୍‌ଜେଡିରୁ ୬ ବର୍ଷ ପାଇଁ ନିଲମ୍ବନ କରିଥିଲେ। ତେଜପ୍ରତାପ ଜନଶକ୍ତି ଜନତା ଦଳ ଗଢ଼ି ବିଧାନସଭା ନିର୍ବାଚନ ଲଢ଼ିଥିଲେ। ତାଙ୍କ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାବେଳେ ତେଜପ୍ରତାପ ନିଜେ ମଧ୍ୟ ମହୁଆ ଆସନରେ ୩ ନମ୍ବରକୁ ଖସିଯାଇଥିଲେ। ଏବେ ରୋହିଣୀଙ୍କ ଦଳତ୍ୟାଗ ଓ ପରିବାର ସହ ସମ୍ପର୍କ ଛିନ୍ନ ଘଟଣା କେବଳ ଲାଲୁଙ୍କ ପାରିବାରିକ କଳହକୁ ବଢ଼ାଇବ ତାହା ନୁହେଁ, ବରଂ ଆର୍‌ଜେଡି ପାଇଁ ଆହୁରି ବଡ଼ ବିପର୍ଯ୍ୟୟକୁ ଡାକିଆଣିବ ବୋଲି କୁହାଯାଉଛି। ନିର୍ବାଚନରେ ଉଭୟ ତେଜସ୍ୱୀ ଓ ତେଜପ୍ରତାପ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଥିଲେ। ବିହାର ବିଧାନସଭାର ୨୪୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୪୩ଟିରେ ନିର୍ବାଚନ ଲଢ଼ିଥିବା ଆର୍‌ଜେଡି ମାତ୍ର ୨୫ରେ ସୀମିତ ରହିଯାଇଛି। ଏହା ପରେ ଲାଲୁ ପରିବାରରେ ବଡ଼ ବିଭ୍ରାଟ ସୃଷ୍ଟି ହୋଇଥିବାରୁ ରୋହିଣୀ ଏପରି ନିଷ୍ପତ୍ତି ନେଇଥିବା ମନେ କରାଯାଉଛି।

## ଓଡ଼ିଶାର ସବୁ ବନ୍ଦରରେ ...

ପୋଲିସ, ସିଆଇଏସ୍‌ଏଫ୍, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ଏବଂ ଜିଲା ଚିକିତ୍ସା ବିଭାଗ ଆଦି ସାମିଲ ହୋଇଥିଲା। କର୍ମଶାଳାରେ ଟେବୁଲ୍ ଟପ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା। ପାରାଦୀପରେ ସମୁଦ୍ର ଅଭ୍ୟାସବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏଜେନ୍ସିଗୁଡିକ କିଭଳି ବାସ୍ତବ ସମୟରେ ସାମୂହିକ ଉଦ୍ଧାର କାର୍ଯ୍ୟ, ଚିକିତ୍ସା ଏବଂ ଉଦ୍ଧାର କାର୍ଯ୍ୟ କରିବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଜାହାଜ ମଧ୍ୟରେ ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟ ତଥା ଡିଆଇଜି ସଞ୍ଜୟ ନେଗୀ ସର୍ଚ୍ଚ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ମାନସିକ ସ୍ତରରେ ଶିଥିଳତା ଅନୁଭବ କରିବେ। ବନ୍ଧୁଙ୍କ ସହାୟତାରେ ଅର୍ଥ, ଜମିଜମା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** - କର୍ମସ୍ଥାନରେ ରାହୁଙ୍କ ଅବସ୍ଥିତିଜନିତ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ପଡ଼ୋଶୀ ସହଯୋଗରୁ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି।

**ମିଥୁନ** - ମଙ୍ଗଳ ସହ ବୁଧ ଷଷ୍ଠ ସ୍ଥାନରେ ରହିଥିବାରୁ ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସାହିତ୍ୟ, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଶୁଭଫଳ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହୋଇପାରନ୍ତି।

**କର୍କଟ** - ଭାଗ୍ୟାଧିପତି ବୃହସ୍ପତି ଆର୍ଥିକ ଉନ୍ନତି କରାଇଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ସବୁ କଥା ଚିନ୍ତା କରି କାମ ନ କଲେ କଳହ ଲାଗିପାରେ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** - ରାଶିରେ କେତୁ ଅବସ୍ଥାନ କରିଥିବାରୁ ନିଜର ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** - ଆଜି ବ୍ୟୟଭାର ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା** - ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସୁଖ, ସମ୍ମାନ ପାଇବା ସାଙ୍ଗକୁ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। କର୍ମକ୍ଷେତ୍ରରେ କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡିପାରେ ।

**ବିଛା** - ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ରାହୁଙ୍କ ପ୍ରଭାବରେ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** - ତୃତୀୟଭାବ ପ୍ରାପଗ୍ରହ ପ୍ରଭାବଗ୍ରସ୍ତ ଯୋଗୁ ନିଜ ଲୋକ ବିରୋଧ କରିପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର** - କର୍ମସ୍ଥାନରେ ରବି ଓ ଶୁକ୍ରଙ୍କ ଅବସ୍ଥିତି କାରଣରୁ କର୍ମାରମ୍ଭ କରି ଆତ୍ମତୃପ୍ତି ଲାଭ କରିବେ। ପାରିବାରିକ ସହଯୋଗରୁ କାର୍ଯ୍ୟସିଦ୍ଧି ହେତୁ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** - ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ଦୀର୍ଘକାଳୀନ ନୀରବତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** - କୋଣଭାବସ୍ଥ ଦେବଗୁରୁଙ୍କ ଶୁଭ ପ୍ରଭାବ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଘଟାଇପାରେ। ପିଲାଙ୍କ ସମସ୍ୟା ସମାଧାନଜନିତ ମନ ଅସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଉପୁଜିପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ଦ୍ୱାଦଶୀ ରବିବାର, ରାମାନୁଜ ବୈଷ୍ଣବ ସମ୍ମତ ଉତ୍ପନ୍ନା ଏକାଦଶୀ, ରାଶି/ନକ୍ଷତ୍ର- ହସ୍ତା/କନ୍ୟା। ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୪୩ ଗତେ ଘ. ୦୮।୫୬ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୩।୪୦ ଗତେ ଘ.୦୫।୦୩ ମଧ୍ୟେ ରାହୁ କାଳ ।

## କୋଟିଆରୁ ତଡ଼ା ଖାଇଲା ଆନ୍ଧ୍ର ଟିମ୍




# ଜୟଙ୍କ ନେତୃତ୍ୱରେ ୧ ନମ୍ବର ଜିଲା ହେବ ନୂଆପଡ଼ା: ମୁଖ୍ୟମନ୍ତ୍ରୀ

- ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ଜୟ ଢୋଲକିଆ
- ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ: ମନମୋହନ
- ନୂଆପଡ଼ାର ଜନସାଧାରଣଙ୍କ ବିଜୟ ହୋଇଛି: ଜୟ

ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)



ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ ପରେ ଜୟ ଢୋଲକିଆ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିଠା ଖୁଆଉଛନ୍ତି। ନିକଟରେ ଅଛନ୍ତି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ।

ଭାଜପା ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ଭାଜପା ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ଭାଜପା ସରକାର ସେଠାରେ ୧୪୨୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ୧ ନମ୍ବର ଜିଲା ହେବ। ନୂଆପଡ଼ାକୁ ନବନିର୍ବାଚିତ ବିଧାୟକ ନୂଆ ରୂପ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଜୟ ଢୋଲକିଆ ଶନିବାର ପହଞ୍ଚି ମୁଖ୍ୟମନ୍ତ୍ରୀ ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ତାଙ୍କ ପାଇଁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା, ଏବେ ଜୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭାଜପା ସରକାର ୧୬ ମାସ ଅତିକ୍ରମକରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ୬ ମାସ ପୂର୍ବରୁ ନୂଆପଡ଼ା ଜିଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେବାବେଳେ ଭାଜପା ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି ବୋଲି ସେ କହିଛନ୍ତି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ନୂଆପଡ଼ାବାସୀଙ୍କ ଆଶୀର୍ବାଦ କାରଣରୁ ଜୟ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ଭାଜପା ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ ବୋଲି ସେ କହିଛନ୍ତି। ଏହି ବିଜୟ ପାଇଁ ଢୋଲକିଆ ନୂଆପଡ଼ାବାସୀଙ୍କୁ ଅଶେଷ ଧନ୍ୟବାଦ ଦେଇ କହିଛନ୍ତି, ୧୧ ତାରିଖରେ ନୂଆପଡ଼ାବାସୀ ଗଣତନ୍ତ୍ରର ଏହି ମହାପର୍ବକୁ ପାଳନ କରି ପାଖାପାଖି ୮୩% ଭୋଟିଂ କରିଛନ୍ତି। ନୂଆପଡ଼ା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ବିଜୟ ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାରର ବିଜୟ ହୋଇଛି। ମୁଖ୍ୟମନ୍ତ୍ରୀ ଯିଏ ନୂଆପଡ଼ା ଜିଲାର ବିକାଶ ଦାୟିତ୍ୱ ନେଇଛନ୍ତି ଏହା ହେଉଛି ତାଙ୍କର ବିଜୟ। ଭାଜପା ଶୀର୍ଷ ନେତୃମଣ୍ଡଳୀ ଯେଉଁଭଳି ଜଣେ ନୂଆ ସଦସ୍ୟଙ୍କୁ ଗୋଟିଏ ପରିବାର ଭଳି ପଥପ୍ରଦର୍ଶନ କଲେ, ଉପନିର୍ବାଚନ ସଞ୍ଚାଳନ କଲେ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନୂଆପଡ଼ାବାସୀ ଲୋକଙ୍କୁ ଏକତ୍ରିତ କରି ଯେଉଁଭଳି ଉପନିର୍ବାଚନ ଶେଷକଲେ ସେଥିପାଇଁ ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଭଞ୍ଜ ରାଜବଂଶ ପ୍ରତିଷ୍ଠା କରିଥିବା ମନ୍ଦିରରୁ କୋଟିଏ ଟଙ୍କାର ମୂର୍ତ୍ତି ଚୋରି

ଭଞ୍ଜନଗର,୧୫।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ନାରାୟଣପାଟଣାସ୍ଥିତ ନାରାୟଣ ସ୍ୱାମୀ ମନ୍ଦିରରୁ ଶୁକ୍ରବାର ରାତିରେ ଏକ ବଡଧରଣର ଚୋରି ହୋଇଛି। ପ୍ରାୟ ୩ଶହ ବର୍ଷ ତଳର ଅଷ୍ଟଧାତୁ ନିର୍ମିତ ୪ଟି ରାଧାକୃଷ୍ଣ ମୂର୍ତ୍ତି, ୨ଟି ନର୍ତ୍ତକୀ ମୂର୍ତ୍ତି ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ତାରସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍‌ଡିପିଓ ଡ. ଦୀପକ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରିରେ ଏକ ବଡଧରଣର ରାକେଟ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରିଥିବା ଜଣାପଡିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଘୁମୁସର ରାଜା ଭଞ୍ଜ ରାଜବଂଶ ପକ୍ଷରୁ ୧୭୬୦ରେ ଘୁମୁସରର ରାଜଧାନୀ କୁଲାଡ ଏବଂ କୁଲାଡକୁ ଲାଗି ଥିବା ନାରାୟଣ ପାଟଣାରେ ଏକାଧିକ ମନ୍ଦିର ନିର୍ମାଣ ହୋଇଥିଲା। ସେଥିମଧ୍ୟରୁ କୁଲାଡ ଜଗନ୍ନାଥ ମନ୍ଦିର ଏବଂ ନାରାୟଣ ମନ୍ଦିର ଅନ୍ୟତମ ଥିଲା। ୧୯୯୩ରେ କୁଲାଡ ଜଗନ୍ନାଥ ମନ୍ଦିରରୁ ସମସ୍ତ ଅଳଙ୍କାର ଚୋରି ହୋଇଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଲୁଟ ଅଳଙ୍କାରର କୌଣସି ସନ୍ଧାନ ମିଳୁନାହିଁ। ଏଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ନାରାୟଣସ୍ୱାମୀ ମନ୍ଦିରରୁ ଚୋରି ହୋଇଛି। ଚୋରି ମୂର୍ତ୍ତିଗୁଡ଼ିକ ପ୍ରାୟ ସାଢ଼େ ୪ ଫୁଟରୁ ଅଢେଇ ଫୁଟ ମଧ୍ୟରେ ହେବ। ରାତି ସାଢ଼େ ୮ଟାରେ ନୀତି ଶେଷ ପରେ ପୂଜାରୀ ମନ୍ଦିର ତାଲା ପକାଇ ଯାଇଥିଲେ। ଶନିବାର ସକାଳେ ମନ୍ଦିର ଖୋଲିବାକୁ ଆସିବା ସମୟରେ ମନ୍ଦିରରୁ ଚୋରି ହୋଇଥିବା ଜାଣିଥିଲେ। ପରେ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ଆରମ୍ଭ କରିଥିବା ପୋଲିସ ଚୋରିର କିଛିଟା ସୁରାକ ପାଇଛି। ସପ୍ତାହେ ମଧ୍ୟରେ ଘଟଣାର ରହସ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି।

# ୬ ସ୍ଥାନରେ ଖୋଲିଲା ଇକୋ ରିଟ୍ରିଟ୍

ଦାରିଙ୍ଗବାଡ଼ି/ଟିକିଟି,୧୫।୧୧
(ଅରୁଣ ସାହୁ/ପ୍ରକାଶ ଚନ୍ଦ୍ର ସାହୁ)



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିଡିଓ କନ୍‌ଫରେନ୍ସରେ ଇକୋ ରିଟ୍ରିଟ୍‌ଗୁଡ଼ିକୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟରେ ଶନିବାର ୬ଟି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ହେଲା କେନ୍ଦ୍ରାପଡ଼ାର ଭିତରକନିକା, ଅନୁଗୋଳର ସାତକୋଶିଆ, ସମ୍ବଲପୁରର ହୀରାକୁଦ, କନ୍ଧମାଳର ଦାରିଙ୍ଗବାଡ଼ି, ଗଞ୍ଜାମର ସୁନାପୁର ଓ କୋରାପୁଟର ପୁଟସିଲ।

ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍ ପରିସର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲାପାଳ ବେଦଭୂଷଣ, ଏସ୍‌ପି ହରିଶ ବିସି, ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସ, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଉପଜିଲାପାଳ ଭିକାରି ସାହୁ, ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ବ୍ଲକ୍ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର, ଡିଏସ୍‌ପି କନକ ମାଝୀ, ଏମ୍‌ପି ପ୍ରତିନିଧି ବିଷ୍ଣୁ ଚରଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ କୁହୁଡୁନୀ ମଲ୍ଲିକ ପରିଚାଳନା କରିଥିଲେ।

ପ୍ରକାଶ ଯେ, ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ ଉପମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ଯେ, କୁହୁଡିର ପାହାଡ଼ ସହ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଅଧିକ ପସନ୍ଦ କରିଥାନ୍ତି। ଏହି ଅବସରରେ କନ୍ଧମାଳ ଜିଲାପାଳ ବେଦଭୂଷଣ କହିଲେ, ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ପସନ୍ଦ କରନ୍ତି। ଜିଲାର ଅନ୍ୟ ପର୍ଯ୍ୟଟନକ୍ଷେତ୍ର ମୁକୁଳିଙ୍ଗିଆ, ରାଇକିଆ ମଣ୍ଡାସରୁ ଓ ଫୁଲବାଣୀ, କୋଟଗଡ଼ ଆଦି ଅଞ୍ଚଳରେ ରହିଥିବା ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକଙ୍କୁ ବହୁଳ ପରିଚିତ କରାଇବା ନେଇ କହିଥିଲେ। ସେହିପରି ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକ ଏଠାରେ ରହଣି କଲେ ବ୍ୟବସାୟୀଙ୍କ ରୋଜଗାର ଦ୍ୱିଗୁଣିତ ହୋଇପାରିବ। ଫଳରେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ସୂଚନା ଯୋଗ୍ୟ, ଦାରିଙ୍ଗବାଡି ଇକୋ ରିଟ୍ରିଟରେ ମୋଟ ୨୫ଟି ବିଳାସପୂର୍ଣ୍ଣ ସ୍ୱିସ୍ ତମ୍ବୁ ଟଣାଯାଇଛି। ସେଥିରେ ପର୍ଯ୍ୟଟକଙ୍କ ପାଇଁ ଡିଲକ୍ସ ତମ୍ବୁ ୪ ହଜାର ଓ ୫ଟି ପ୍ରିମିୟମ ତମ୍ବୁ ୫ ହଜାର ରହିଛି। ଏଥିରେ ଜିଏସ୍‌ଟି ସଂଯୁକ୍ତ ରହିଛି। ଏହି ତମ୍ବୁ ଭିତରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହ ଗରମପାଣି, କଫି, ସହ ଦେୟମୁକ୍ତ ବ୍ୟବହାରିକ ସାମଗ୍ରୀ ଶାର୍ଟ, କ୍ୟାପ୍, ଫୋଲଡର ପ୍ରଦାନ କରାଯାଉଛି। ସେହିପରି ଦାରିଙ୍ଗବାଡି ଓ ତା'ର ପଡୋଶୀ ବ୍ଲକରେ ରହିଥିବା ପର୍ଯ୍ୟଟନ କ୍ଷେତ୍ର ଉକ୍ତ ଦେୟ ମଧ୍ୟରେ ବୁଲାଇବା ବ୍ୟବସ୍ଥା ରହିଛି।

ସେହିପରି ଗଞ୍ଜାମ ଜିଲା ଟିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଶୁଭାରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ଆସନ୍ତା ବର୍ଷ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବେଳାଭୂମିରେ ଆୟୋଜିତ ଏକ ସଭାରେ ବ୍ରହ୍ମପୁର ଏମ୍‌ପି ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସୁନାପୁରର ଏହି ବେଳାଭୂମିରେ ହୋଇଥିବା ଇକୋ ରିଟ୍ରିଟ୍‌ରୁ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭଲ ରୂପେ ଉପଭୋଗ କରିପାରିବେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୫ଟି ତମ୍ବୁ ଘର ନିର୍ମାଣ କରାଯାଇଛି। ସେଥିରୁ ୨୦ଟି ଡିଲକ୍ସ, ୫ଟି ପ୍ରିମିୟମ ବର୍ଗର ରହିଛି। ଏହା ଶୀତତାପ ନିୟନ୍ତ୍ରିତ କକ୍ଷ ହୋଇଥିବା ବେଳ ରେସ୍ତୁରାଣ୍ଟ ଓ ସମ୍ମିଳନୀ କକ୍ଷ ସୁବିଧା ରହିଛି। ଚଳିତ ବର୍ଷ ଭଡା ଯଥାକ୍ରମେ ୪୫୦୦ ଓ ୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଶନିବାର ପ୍ରଥମ ଦିନରେ ୧୩ଟି ରୁମ ବୁକିଂ ହୋଇଥିବା ଜଣାପଡିଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଜିଲାପାଳ ଭି.କିର୍ତ୍ତୀ ଭାସନ, ଜିଲା ପର୍ଯ୍ୟଟକ ଅଧିକାରୀ ସାରଥୀ ପାର୍ଥ, ଓଟିଡିସି କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଜେନା, ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, ବିଡିଓ ବିବେକାନନ୍ଦ ମିଶ୍ରଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ହାତୀ ଶାବକର ମୃତଦେହ ଠାବ

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାରିପଦା ରେଞ୍ଜ୍ ହଳଦୀବଣୀ ଜଙ୍ଗଲରେ ଠାବ ହୋଇଥିବା ମୃତ ହାତୀ ଶାବକ।

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ତଥା ରେଞ୍ଜ୍ ଅଧୀନ ହଳଦୀବଣୀ ଜଙ୍ଗଲରେ ଏକ ହାତୀ ଶାବକର ମୃତଦେହ ଶନିବାର ଠାବ ହୋଇଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଇ ନମୁନା ସଂଗ୍ରହ କରିଛନ୍ତି। ୧୫ ଦିନ ମଧ୍ୟରେ ୨ଟି ହାତୀ ଶାବକର ଅସ୍ୱାଭାବିକ ମୃତ୍ୟୁକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ଟିକିଆ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ହାତୀପଲରେ ଥିବା ଏକ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ହାତୀପଲରୁ ଏକ ଶାବକର ମୃତ୍ୟୁ ଘଟିଥିଲା। ଗୋଟିଏ ପରେ ଗୋଟିଏ ହାତୀ ଶାବକଙ୍କ ମୃତ୍ୟୁ ଘଟୁଥିବାରୁ ହାତୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ହାତୀ ମୃତ୍ୟୁର କାରଣ ଖୋଜିବା ସହ ସୁରକ୍ଷା ଓ ସଂଖ୍ୟା ବୃଦ୍ଧି ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ୍‌ମାନେ ଦାବି କରିଛନ୍ତି। କାରଣ ଖୋଜି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ହାତୀଶୂନ୍ୟ ହୋଇପଡ଼ିବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

# ଜାତି ପାଇଁ ଦିନେ ପଡ଼ିରହିଲା ମୃତଦେହ


ଫାଉଣ୍ଡେସନ ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

ଜଳେଶ୍ୱର,୧୫।୧୧(ନବୀନ ସାହୁ)

### ମୁଖାଗ୍ନି ଦେବା ପାଇଁ ଆସିଲେନି ପୁଅ

ଏବେବି ଲୋକଙ୍କ ମନରେ ବସା ବାନ୍ଧିଛି ଛୁଆଁଅଛୁଆଁ ମନୋଭାବ। ଜାତିଭେଦ ପାଇଁ ଗୋଟିଏ ଦିନ ମୃତଦେହ ପଡି ରହିଥିଲେ ମଧ୍ୟ ଗ୍ରାମବାସୀ କାନ୍ଧ ଦେଲେନାହିଁ। ଅନ୍ୟପଟେ ପୁଅ ମଧ୍ୟ ମୁଖାଗ୍ନି ଦେବାକୁ ଆସିଲେନି। ଶେଷରେ ଖବରପାଇ ଶନିବାର ସକାଳେ ହେଲ୍ପ ଫର୍ ୟୁ ଫାଉଣ୍ଡେଶନ କର୍ମକର୍ତ୍ତା ପହଞ୍ଚି ମୃତଦେହକୁ କାନ୍ଧ ଦେବା ସହ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଧାନ ସିମୁଳିଆ ଗ୍ରାମରେ।

ଗ୍ରାମର ବିଶ୍ୱନାଥ ଦେହୁରୀ (୬୦) ଜ୍ୱର ଓ କାଶରେ ପୀଡ଼ିତ ହୋଇ ମାସେ ହେବ ବିଛଣାରେ ପଡ଼ି ରହିଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବିଶ୍ୱନାଥଙ୍କ ସ୍ତ୍ରୀ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ବେଳେ କିଛି ଶୁଣିପାରନ୍ତି ନାହିଁ। ତାଙ୍କର ପୁଅ ଥାଇ ବି ନ ଥିଲା ଭଳିଆ। ସେ ବାପାଙ୍କୁ ମୁଖାଗ୍ନି ଦେବା ପାଇଁ ଆସିଲେ ନାହିଁ। ବିଶ୍ୱନାଥ ଅନୁସୂଚିତ ଜାତିର ହୋଇଥିବାରୁ ଏପରିକି ପଡ଼ୋଶୀ ତଥା ଗ୍ରାମବାସୀ ଅନ୍ତିମ ସଂସ୍କାର କରିବାକୁ ମନା କରି ଦେଇଥିଲେ। ହେଲ୍ପ ଫର ୟୁ ଫାଉଣ୍ଡେଶନ କର୍ମକର୍ତ୍ତାମାନେ ଅନ୍ତିମ ସଂସ୍କାର କରି ମହାନତାର ପରିଚୟ ଦେଇଛନ୍ତି।

# ଶିମିଳିପାଳରେ ୩ ଡିଗ୍ରୀ

ବାରିପଦା, ୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବା ବେଳେ ୨୪ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବାରହାକାମୁଡାରେ ୩ ଡିଗ୍ରୀ, ଚହଲାରେ ୭ ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, ଗୁଡୁଗୁଡିଆରେ ୧୦ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୧୪ଡିଗ୍ରୀ ଓ କିଆଝରୀରେ ୧୩ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଯାହାକି ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ। ସେହିପରି ବାରିପଦା ସହରରେ ତାପମାତ୍ର ଦିନକୁ ଦିନ ଖସିବାରେ ଲାଗିଛି। ରାତିରେ କୁହୁଡ଼ି ପାଇଁ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବା ବେଳେ ପ୍ରତିଦିନ ଶୀତ ବଢିବାରେ ଲାଗିଛି। ଏପରିକି ଜିଲାରେ ତାପମାତ୍ରା ୧୫ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସନ୍ଧ୍ୟା ହେଲେ ଗାଁଗଣ୍ଡା ଶୂନଶାନ ହୋଇଯାଉଛି।






> ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। – ଶ୍ରୀଅରବିନ୍ଦ

ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା



# ନୂତନ ଭାରତର ସ୍ଥିତି



ଆକାର ପଟେଲ

କିଛିବର୍ଷ ପୂର୍ବେ ନୀତି ଆୟୋଗ କହିଥିଲେ, ଭାରତର ର୍ୟାଙ୍କ ସୂଚିତ ହୋଇଥିବା ସମସ୍ତ ଅଣତିରିଶ(ପରବର୍ତ୍ତୀ ସମୟରେ ୩୨ ହୋଇଛି) ବିଶ୍ୱ ସୂଚକାଙ୍କ ପାଇଁ ଗୋଟିଏ ଏକକ, ସୂଚନାପ୍ରଦାନକାରୀ ବୋର୍ଡ ପ୍ରସ୍ତୁତ କରିବେ। ଏହି ନିରୀକ୍ଷଣ କାର୍ଯ୍ୟ କେବଳ ସ୍ଥାନାଙ୍କରେ ଉନ୍ନତି ପାଇଁ ନୁହେଁ ବରଂ ବ୍ୟବସ୍ଥାରେ ଉନ୍ନତି ଓ ସଂସ୍କାର ଦ୍ୱାରା ନିବେଶକୁ ଆକର୍ଷିତ କରିବା ତଥା ବିଶ୍ୱସ୍ତରରେ ଭାରତର ଦୃଷ୍ଟିକୋଣର ବିକାଶ ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏହା ଘଟିଲା ନାହିଁ। ମୋର ଏକ ପୁସ୍ତକରେ, ୨୦୧୪ ତୁଳନାରେ ଭାରତର ସ୍ଥିତି ଏବେ କେଉଁଠି ଅଛି ତାହା ତୁଳନା କରିବା ପାଇଁ ମୁଁ ଚାରି ଡଜନରୁ ଅଧିକ ବିଶ୍ୱ ସୂଚକାଙ୍କ ଉପରେ ଅନୁଧ୍ୟାନ କରିଥିଲି। ତେବେ ଦେଶର ସ୍ଥିତି ସମ୍ପର୍କରେ ଜାଣିବା ଅତ୍ୟନ୍ତ ଶିକ୍ଷଣୀୟ। ଆସନ୍ତୁ ସେହି ସୂଚକାଙ୍କଗୁଡ଼ିକୁ ଦେଖିବା। ମାନବ ବିକାଶ ସୂଚକାଙ୍କରେ, ୨୦୧୪ରେ ଭାରତର ସ୍ଥାନ ଥିଲା ୧୩୦ ଏବଂ ଆଜି ତାହା ଅପରିବର୍ତ୍ତିତ ଅଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଅସମାନତା ଭାରତର ମାନବ ବିକାଶ ସୂଚକାଙ୍କକୁ ୩୦.୭% ହ୍ରାସ କରିଛି, ଯାହା ଦେଶର ସବୁଠୁ ବଡ଼ କ୍ଷତି। ଅନ୍ୟପଟେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଅସମାନତାରେ ଉନ୍ନତି ଘଟିଥିବାବେଳେ ଆୟ ଏବଂ ଲିଙ୍ଗଗତ ବୈଷମ୍ୟ ଅତ୍ୟଧିକ ରହିଛି। ସିଭିକସ୍ ମନିଟର ଦର୍ଶାଇଛି, ଭାରତର 'ଅବରୋଧିତ' ନାଗରିକ ସୁଯୋଗ ଏବେ 'ଦମିତ' ହୋଇ ରହିଛି। ଏହା ବ୍ୟତୀତ କୁହାଯାଇଛି, ବିଶ୍ୱରେ ମୋଟ ୪୯ଟି ଦେଶ ଏହି 'ଦମିତ' ବର୍ଗରେ ଅଛନ୍ତି। ଏହି ବର୍ଗରେ ଥିବା ଦେଶଗୁଡ଼ିକରେ ନାଗରିକ ସୁଯୋଗକୁ କ୍ଷମତାଧାରୀମାନେ ଅତ୍ୟଧିକ ସୀମିତ କରିଦେଇଥାନ୍ତି।

ଲୋୱି ଇନ୍‌ଷ୍ଟିଚ୍ୟୁଟ୍‌ର ଏସିଆ ପାୱାର ଇଣ୍ଡେକ୍ସ ଦୃଢ଼ ଶକ୍ତିର ମୂଲ୍ୟାଙ୍କନ କରିଥାଏ। ଏଥିରେ ଭାରତର ସ୍କୋର ବା ପ୍ରାପ୍ତାଙ୍କ ୪୧.୫ରୁ ୩୯.୧କୁ ଖସି ଆସିଛି, ଫଳରେ ଏହା 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ଫ୍ରିଡମ୍ ହାଉସ୍‌ର ଫ୍ରିଡମ୍ ଇନ୍ ଦି ୱାର୍ଲ୍ଡ ବିଶେଷକରି ଆଇନର ଶାସନ, ଶାନ୍ତିପୂର୍ଣ୍ଣ ରାଜନୈତିକ ସହାବସ୍ଥାନ ଓ ନିର୍ବାଚନ, ସରକାରଙ୍କ କାର୍ଯ୍ୟଦକ୍ଷତା, ନାଗରିକ ସ୍ୱାଧୀନତା ଇତ୍ୟାଦିକୁ ଅନୁଧ୍ୟାନ କରିଥାଏ। ୨୦୧୪ରେ ଭାରତ ଏଥିରେ ୭୭ ର୍ୟାଙ୍କ୍‌ରେ ଥିଲା ଓ ଏହାକୁ 'ସ୍ୱାଧୀନ' ଭାବରେ ଚିହ୍ନିତ କରାଯାଇଥିଲା। ୨୦୨୫ରେ ଏହା ୬୩କୁ ଖସି 'ଆଂଶିକ ସ୍ୱାଧୀନ' ବର୍ଗରେ ଅଛି। ଫ୍ରିଡମ୍ ହାଉସ୍ ପ୍ରକାଶ କରିଥିଲା, ଭାରତ ଏକ ବହୁଦଳୀୟ ଗଣତନ୍ତ୍ର ହୋଇଥିଲେ ମଧ୍ୟ ସରକାର ପକ୍ଷପାତପୂର୍ଣ୍ଣ ନୀତି ଏବଂ ମୁସଲିମ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ନିର୍ଯାତନା ବୃଦ୍ଧିକୁ ପ୍ରଶ୍ରୟ ଦେଇଛି। ୱାର୍ଲ୍ଡ ଜଷ୍ଟିସ ପ୍ରୋଜେକ୍ଟ ଆଇନର ଶାସନ ସୂଚକାଙ୍କ ପ୍ରକାଶ କରେ। ଏହା ଦେଶଗୁଡ଼ିକର ଅପରାଧ ଏବଂ ନାଗରିକ ନ୍ୟାୟ ବ୍ୟବସ୍ଥା, ମୌଳିକ ଅଧିକାର, ସରକାରୀ କ୍ଷମତା ଉପରେ ପ୍ରତିବନ୍ଧକ, ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ସରକାର, ଶୃଙ୍ଖଳା ଓ ସୁରକ୍ଷା ଏବଂ ନିୟାମକ ପ୍ରବର୍ତ୍ତନ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ବିଶ୍ୱସ୍ତରରେ ୬୬ ସ୍ଥାନରେ ଥିଲା, ଏବେ ଖସି ୮୬ରେ ପହଞ୍ଚିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱର୍କର ବିଶ୍ୱ ଖୁସି ରିପୋର୍ଟ ମୋଟ ମୁଣ୍ଡପିଛା ଉତ୍ପାଦ(ଜିଡିପି), ସାମାଜିକ ସମର୍ଥନ, ସୁସ୍ଥ ଜୀବନ ଆଶା, ଜୀବନ ପାଇଁ ପସନ୍ଦ କରିବାର ସ୍ୱାଧୀନତା, ସହାନୁଭୂତି, ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାରର ଅବଧାରଣା ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ଭାରତ ୨୦୧୪ରେ ୧୧୧ସ୍ଥାନରେ ଥିଲା ଏବଂ ଏବେ ୧୧୮କୁ ଖସିଛି। ରିପୋର୍ଟର୍ସ ୱିଦାଉଟ ବର୍ଡରର ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତ ୨୦୧୪ରେ ୧୪୦ ସ୍ଥାନରେ ଥିଲା, ଏବେ ୧୫୧କୁ ଖସି ଆସିଛି। ଏହା ପ୍ରକାଶ କରିଛି, ସାମ୍ବାଦିକଙ୍କ ବିରୋଧରେ ହିଂସା, ଅତ୍ୟଧିକ ମାଲିକାନାକୈନ୍ଦ୍ରିକ ଗଣମାଧ୍ୟମ ଏବଂ ରାଜନୈତିକ ବୁଝାମଣା ଯୋଗୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମ ସ୍ୱାଧୀନତା ସଙ୍କଟରେ ଅଛି। କାଟୋ ସଂସ୍ଥାର ମାନବ ସ୍ୱାଧୀନତା ସୂଚକାଙ୍କରେ ଭାରତ ୮୭ (୨୦୧୪ରେ) ସ୍ଥାନରୁ ଏବେ ୧୧୦କୁ ଖସି ଆସିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କରେ, ଭାରତ ୨୦୧୪ରେ ୧୧୪ ସ୍ଥାନରୁ ଖସି ୧୩୧ରେ ପହଞ୍ଚିଛି। ୨୦୨୫ରେ ସଂସଦରେ ମହିଳା ପ୍ରତିନିଧିତ୍ୱ ୧୪.୭%ରୁ ୧୩.୮%କୁ ହ୍ରାସପାଇଛି। ସେହିପରି, ମନ୍ତ୍ରୀ ଭାବେ ମହିଳାମାନଙ୍କ ଶେୟାର ୬.୫%ରୁ ୫.୬%କୁ ହ୍ରାସ ଘଟିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଗ୍ଲୋବାଲ କରପ୍‌ସନ ପରସେପ୍ସନ ସୂଚକାଙ୍କ ବିଷୟରେ ପୂର୍ବରୁ ଭାରତର ଗଣମାଧ୍ୟମରେ ନିୟମିତ ଭାବେ ରିପୋର୍ଟ ପ୍ରକାଶ ପାଉଥିଲା, କିନ୍ତୁ ଏବେ ତାହା ଘଟୁନାହିଁ। ଏଥିରେ ଭାରତ ୮୫ (୨୦୧୪ରେ)ସ୍ଥାନରୁ ଖସିଆସି ୯୬ରେ ରହିଛି।

ହେରିଟେଜ ଫାଉଣ୍ଡେଶନର ଗ୍ଲୋବାଲ ଇକୋନୋମିକ ଫ୍ରିଡମ୍ ଇଣ୍ଡେକ୍ସ ଆଇନର ଶାସନ, ସରକାରୀ ଆକାର, ନିୟାମକ ଦକ୍ଷତା ଏବଂ ମୁକ୍ତ ବଜାର ସମ୍ପର୍କରେ ଅନୁଧ୍ୟାନ କରେ। ଭାରତ ୨୦୧୪ରେ ୧୨୦ ସ୍ଥାନରେ ଥିଲା ଏବଂ ଏବେ ଏହାର ସ୍ଥାନ ୧୨୮। ବଜାରକୈନ୍ଦ୍ରିକ ସଂସ୍କାରଗୁଡ଼ିକରେ ପ୍ରଗତିରେ ଅସମାନତା ଯୋଗୁ ଏହା ହୋଇଛି। ଏକ ଦକ୍ଷ କାର୍ଯ୍ୟକ୍ଷମ ଆଇନଗତ ଢାଞ୍ଚାର ଅଭାବରେ ଦୀର୍ଘକାଳୀନ ଅର୍ଥନୈତିକ ବିକାଶର ମୂଳଦୁଆ ଦୁର୍ବଳ ରହିଛି। ଉଦ୍ୟୋଗୀମାନେ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଭାରତର ନିୟାମକ ଢାଞ୍ଚା ଏବେ ଅବଦମିତ। ଏହାସହ ବିଶ୍ୱ କ୍ଷୁଧା ସୂଚକାଙ୍କ କ୍ଷୁଧା, ବୟସ ଅନୁଯାୟୀ ଶିଶୁଙ୍କ ଉଚ୍ଚତା କମ୍ ତଥା ଅପପୁଷ୍ଟି ଉପରେ ଅନୁଧ୍ୟାନ କରେ। ୨୦୧୪ରେ ଭାରତ ୭୬ଟି ଦେଶ ମଧ୍ୟରୁ ୫୫ ସ୍ଥାନରେ ଥିଲା। ଏବେ ୧୨୩ଟି ଦେଶ ମଧ୍ୟରୁ ୧୦୨ତମ ସ୍ଥାନରେ ଅଛି। ରିପୋର୍ଟରେ କୁହାଯାଇଛି, ଭାରତରେ କ୍ଷୁଧା ସ୍ତର ଅତି ଗମ୍ଭୀର। ଯେତେବେଳେ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସିବା ଆରମ୍ଭ କଲା, ସେତେବେଳେ ୨୦୨୧ରେ ସରକାର ସଂସଦରେ କହିଥିଲେ ଯେ, ଭାରତୀୟମାନେ ଭୋକିଲା ରହିବା ସମ୍ଭବ ନୁହେଁ ଏବଂ ଆମେ ଏପରି ରିପୋର୍ଟ ପ୍ରତି ସମ୍ବେଦନଶୀଳ ହେବା ଉଚିତ ନୁହେଁ। ସମୟକ୍ରମେ ଏହି ସୂଚକାଙ୍କଗୁଡ଼ିକରୁ ଆମର ସ୍ଥିତି ସାମ୍ନାକୁ ଆସିଛି। ପ୍ରଥମେ ଆମେ ଧରିନେଇଥିଲୁ ଯେ, ସୁଶାସନ ଏକ ପରିବର୍ତ୍ତନ ଆଣିବ। ତା'ପରେ କହିଲୁ ଏହିସବୁ ସୂଚକାଙ୍କରେ ଖରାପ ତଥ୍ୟ ଅଛି ଏବଂ ଏଗୁଡ଼ିକୁ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ଆମ ପ୍ରତି ପକ୍ଷପାତ ନୀତି ଆପଣାଇଥିଲେ। ପରେ ଖବରଗୁଡ଼ିକୁ ଅଣଦେଖା କରିବାକୁ ନିଷ୍ପତ୍ତି ନିଆଯାଇଥିଲା ; ଯଦିଓ ତଥ୍ୟ ବାରମ୍ବାର ଆସିଛି ଏବଂ ଏବେ ବି ଆସୁଛି। ହେଲେ ସାଧାରଣ ଗଣମାଧ୍ୟମର ଏଥିପ୍ରତି ଆଗ୍ରହ ରହୁନାହିଁ। ଏଣୁ ଦେଶର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ଏବଂ ନୂତନ ଭାରତ କେଉଁ ଦିଗରେ ଗତି କରୁଛି ତାହା ଜାଣିବା ନାଗରିକ ଉପରେ ଛାଡ଼ି ଦିଆଯାଇଛି।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | | | 8 | |
| | | 6 | | | 4 | | 3 | |
| | 1 | | | | | | | 6 |
| | | 5 | | 3 | | 1 | 9 | 8 |
| | 8 | 9 | | | | | | |
| | | 4 | | | | 7 | 5 | |
| | 5 | | | | | | | |
| | | 1 | | | 3 | | | |
| 2 | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 4 | 8 | 6 | 9 | 5 | 7 |
| 9 | 8 | 5 | 3 | 2 | 7 | 4 | 6 | 1 |
| 4 | 7 | 6 | 1 | 9 | 5 | 8 | 3 | 2 |
| 2 | 3 | 8 | 5 | 1 | 4 | 6 | 7 | 9 |
| 6 | 5 | 9 | 2 | 7 | 8 | 1 | 4 | 3 |
| 7 | 1 | 4 | 9 | 6 | 3 | 5 | 2 | 8 |
| 8 | 4 | 2 | 7 | 5 | 9 | 3 | 1 | 6 |
| 5 | 6 | 7 | 8 | 3 | 1 | 2 | 9 | 4 |
| 3 | 9 | 1 | 6 | 4 | 2 | 7 | 8 | 5 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

# ବାଜେଲୋକଙ୍କ ଜୟଗାନ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରଚଣ୍ଡ ଘୃଣା ସହ ଅଜସ୍ର ବିରକ୍ତି ସୂଚକ 'ବାଜେଲୋକ'ର ଏ ଉଚ୍ଚାରଣ ଯେଉଁ ଚରିତ୍ର ପାଇଁ ଅଭିପ୍ରେତ, ତାଙ୍କର ପୁଣି ଜୟଗାନ। ଜଣଙ୍କ ପ୍ରତି ଅତୃପ୍ତି ଓ ଅସନ୍ତୋଷ ସେତିକି ଉତ୍କଟ ନ ହେଲେ ତାଙ୍କୁ 'ବାଜେଲୋକ' କହି ସାଧାରଣତଃ ନାକ ଟେକାଯାଏନା। ତାଙ୍କ ମୁହଁ ଉପରେ ହେଉ ଅବା ପଛରେ, ଯାହାଙ୍କ ପାଇଁ କଥକର ତୂଣୀରର ନିକ୍ଷିପ୍ତ ଏହି ଶାଣିତ ଶବ୍ଦଶର ଉଦ୍ଦିଷ୍ଟ ସେ ଯେ ସବୁବେଳେ ଏହି ଶରାଘାତରେ ଆହତ ହୁଅନ୍ତି। ତାହା ନୁହେଁ, କିଛି ଲୋକଙ୍କ ମୋଟା ଚମଡ଼ା ଭେଦ କରୁ କରୁ ଶରମୁନ ବଙ୍କା ହୋଇଯାଏ ସିନା, ସେମାନେ ସେମାନଙ୍କ ବାଜେ ପଣିଆକୁ ସାଙ୍ଗରେ ଧରି ଆଗେଇ ଚାଲିଥାନ୍ତି। ମାତ୍ର ଆଉ ଏକ ଜାତୀୟ ବାଜେଲୋକଙ୍କୁ 'ବାଜେଲୋକ'ର ଏହି ଶବ୍ଦାଘାତ ଭୀଷଣ ଆହତ କରେ। ବାହାରକୁ ଅନାହତ, ଅବିଚଳିତ ଜଣାପଡୁଥିଲେ ବି ଭିତରେ ଏକ ଅବ୍ୟକ୍ତ ବେଦନାରେ ଦେହମନରେ କମ୍ପନ ସୃଷ୍ଟି ହୁଏ। ପ୍ରଶ୍ନ ଉଙ୍କିମାରେ– ମୁଁ କ'ଣ ସତରେ ବାଜେଲୋକଟାଏ ! ମାତ୍ର ପରକ୍ଷଣରେ ସେ ସହଜ ହୋଇଯାଏ। ଆକ୍ଷେପର ଆକ୍ରମଣରେ ଆହତ ହୋଇଥିବା ତା' ବ୍ୟକ୍ତିତ୍ୱ ଦେହରେ ସମର୍ଥନ ଓ ସମ୍ବେଦନର ଚନ୍ଦନ ବୋଳିଦେବାକୁ କେହି ଯେ ଆଗେଇ ଆସିବେ। ଏଥିପାଇଁ ସେ ଅପେକ୍ଷା କରେନାହିଁ। ନିଜ ତଥାକଥିତ ବାଜେପଣିଆକୁ ଅନ୍ତର ମଧ୍ୟରେ ଲାଳିତ କରି ଅପସ୍ୱୀକୃତିର ଏହି ସନ୍ତକ ନାମାଟିକୁ ଗଳାରେ ଝୁଲାଇ ସେ ତା' ନିଜ ରାସ୍ତାରେ ଆଗେଇ ଚାଲେ। ସାମ୍ପ୍ରତିକ ସମୟରେ ସାମାଜିକ ଜୀବନର ବିବର୍ତ୍ତନ ବିଘଟନ ମଧ୍ୟରେ ତଥାପି ନିଜ ବାଜେପଣିଆକୁ ଛାଡ଼ି ପାରୁ ନ ଥିବା କେଇଜଣ ବାଜେଲୋକଙ୍କ କଥା।

ନିକଟରେ ସରିଥିବା ଗଣେଶ ପୂଜା ଉପଲକ୍ଷେ ଚାନ୍ଦା ଆଦାୟ କରିବାକୁ କଲୋନୀସାରା ବୁଲୁଥାନ୍ତି କେଇଜଣ ଯୁବକ। ଆଜିକାଲି ଯେଉଁଠି ଚାନ୍ଦା ଦେଉଥିବା ଦାନକର୍ତ୍ତାଙ୍କ ଭକ୍ତି ଅପେକ୍ଷା ଚାନ୍ଦା ମାଗୁଥିବା ଆଦାୟକାରୀଙ୍କ ଶକ୍ତି ହିଁ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାଏ। ସେଠି ଚାନ୍ଦା ଦେବାକୁ ପଛକରି ଉପଦେଶ ଦେଉଥିବା ଲୋକଙ୍କର ଯେ ଜଞ୍ଜାଳ ବଢ଼ିଯାଏ। ଏହି ସରଳ ସତ୍ୟଟିକୁ ଭୁଲି ଯାଇଥିଲେ କଲୋନୀର ସବୁଠୁ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହୋଦୟ। ଯୁବକସଂଘର ନବଯୁବକଙ୍କୁ ସେ ନିଜର ଛାତ୍ର ଜ୍ଞାନ କରି ଗଣେଶଙ୍କ ଆରାଧନା ସକଳ ପବିତ୍ରତା ମଧ୍ୟରେ ଶୁଦ୍ଧ ଚେତନାର ସହ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏକଥା ବି କହିଥିଲେ ଯେ ପୂଜାମଣ୍ଡପରେ ଉଚ୍ଚଧ୍ୱନି ସୃଷ୍ଟିକାରୀ ଅଶ୍ଳୀଳ ସଙ୍ଗୀତ ବା ଭସାଣିରେ ଉଦଣ୍ଡ ନୃତ୍ୟ ନ କରିବାକୁ ବଚନବଦ୍ଧ ହେଲେ ସେ ସେମାନଙ୍କୁ ଚାନ୍ଦା ଦେବେ। ବାସ୍ ଏତିକି। ତାଙ୍କ ପରି ବାଜେଲୋକଙ୍କଠୁ ଚାନ୍ଦା ନେଇ ସେମାନେ ପୂଜା କରିବେନି ବୋଲି ସ୍ପଷ୍ଟ ଶୁଣାଇ ଦେଇ ଫେରିଯାଇଥିଲେ ଯୁବକମାନେ।

ଆଉ ଜଣେ ବାଜେଲୋକଙ୍କ କଥା। ସେ ଜଣେ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ। ଅନ୍ୟ ଅଫିସରଙ୍କ ପରି ତାଙ୍କ ଟେବୁଲ ଉପରେ ଗଦା ଗଦା ଫାଇଲ ଶ୍ରୀହସ୍ତର ସ୍ୱାକ୍ଷର ପାଇଁ ଅପେକ୍ଷା କରେ ନାହିଁ । ମାତ୍ର ଆଶ୍ଚର୍ଯ୍ୟର କଥା କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ ପାଇଁ ତାଙ୍କର ପରିଚୟ ଥିଲା 'ନିହାତି ତେଢ଼ା ବାଜେଲୋକଟାଏ' ! ପ୍ରଶାସନରେ ଯାହା କିଛି ଲୋକକଲ୍ୟାଣ ପାଇଁ ସମର୍ପିତ ତଥା ଆଇନ ଅନୁମୋଦନ ତାହା କରିବାକୁ ତାଙ୍କୁ କହିବାକୁ ପଡ଼େ ନାହିଁ। ମାତ୍ର ଯାହା କିଛି ଅକରଣୀୟ, ବ୍ୟକ୍ତିସ୍ୱାର୍ଥ ସମ୍ବଳିତ ବା ଆଇନର ପରିପନ୍ଥୀ, ତାହା କରିବାକୁ କହିବା ପାଇଁ କେହି କ୍ଷମତା, ପ୍ରଭାବ ବା ପ୍ରତିପତ୍ତିଶାଳୀ ନେତା ବା ଜନତା ସାହସ କରିପାରନ୍ତି ନାହିଁ। ଏଇ ଅଫିସର ଜଣଙ୍କ ପ୍ରତି ସାଧାରଣ ଲୋକଙ୍କ ଅଶେଷ ଶୁଭେଚ୍ଛା ଝରିପଡୁଥିଲା ସିନା ନିଜ ଚାକିରିକାଳ ମଧ୍ୟରେ ସବୁଠୁ ବେଶି ଯାହା ଅର୍ଜନ କରିଥିଲେ ତାହା ଥିଲା ବାଜେଲୋକର ଏକ ସର୍ଭିସ ସାର୍ଟିଫିକେଟ୍।

ଏ ବାଜେଲୋକ ଜଣକ ଜଣେ ଅଧ୍ୟାପକ। ଶ୍ରେଣୀଗୃହରେ ଅଧ୍ୟାପନା କାଳରେ ସେ ବିଦ୍ୟାର୍ଥୀଙ୍କ ପାଇଁ ସାକ୍ଷାତ୍ ବ୍ରହ୍ମା ପାଲଟି ଯାଇଥାନ୍ତି। ଏମିତି ବୋଧେ କେହି ଜଣେ ଛାତ୍ରୀ ବା ଛାତ୍ର ମିଳିବେ ନାହିଁ, ଯିଏ ତାଙ୍କ ଶିକ୍ଷାଦାନରେ ମୁଗ୍ଧ ହୋଇ ନ ଥିବେ। କେବଳ ପାଠପଢ଼ା ନୁହେଁ କଲେଜର ଯେ କୌଣସି ଗଠନମୂଳକ କାର୍ଯ୍ୟରେ ତାଙ୍କ ସକ୍ରିୟତା ପାଇଁ ସେ ତାଙ୍କ ସହକର୍ମୀଙ୍କ ଲାଗି ପାଲଟି ଯାଇଥାନ୍ତି ଈର୍ଷାର ଈଶ୍ୱର। ନିଜ ଛାତ୍ରୀଛାତ୍ରଙ୍କ ମନରେ ଶୁଦ୍ଧ ଚେତନାର ବିକାଶ ନିମନ୍ତେ ସଦାସର୍ବଦା ସମର୍ପିତ ଥାଏ ତାଙ୍କ ଉଚ୍ଚାରଣ ଓ ଆଚରଣ। ଏ ସକଳ ସ୍ୱୀକୃତି ସତ୍ତ୍ୱେ ବେଶ୍ କିଛି ଛାତ୍ର ଓ ଅଧ୍ୟାପକଙ୍କ ପାଇଁ ତାଙ୍କର ପରିଚୟ ହେଉଛି– 'ସେ ଜଣେ ବାଜେଲୋକ' ! ତା'ର ଏକମାତ୍ର କାରଣ ହେଉଛି ପରୀକ୍ଷା ମାମଲାରେ ସେ ବେଶ୍ କଠୋର ଓ ସାଲିସବିହୀନ। କୌଣସି ପିଲାଙ୍କୁ କପି କରାଇ ଦିଅନ୍ତି ନାହିଁ କି ପରୀକ୍ଷକ ଭାବେ କୋଡ଼ିଏ ମାର୍କକୁ ତିରିଶ କରନ୍ତି ନାହିଁ।

ଆଉ ଜଣେ ବାଜେଲୋକଙ୍କ କଥା ପ୍ରସଙ୍ଗରେ କୌଣସି ଏକ ରେଳଯାତ୍ରା ସମୟର ଘଟଣା।



ଦୁଇଜଣ ସାଙ୍ଗ ବିନା ଟିକେଟ୍‌ରେ ରେଳଯାତ୍ରା କରୁଥିବା ବେଳେ ଭିନ୍ନ ଭିନ୍ନ ବଗିରେ ଦୁଇଜଣ ଭିନ୍ନ ଭିନ୍ନ ଟିକେଟ ପରୀକ୍ଷକଙ୍କ ହାତରେ ଧରାପଡ଼ିଲେ। ରେଳଯାତ୍ରା ଶେଷରେ ଦୁହେଁ ଯେତେବେଳେ ମିଳିତ ହୋଇ ନିଜ ନିଜର ଦୁର୍ଭାଗ୍ୟ ସମ୍ପର୍କରେ ସ୍ମୃତିଚାରଣ କରୁଥିଲେ, ଜଣେ କହିଲା ପ୍ରଥମେ ଟିଟିଇ ଭଡ଼ା ଓ ଜରିମାନା ବାବଦକୁ ପାଞ୍ଚଶହ ଟଙ୍କା ମାଗୁଥିଲା। ମାତ୍ର ପକେଟ୍‌ରେ ଶହେ ଟଙ୍କା ଗୁଞ୍ଜି ଦେବାରୁ ଚୁପ୍‌ଚାପ ଚାଲିଗଲା। ପ୍ରଥମ ଯୁବକର ଅନୁଭୂତି ପୁଣି ଦ୍ୱିତୀୟ ସାଙ୍ଗ କପାଳରେ ହାତମାରି ନିଜ ଭାଗ୍ୟକୁ ନିନ୍ଦିଲା ଓ କହିଲା – ତୋ ଭାଗ୍ୟ ସଳଖ, ତୁ ଜଣେ ଭଲ ଟିଟିଇ ହାବୁଡ଼ରେ ପଡ଼ିଲୁ। ମୋର ଦୁର୍ଭାଗ୍ୟ, ନିହାତି ବାଜେଲୋକଟା ହାତରେ ପଡ଼ିଗଲି। ଶହେ ଟଙ୍କା କ'ଣ ଦୁଇଶହ, ପୁଣି ଦୁଇଶହରୁ ତିନିଶହ ଯାଚିଲା ପରେ ବି ସେ ରାଜି ହେଲାନି। ଓଲଟି ଧମକ ଦେଲା ପାଞ୍ଚଶହ ଟଙ୍କା ପଇଠ କରି ରସିଦ ନିଅ, ନ ହେଲେ ଲାଞ୍ଚ ଯାଚୁଥିବା ଅଭିଯୋଗରେ ପୋଲିସରେ ଦେଇଦେବି। ପ୍ରଥମେ ବିନା ଟିକେଟ୍ ଯାତ୍ରା ତ ତାହା ସାଙ୍ଗକୁ ଲାଞ୍ଚ ଯାଚିବାର ଅପରାଧ। ଜାଣିଛ ତ ପରିଣାମ କ'ଣ ହେବ। ଛିଃ ଏତେ ବାଜେଲୋକଟା।

ଲକ୍ଷ୍ୟ କରିବାର କଥା, ସହରର ଛକ ରାସ୍ତାରେ ଗାଡ଼ି ଚାଳକମାନଙ୍କୁ ଯାବତୀୟ ବେନିୟମ କାମ କରିବାକୁ ଛାଡି ଦେଇ ବଟି ଆଦାୟ କରି ନିଜ ପକେଟ୍ ଭରୁଥିବା ଟ୍ରାଫିକ୍ ପୋଲିସ ଅତି ଭଲଲୋକର ସାର୍ଟିଫିକେଟ ପାଉଥିବା ବେଳ ବିନା ହେଲ୍‌ମେଟ ବା ସିଟ୍ ବେଲ୍ଟରେ ଗାଡି ଚାଳନା କରୁଥିବା ଅମାନିଆ ଚାଳକଙ୍କୁ ଦଣ୍ଡିତ କରୁଥିବା କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ବାଜେଲୋକର ସମ୍ମାନ ପାଏ। ଜଙ୍ଗଲରୁ ଚୋରାରେ କାଠ କାଟି ଆଣୁଥିବା କେହି ତସ୍କର କୌଣସି ସାଧୁ, କର୍ତ୍ତବ୍ୟପରାୟଣ ବନ ରକ୍ଷକଙ୍କ ପ୍ରତିରୋଧର ସମ୍ମୁଖୀନ ହେଲେ ନିଃଶବ୍ଦରେ ମନ ମଧ୍ୟରେ ଉଚ୍ଚାରିତ ହୁଏ– ନିହାତ ବାଜେ ଲୋକଟା। ଏହାଙ୍କ ପୂର୍ବ ବାବୁ କେତେ ଭଲ ନ ଥିଲେ ! ପାଉଣା ନେଇ ଆଖି ବୁଜି ଦେଉଥିଲେ। ପୁଣି ମାସକୁ କେଇ ହଜାର ଟଙ୍କା ବଟି ନେଇ ନଦୀଗର୍ଭରୁ ଲକ୍ଷ ଲକ୍ଷ ଟଙ୍କାର ବାଲି ଉଠାଇ ନେଉଥିବା ମାଫିଆଙ୍କୁ ନିର୍ବିଘ୍ନରେ ଛାଡି ଦେଉଥିବା ବିଭାଗୀୟ କର୍ମଚାରୀ ଭଲ ଲୋକର ମାନ୍ୟତା ଅର୍ଜନ କରୁଥିବା ବେଳେ ତାକୁ ଦଣ୍ଡିତ କରୁଥିବା କର୍ମଚାରୀଙ୍କୁ କୁହାଯାଏ– 'ବାଜେଲୋକଟା' !

ସାନ୍ତ୍ୱନା ଏତିକି, ସଂଖ୍ୟାରେ ଯେତେ କମ୍ ହେଲେ ବି କପାଳରେ 'ବାଜେଲୋକ'ର ତିଳକ ଆଙ୍କି ଏହି ତଥାକଥିତ ବାଜେଲାକମାନେ ସମାଜ ସଡ଼କରେ ଏକା ଏକା ବାଟ ଚାଲୁଥିଲେ ମଧ୍ୟ ସେମାନଙ୍କୁ ଆପଣାଇ ନେବା ପାଇଁ ଏଠାରେ ଏଯାଏ ବି କିଛି ଲୋକ ଅଛନ୍ତି। ଏମାନଙ୍କ ସଂଖ୍ୟା ସେଇ ବାଜେଲୋକଙ୍କ ସଂଖ୍ୟାଠାରୁ ଆହୁରି ନଗଣ୍ୟ ହୋଇପାରେ। ତଥାପି ଯେତେ ସୀମିତ ହେଲେ ମଧ୍ୟ ଏମାନେ ସେଇ ବାଜେ ଲୋକମାନଙ୍କୁ ଅନ୍ତର ଭିତରେ କୋଳେଇ ନିଅନ୍ତି ଓ ବଡ଼ ଆବେଗରେ ସେମାନଙ୍କ ଜୟଗାନ କରି କୁହନ୍ତି – 'ତୁମର ଏହି ବାଜେ ପଣିଆକୁ ନିଜ ଭିତରେ ବଞ୍ଚାଇ ରଖ ବାବୁ। ତୁମ ପାଇଁ ନ ହେଲେ ବି ସମାଜର ମୂଲ୍ୟବୋଧ ପାଇଁ, ଜଗତର କଲ୍ୟାଣ ପାଇଁ, ଆସନ୍ତାକାଲିର ଉଜ୍ଜ୍ୱଳ ସୂର୍ଯ୍ୟୋଦୟ ପାଇଁ।

–ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ–୮୮୯୫୬୨୪୧୦୫

# 'ଫ୍ଲେଶ୍'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ଡେଭିଡ୍ ସାଲାଏ

ସାହିତ୍ୟ କ୍ଷେତ୍ରରେ ବିଶ୍ୱର ସର୍ବମାନ୍ୟ ନୋବେଲ ପୁରସ୍କାର ପରେ ବୁକର୍ ପ୍ରାଇଜ୍‌ର ମର୍ଯ୍ୟାଦା ରହିଛି। ପ୍ରତିବର୍ଷ ଏହି ସମୟକୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଅନାଇ ବସିଥାଆନ୍ତି ଦେଖିବା ପାଇଁ ସେହି ସେଲିବ୍ରେଟେଡ୍ ରାଇଟର କିଏ ହେବାକୁ ଯାଉଛନ୍ତି। ୨୦୨୫ ପାଇଁ ଭାରତୀୟଙ୍କ ଲାଗି ଆଶା ଉଜ୍ଜ୍ୱଳ କରିଥିବା ଔପନ୍ୟାସିକା କିରନ୍ ଦେଶାଇଙ୍କୁ ପଛରେ ପକାଇ କାନାଡା ଜନ୍ମିତ ହଙ୍ଗେରୀୟ–ବ୍ରିଟିଶ ଲେଖକ ଡେଭିଡ୍ ସାଲାଏ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ଷଷ୍ଠ ଉପନ୍ୟାସ 'ଫ୍ଲେଶ୍' ଏହି ପୁରସ୍କାର ପାଇଥିବା ବେଳେ ହଙ୍ଗେରୀୟ ବଂଶୋଦ୍ଭବ ପ୍ରଥମ ଲେଖକ ଭାବେ ଡେଭିଡ୍ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ବୁକର୍ ପୁରସ୍କାର ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ବଳୟ ବୃଦ୍ଧି ପାଇଛି।

ଡେଭିଡ୍ ଜାନୁଆରୀ ୧୯୭୪ରେ କାନାଡାର ମଣ୍ଟ୍ରିଏଲ୍‌ରେ କାନାଡୀୟ ମାତା ଓ ହଙ୍ଗେରୀୟ ପିତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ। ଇହୁଦୀ ପରିବାରରେ ଜନ୍ମିତ ଡେଭିଡ୍‌ଙ୍କ ପରିବାର ବେରୁଟ୍ ଚାଲିଯାଇଥିଲେ। ଲେବାନନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ସେହି ଦେଶ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏହା ପରେ ସେମାନେ ଲଣ୍ଡନ ଚାଲିଯାଇଥିଲେ। ସେଠାକାର ସସେକ୍ସ ହାଉସ ସ୍କୁଲରେ ସେ ପଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ନେଇ ଅଧ୍ୟୟନ କରିଥିଲେ। ସେଠାରୁ ସ୍ନାତକ ହାସଲ କରିବା ପରେ ସେ ଲଣ୍ଡନର କେତେକ ସଙ୍ଗଠନରେ ସେଲ୍ସ କ୍ଷେତ୍ରରେ ଚାକିରି କରିଥିଲେ। ସେହି ଚାକିରି ତାଙ୍କୁ ଭଲ ନ ଲାଗିବାରୁ ସେ ବେଲଜିୟମ୍‌ର ବ୍ରସେଲ୍ସକୁ ଚାଲିଯାଇଥିଲେ। କିନ୍ତୁ ସେଠାରେ ସେ ବେଶି ସମୟ ରହିପାରିଲେ ନାହିଁ। ଶେଷରେ ଡେଭିଡ୍ ଲେଖକ ହେବାର ଉଚ୍ଚାକାଂକ୍ଷା ନେଇ ହଙ୍ଗେରୀର ପେକ୍ସକୁ ଚାଲିଯାଇଥିଲେ। ସେହିଠାରେ ହିଁ ତାଙ୍କ ସୃଜନଶୀଳତା ଶୀର୍ଷ ଛୁଇଁଥିଲା। ତାଙ୍କ ଉପନ୍ୟାସ 'ଅଲ୍ ଦାଟ ମ୍ୟାନ୍ ଇଜ୍' ଓ 'ଟର୍ବୁଲେନ୍ସ' ପାଠକୀୟ ସ୍ୱୀକୃତି ପାଇଥିଲା। ଏପରିକି ଅଲ୍ ଦାଟ ମ୍ୟାନ୍ ଇଜ୍ ୨୦୧୬ ମ୍ୟାନ ବୁକର୍ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଥିଲା। ମାତ୍ର ତାହା ୨୦୧୬ ଗୋର୍ଡନ ବର୍ନ ପୁରସ୍କାର ଜିତିଥିଲା।

କେବଳ ଉପନ୍ୟାସ ନୁହେଁ, ଡେଭିଡ୍ ମଧ୍ୟ ବିବିସି ପାଇଁ ଅନେକ ରେଡିଓ ନାଟକ ଲେଖିଛନ୍ତି। ତାଙ୍କର ୨୦୧୮ରେ ସଂକ୍ଷିପ୍ତ କାହାଣୀ ପୁସ୍ତକ 'ଟର୍ବୁଲେନ୍ସ' ବିବିସି ରେଡିଓ–୪ ପାଇଁ ୧୫ ମିନିଟ୍ କାର୍ଯ୍ୟକ୍ରମରେ ପ୍ରସାରିତ ହୋଇ ବହୁ ଶ୍ରୋତା ସୃଷ୍ଟି କରିଥିଲା। ଟର୍ବୁଲେନ୍ସ ଅନ୍ତର୍ଭୁକ୍ତ ୧୨ଟି କାହାଣୀ ଅନ୍ତର୍ଜାତୀୟ ଉଡ଼ାଣରେ ଲୋକଙ୍କ ହାବଭାବକୁ ଅନୁସରଣ କରିଥିବା ବେଳେ ଏକବିଂଶ ଶତାବ୍ଦୀରେ ପରିବାର ଓ ବନ୍ଧୁତ୍ୱର ବିଶ୍ୱାୟନକୁ ଅନୁସନ୍ଧାନ କରିଥିବା କୁହାଯାଏ। ତେବେ ସେ ତାଙ୍କର ପ୍ରଥମ ଉପନ୍ୟାସ 'ଲଣ୍ଡନ ଆଣ୍ଡ୍ ଦି ସାଉଥ–ଇଷ୍ଟ' ପାଇଁ ବେଟି ଟ୍ରାସ୍କ ପୁରସ୍କାର ସହ ଜେଫ୍ରି ଫାବର୍ ମେମୋରିଆଲ ପୁରସ୍କାର ଜିତିଥିଲେ। ତା'ପରେ ସେ ଇନୋସେଣ୍ଟ (୨୦୦୯), ସ୍ପ୍ରିଙ୍ଗ (୨୦୧୧) ଓ ଫ୍ଲେଶ (୨୦୨୫) ନାମରେ ତିନୋଟି ଉଚ୍ଚକୋଟୀର ଉପନ୍ୟାସ ଲେଖିଛନ୍ତି। କୁହାଯାଇଥାଏ ଏକ ଟ୍ରାନ୍ସଆଟଲାଣ୍ଟିକ୍ ପୃଷ୍ଠଭୂମି ଡେଭିଡ୍‌ଙ୍କ ବ୍ୟକ୍ତିଗତ ଇତିହାସ ବହନ କରୁଥିବା ବେଳେ ତାଙ୍କ କଥାବସ୍ତୁର ବ୍ୟାପ୍ତି ଅନ୍ତରାଷ୍ଟ୍ରୀୟ। ସେ କାନାଡାରେ ଜନ୍ମ ହୋଇ ଲଣ୍ଡନ୍‌ରେ ବଢ଼ିବା ଓ ହଙ୍ଗେରୀରେ ସୃଜନଶୀଳତାକୁ ସ୍ପଷ୍ଟ ଅକାର ଦେବା ପରେ ଏବେ ଭିଏନାରେ ସହଧର୍ମିଣୀଙ୍କ ସହ ରହୁଛନ୍ତି। ଭ୍ରମଣଶୀଳ ଜୀବନ ତାଙ୍କ ସୃଜନ କାର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ସମୀକ୍ଷକମାନେ କହିଥାଆନ୍ତି। ତାଙ୍କ ବୁକର୍ ବିଜୟୀ ଉପନ୍ୟାସ 'ଫ୍ଲେଶ' ଜଣେ ହଙ୍ଗେରୀୟଙ୍କ ଜୀବନୀ ଉପରେ ଆଧାରିତ। ଏହା ଏକ ସମ୍ମୋହନକାରୀ ଉପନ୍ୟାସ, ଯେଉଁଥିରେ ନାୟକ ହେଉଛନ୍ତି ଇଷ୍ଟଭାନ୍। ସେ ପରବର୍ତ୍ତୀ ସମୟରେ ଲଣ୍ଡନ ଯାଇ ସେଠାରେ ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି। କାହାଣୀ ହଙ୍ଗେରୀର ସେହି ଲାଜକୁଳା କିଶୋରଠାରୁ ଆରମ୍ଭ ହୁଏ, ଯାହାଙ୍କ ଜୀବନ ଜଣେ ବୟସ୍କ ତଥା ବିବାହିତା ପଡ଼ୋଶୀଙ୍କ ସହ ଏକ ଗୋପନ ସମ୍ପର୍କରେ ପରିବର୍ତ୍ତିତ ହୁଏ। ଏକ ସମ୍ପର୍କ ଯାହା ସେ ବୁଝିପାରୁ ନାହାନ୍ତି, କିନ୍ତୁ ତାହା ତାଙ୍କ ଜୀବନକୁ ଏକ ବିନାଶକାରୀ ପଥ ଆଡ଼କୁ ଠେଲି ହୋଇଯାଉଥିବା ଲେଖକ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ଇଷ୍ଟଭାନ୍ ଏକବିଂଶ ଶତାବ୍ଦୀର ଧନ ଓ କ୍ଷମତାର ଜୁଆରରେ ଭାସିଯାଉଛନ୍ତି। ନିଜର ପ୍ରେମ, ଅନ୍ତରଙ୍ଗତା, ସ୍ଥିତି ଓ ସମ୍ପତ୍ତି ପାଇଁ ପ୍ରତିଯୋଗିତାମୂଳକ ଆବେଗଗୁଡ଼ିକ ତାଙ୍କୁ ଅକଳ୍ପନୀୟ ଧନ ଜିତାଏ, ଯଦିଓ ସେଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଉଥିବା ଅନୁଭବ ହୁଏ। ଉଚ୍ଚାକାଂକ୍ଷା ଓ ଅଧଃପତନର ଫେଣ୍ଟାଫେଣ୍ଟି କଥାବସ୍ତୁ ଫ୍ଲେଶକୁ ଭିନ୍ନ ଏକ ପାଠକୀୟ ଆଦୃତି ଦେଇଛି ବୋଲି ସମୀକ୍ଷକମାନେ କହିଥାଆନ୍ତି।

ଡେଭିଡ୍ ତାଙ୍କ ପୁରସ୍କାର ଗ୍ରହଣ ଅବସରରେ କହିଛନ୍ତି, ପୁସ୍ତକଟି ତାଙ୍କ ପାଇଁ ଏକ ବିପଦପୂର୍ଣ୍ଣ ଉଦ୍ୟମ ଭଳି ଅନୁଭବ ହୋଇଥିଲା, ଏଇ ଯେମିତି ଅନ୍ତରଙ୍ଗ ବିଷୟବସ୍ତୁଠାରୁ ଏହାର ସିଧାସଳଖ ଶିରୋନାମା ପର୍ଯ୍ୟନ୍ତ। ରୋଡି ଡୋଇଲଙ୍କ ଅଧ୍ୟକ୍ଷତାରେ ବୁକର୍ ବିଚାରକମଣ୍ଡଳୀ 'ଫ୍ଲେଶ୍'କୁ ଏହାର ପୂର୍ଣ୍ଣ ଏକକତା ପାଇଁ ପ୍ରଶଂସା କରିଥିଲେ। ଡେଭିଡ୍ କହନ୍ତି ଯେ, ସେ ବର୍ଷ ବର୍ଷ ଧରି କାମ କରିଥିବା ଅନ୍ୟ ଏକ ଉପନ୍ୟାସ ପରିତ୍ୟାଗ କରିବା ପରେ ଫ୍ଲେଶ୍ ଲେଖିବା ଆରମ୍ଭ କରିଥିଲେ। କିନ୍ତୁ ଏହା ତାଙ୍କୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ଦେଇଥିବାରୁ ସେ ଆଗକୁ ଆହୁରି ଅଧିକ ଭଲ ଲେଖିବେ ବୋଲି କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସାଧାରଣତଃ ବଗିଚାରେ ଔଷଧୀୟ ଗଛ ଘିକୁଆଁରୀ ରଖାଯାଇଥାଏ। ହେଲେ ଏହାର ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି ହୃଷୀକେଶ ଜୟସିଂହ ଧାନେ । ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର ଏହି କୃଷକ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କା ବିଜ୍‌ନେସ କରିବା ସହ ୩୦% ଲାଭ ପାଉଛନ୍ତି। ହୃଷୀକେଶ ୮ ଏକରରେ ଘିକୁଆଁରୀ ଚାଷ କରୁଛନ୍ତି। ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ସେଥିରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶଙ୍କ ଜୀବନ ଯାତ୍ରା ଉତ୍ଥାନପତନ ଦେଇ ଗତି କରିଛି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ। ରୋଜଗାରରେ ଏହା ମଧ୍ୟ ତାଙ୍କୁ ସହଯୋଗ କରିପାରି ନ ଥିଲା। ଫଳରେ ଘିକୁଆଁରୀ ଚାଷ କରିବାକୁ ମନସ୍ଥ କରିଥିଲେ। ୨୦୦୭ରେ ପ୍ରାୟ ୪୦୦୦ ଘିକୁଆଁରୀ ଗଛ ଲଗାଇଥିଲେ। ତାଙ୍କ ଅଞ୍ଚଳରେ ଘିକୁଆଁରୀ ଚାଷୀମାନେ ଫିଙ୍ଗି ଦେଇଥିବା ଗଛଗୁଡ଼ିକୁ ସଂଗ୍ରହ କରିଥିଲେ। ଘିକୁଆଁରୀ ଚାଷ ଓ ସେଥିରୁ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

କିପାଁଇ ସ୍ୱେଦ ବିନ୍ଦୁ ଉଠଇ ଭାଲେ
ରକତ ଛଟା ନାହିଁ ଫୁଟଇ ଗାଲେ ?
କୋମଳ ବାହୁଲତା ଦେହରେ ଅବନତା
କୁସୁମ ଗନ୍ଧ ରାଶି ପବନ ଢାଳେ,
କିପାଁଇ ସ୍ୱେଦ ତବ ଉଠଇ ଭାଲେ ?
–(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଜାତିସଂଘ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ

ମହାଶୟ,

Phones : 06861-232581 (O)/232641 (R), FAX : 06861-232541,
E-Mail : unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANPATH, BHUBANESWAR-751022
Tel : 91-0674-2542983, 2542802, 2545526, Fax : 2542102, GRAM HYDROPOWER,
E-Mail : ohpc.co@gmail.com/md@ohpcltd.com, Web : www.ohpcltd.com
CIN:U40101OR1995SGC003963, GSTIN-21AAACO2575P1Z9
TENDER CALL NOTICE No. BHEP/TECH/40/2025-26 Dtd.10.11.2025
No.CAD-2289 : The Sealed tenders are invited in single part bid basis from the Manufacturer / Reputed Suppliers / Authorised Dealers for supply of materials as detailed below.

| Sl No. | Description of Items | Cost of tender paper (In Rs.) |
|---|---|---|
| 1 | Supply of 02 Nos. of Pressure reducer valve with installation & commissioning for BHEP, Balimela | Rs.4720/- Inclusive of GST @ 18% |

The Sale of Tender Paper will be from : **15.11.2025 to 01.12.2025 (up to 11:00 hrs)**
The last date & time of receipt of Tenders : **Up to 12:00 hrs of 01.12.2025**
Date and time of opening of the Bid : **01.12.2025 at 12:30 hrs**
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com
OIPR- Sd./- C & P Head BHEP, Balimela

## ସଂକ୍ଷେପରେ

### କାମ କରୁଥିବାବେଳେ ଟଳିପଡ଼ିଲେ ଶ୍ରମିକ

ରିଷିଡ଼ା,୧୫।୧୧ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ପଞ୍ଚାୟତର ମାତୃପୁରୀ ଅଞ୍ଚଳରେ ଶନିବାର କାମ କରୁଥିବାବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାନ୍ଧୀନଗର ପଡ଼ାର ଜବ କୁମାର। ସୂଚନା ଅନୁସାରେ ମାତୃପୁରୀରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗାତ ଖୋଳା କାମ ଚାଲିଥିବାବେଳେ ଏଥିରେ ଜବ ନିୟୋଜିତ ହୋଇଥିଲେ। ପୂର୍ବାହ୍ନରେ ସେ କାମ କରୁଥିବା ବେଳେ ହଠାତ୍ ଟଳିପଡ଼ିଥିଲେ। ତାଙ୍କୁ ରିଷିଡା ଡାକ୍ତରଖାନା ଅଣାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବିଡିଓ ସୁଚରିତା ମୁଗ୍ରି, ଏପିଓ ଲିଜା ବରିହା, ଭାରପ୍ରାପ୍ତ ବିଏସ୍‌ଓ ପ୍ରଦୀପ କୁମାର ମାଝୀ, ରିଷିଡ଼ା ସରପଞ୍ଚ ସେବତୀ ରଣା, ପିଇଓ ଦେବରାଜ ରଣା ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ। ସରକାରୀ ନିୟମ ଅନୁଯାୟୀ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ତତ୍କାଳ ସହାୟତା ରାଶି ଦିଆଯିବ ବୋଲି ସରପଞ୍ଚ କହିଛନ୍ତି।

### ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା

ବୋଡ଼େନ,୧୫।୧୧ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଗୁରୁଜୀ ମୁରଲୀଧର ହୋତା ପରିଚାଳନା କରିଥିଲେ। ଏଥିରେ ବକ୍ତା ଭାବେ ଅଧ୍ୟାପକ ଗୟାଧର ମହାନ୍ତି ଯୋଗଦେଇ ମା'ମାନଙ୍କୁ କର୍ମଶାଳା ଉପରେ ମତାମତ ଦେଇଥିଲେ। ବାଟିକା ବିଭାଗ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପଢୁଥିବା ଛାତ୍ରୀଛାତ୍ରଙ୍କ ମା'ମାନଙ୍କୁ ଗୁରୁମା'ମାନେ କେତେକ ଉପାଦେୟ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ଶେଷରେ ଗୁରୁଜୀ ନୀଳାମ୍ବର ନାୟକ ଧନ୍ୟବାଦ ଦେଇଥିଲେ।

# ୨୯ରୁ କଳାହାଣ୍ଡିରେ ଖରିଫ ଧାନ କ୍ରୟ

- ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ
- ଗୋଲାମୁଣ୍ଡା ବ୍ଲକରୁ ପ୍ରଥମେ ହେବ ଧାନ କିଣା

ଭବାନୀପାଟଣା, ୧୪।୧୧(ଉତ୍ତମ କୁମାର ଦାଶ)


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଲୋକପ୍ରତିନିଧି ।

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଶନିବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲାରେ ଆସନ୍ତା ୨୯ ତାରିଖରୁ ଧାନ କ୍ରୟ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରଥମେ ଗୋଲାମୁଣ୍ଡା ବ୍ଲକ ଓ ପରେ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକରେ ଧାନ କ୍ରୟ କରାଯିବ। ବୈଠକରେ ଲୋକ ସଭା ସାଂସଦ ମାଳବିକା ଦେବୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଜୋଷୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ମୁଖ୍ୟ କୃଷି ଅଧିକାରୀ ଶୁଭେନ୍ଦୁ କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟକୁ ଆଗେଇଥିଲେ। ଜିଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନଗାଡ଼ି ଜବତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତବର୍ଷ ଏଫ୍ଏକ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୩୬୯ ଟଙ୍କା ଓ ଗ୍ରେଡ ଏ ମୂଲ୍ୟ ୨୩୮୯ ଟଙ୍କା ରଖାଯାଇଛି। ଏହା ବାଦ୍ ରାଜ୍ୟ ସରକାର ଘୋଷଣା କରିଥିବା ୮ ଶହ ଟଙ୍କା ଇନ୍‌ପୁଟ ସହାୟତା ଚାଷୀ ପାଇବେ। ଜିଲାରେ ଚଳିତ ଖରିଫ ଧାନ ବିକ୍ରୟ କରିବା ପାଇଁ ୧,୨୧,୧୮୧ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଗତବର୍ଷ ଖରିଫରେ ୧,୧୪,୫୮୫ ଜଣ ଚାଷୀ ପଞ୍ଜୀକୃତ କରିଥିଲେ। ଫଳରେ ଗତ ବର୍ଷଠାରୁ ୬୫୯୬ ଜଣ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ସେହିପରି ଜିଲାରେ ଚଳିତବର୍ଷ ୨୨୩ଟି ଧାନ କ୍ରୟ କେନ୍ଦ୍ର କରାଯାଇଥିବାବେଳେ ୨୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅବଶିଷ୍ଟ ପ୍ୟାକ୍ସ ଓ ଲ୍ୟାମ୍ପସ ଦ୍ୱାରା ଧାନ ସଂଗ୍ରହ କରାଯିବ। ଏହାସହ ଧାନ ଉଠାଣରେ ଏଥର ୯୦ ରାଇସ ମିଲକୁ ନିୟୋଜିତ କରାଯାଇଛି। ଚଳିତ ବର୍ଷ ଜିଲାରେ ୧ ଲକ୍ଷ ୮୨ ହଜାର ୮୨୫ ହେକ୍ଟରରେ ୮ଲକ୍ଷ ୭୩ ହଜାର ୭୭୯.୩୦ ଧାନ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ବୈଠକରେ ବିଭାଗୀୟ ଅଧିକାରୀ, ବିଧାୟକ ଓ ସାଂସଦ ପ୍ରତିନିଧି, ଚାଷୀ ପ୍ରତିନିଧି, ମିଲର୍ସ, ପ୍ୟାକ୍ସ, ଆର୍‌ଏମ୍‌ସି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୟୁପିଏସ୍‌ସିରେ ସଫଳ ବ୍ୟକ୍ତିତ୍ୱଙ୍କୁ ଭେଟନ୍ତୁ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଟ୍ରେନି ଅଧିକାରୀଙ୍କ ସହ ଅନ୍ୟମାନେ।

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶନିବାର ୟୁପିଏସ୍‌ସିରେ ସଫଳ ବ୍ୟକ୍ତିତ୍ୱଙ୍କୁ ଭେଟନ୍ତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ୟାରିୟର କାଉନସେଲିଂ ସେଲ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲାଲବାହାଦୁର ଶାସ୍ତ୍ରୀ ଏକାଡେମୀ ଅଫ ଆଡମିନିଷ୍ଟ୍ରେଶନ ଗଭର୍ନମେଣ୍ଟ ଅଫ ଇଣ୍ଡିଆ (ମହିଶୂର)ରେ ପ୍ରଶିକ୍ଷଣ ନେଉଥିବା ନୂତନ ଭାବେ ନିଯୁକ୍ତିପ୍ରାପ୍ତ ୧୧ଜଣ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଯୋଗଦାନ କରିଥିଲେ। ସେମାନେ ନିଜର ଅନୁଭୂତି ବଖାଣିବା ସମୟରେ ଛାତ୍ରୀଛାତ୍ର ଉତ୍ସାହିତ ହୋଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅଧିକାରୀମାନେ ଏହାର ସନ୍ତୋଷଜନକ ଉତ୍ତର ପ୍ରଦାନ 'ଅନ୍ୱେଷା' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସହିତ ମଧ୍ୟ ବାର୍ତ୍ତାଳାପ ହୋଇଥିଲା। ଏହାଦ୍ୱାରା ପିଲାମାନେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବା ପାଇଁ ମନରେ ଦୃଢ ଆଶା ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ପରିଚାଳନା କରିଥିବାବେଳେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କୁ ଭେଟିଲେ ଲାଞ୍ଜିଗଡ଼ବାସୀ

**ଲାଞ୍ଜିଗଡ଼କୁ ଏନ୍‌ଏସି ଘୋଷଣା, ମୁଖ୍ୟରାସ୍ତା ସମ୍ପ୍ରସାରଣ କରିବା ଦାବି**

ଲାଞ୍ଜିଗଡ଼,୧୫।୧୧(ରମେଶ ଚନ୍ଦ୍ର ନାୟକ)


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼କୁ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ରୂପେ ଘୋଷଣା କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ, ଲାଞ୍ଜିଗଡ଼ ସହରର ମୁଖ୍ୟ ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ଦାବି ହୋଇଛି। ଏ ନେଇ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ ଏକ ୮ଜଣିଆ ସଦସ୍ୟ ଶନିବାର କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲୋକ ସଂଖ୍ୟା ହିସାବରେ ଲାଞ୍ଜିଗଡ ସହରର ମୁଖ୍ୟ ରାସ୍ତା ଅଣଓସାରିଆ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ପେସନିଆଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ରାଜେନ୍ଦ୍ର ମାଳି, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ କୋଷାଧ୍ୟକ୍ଷ ମହେଶ୍ୱର ପତି, ଲାଞ୍ଜିଗଡ଼ ଉନ୍ନୟନ ପରିଷଦ ସମ୍ପାଦକ ଶ୍ରୀମୁଖ ଅଗସ୍ତି ପ୍ରମୁଖ ଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଲାଞ୍ଜିଗଡ଼ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ

ଥୁଆମୂଳ ରାମପୁର,୧୫।୧୧ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଶୁକ୍ରବାର ଅଧ୍ୟକ୍ଷ ସୀତାକାନ୍ତ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ପ୍ରକଳ୍ପ ସମନ୍ୱୟକାରୀ ଆଲୋକ ମିଶ୍ର, ନୋଡାଲ ସିଆର୍‌ସିସି ଥୁଆମୂଳ ରାମପୁର ସୁନାଧର ମାଝୀ, ସ୍ୱେଚ୍ଛାସେବୀ ଏ.ଜେ. ଫାଉଣ୍ଡେଶନ ସୁମନ୍ତ କୁମାର ରଣା, ଜିଲା ପ୍ରକଳ୍ପ ସମନ୍ୱୟକାରୀ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ଦେବବ୍ରତ ଦାସ, ବିଶ୍ୱନାଥ ହେମ୍ବ୍ରମ, ଆଲୋକ ମହନ୍ତ, ପ୍ରଦୀପ କୁମାର ନାଗ, ସଙ୍ଗୀତା ଧରୁଆ, ଲିପିଶ୍ରୀ ବାରିକ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ଶିଶୁ ମହୋତ୍ସବ ୨୦୨୫ ପାଳିତ

ଥୁଆମୂଳ ରାମପୁର, ୧୫।୧୧ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା କାଣୀଗୁମା ଖଣ୍ଡୁଆଳ ପଡିଆରେ କର୍ତ୍ତବ୍ୟ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଶିଶୁ ମହୋତ୍ସବ ୨୦୨୫ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ତାଲୁକ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି କୋର୍ଟ ବିଚାରପତି ତାରିଣୀ ପ୍ରସାଦ ସାହୁ ଯୋଗଦେଇଥିଲେ। କର୍ତ୍ତବ୍ୟ ଅନୁଷ୍ଠାନ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ସିଡିପିଓ ମଧୁମାଳା ବାଗ, ସରକାରୀ ଓକିଲ ଦେବଦତ୍ତ ଯୋଷୀ, ଓକିଲ ମନୋରଞ୍ଜନ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ତୋଷ ଦାସ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ଶିଶୁମାନଙ୍କ ଶିକ୍ଷା ଅଧିକାର ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଦୀର୍ଘ ବର୍ଷର ମାଟି ରାସ୍ତା ପିଚୁ ହେଲା


କେସିଙ୍ଗା ଆଦର୍ଶ ବିଦ୍ୟାଳୟ ରାସ୍ତା ପିଚୁ କରାଯାଇଛି।

କେସିଙ୍ଗା,୧୫।୧୧(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପଡିଥିବା ମାଟିରାସ୍ତା ଦୀର୍ଘବର୍ଷ ପରେ ପିଚୁ ହୋଇଛି। ଆଦର୍ଶ ବିଦ୍ୟାଳୟକୁ ଯାଇଥିବା ୪୦୦ ମିଟର ମାଟିରାସ୍ତା ବର୍ଷାଦିନରେ କାଦୁଅ ପଚ ପଚ ଯୋଗୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରି କି ସାଇକେଲରେ ଯାଉଥିବା ବେଳେ କାଦୁଅରେ ପଡି ଯାଉଥିଲେ। ରାସ୍ତା ଉନ୍ନତୀକରଣ ପାଇଁ ସ୍ଥାନୀୟ ଲୋକେ ଜିଲାପାଳଙ୍କଠାରେ ଦାବି କରିଆସୁଥିଲେ। ଜିଲାପାଳ ଏହି ସମସ୍ୟା ଦେଖିବା ପରେ ରାସ୍ତା ନିର୍ମାଣ ପାଇଁ ପିଡବ୍ଲ୍ୟୁଡି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବିଭାଗ ପକ୍ଷରୁ ୧୮ ଲକ୍ଷ ଟଙ୍କା ବ୍ୟୟରେ ଶୁକ୍ରବାର ପିଚୁ ରାସ୍ତା ନିର୍ମାଣ କରାଯାଇଛି। ଏଥିରେ ଛାତ୍ରୀଛାତ୍ର ଖୁସି ବ୍ୟକ୍ତ କରି ବିଭାଗୀୟ ଯନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶନିବାରଠାରୁ ଛାତ୍ରୀଛାତ୍ର ଏହି ରାସ୍ତାରେ ବିନା ବାଧାରେ ସାଇକେଲ ଯିବାଆସିବା କରିଛନ୍ତି। ଏ ସଂକ୍ରାନ୍ତରେ ପିଡବ୍ଲ୍ୟୁଡି ବିଭାଗ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ କରଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ଦିନରେ ମୋ ଉପସ୍ଥିତିରେ ପିଚୁ ରାସ୍ତା ନିର୍ମାଣ କରାଯାଇଛି ବୋଲି ପ୍ରକାଶ କରିଥିଲେ।

### ଥ୍ରେସରରେ ପଶି ହାତ କଟିଲା

ନୂଆପଡ଼ା,୧୫।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଗଣ୍ଡାମେର ପଞ୍ଚାୟତ ଦାନଖୋଲା ଗାଁରେ ଶନିବାର ଧାନ ଅମଳ ଥ୍ରେସରରେ ପଶି ଜଣେ ବ୍ୟକ୍ତିଙ୍କ ହାତ କଟିଯାଇଛି। ଅପରାହ୍ନ ୩ଟା ସମୟରେ ରତନ ଶବର (୪୦) ତାଙ୍କ ପରିବାର ଲୋକଙ୍କ ସହ ଥ୍ରେସର ମେଶିନରେ ଧାନ ଅମଳ କରୁଥିଲେ। ସେହି ସମୟରେ ରତନଙ୍କ ଡାହାଣ ହାତ ଥ୍ରେସର ମେଶିନ ଭିତରେ ପଶିଯିବାରୁ ହାତ ପାପୁଲିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ସିରିଜ୍ ଦୁର୍ଘଟଣା: ୩ ଗୁରୁତର

ବୋଡ଼େନ,୧୫।୧୧ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ରାଜପୁର ବିଜୁ ଏକ୍ସପ୍ରେସ ରାସ୍ତାରେ ଶୁକ୍ରବାର ରାତିରେ ସିରିଜ୍ ଦୁର୍ଘଟଣା ଘଟି ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ରାତି ପ୍ରାୟ ୧୨ଟାରେ ରାସ୍ତା ଉପରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଅନ୍ୟ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଏହାର କିଛି ସମୟରେ ପରେ ଅନ୍ୟ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ି ପଛରୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଦୁଇ ଗାଡ଼ିର ଡ୍ରାଇଭର ସହ ଜଣେ ହେଲପର ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଶସ୍ୟବୀମା ପାଇଁ କ୍ରପ୍‌କଟିଂରେ ହେରଫେର

ଗୋଲାମୁଣ୍ଡା, ୧୫।୧୧(ବଟକୃଷ୍ଣ ପଣ୍ଡା)

**କ୍ରପ୍‌କଟିଂ କଲେ ଗୋଟିଏ ସ୍ଥାନରେ, ଓଜନ କଲେ ଅନ୍ୟ ସ୍ଥାନର ଧାନ**



କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମରେ ଶସ୍ୟବୀମା ପାଇଁ କ୍ରପ୍‌କଟିଂରେ ହେରଫେର୍ କରାଯାଇଥିବା ଜଣାପଡ଼ିଛି। କଟିଂ ଗୋଟିଏ ସ୍ଥାନରେ କରାଯାଇଥିବାବେଳେ ଅନ୍ୟ ସ୍ଥାନର ଧାନକୁ ଓଜନ କରାଯାଇଥିବାରୁ ଠିକ୍ ତଥ୍ୟ ଆସିବ ନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀ ଶସ୍ୟବୀମା ପାଇବାରେ ଅସୁବିଧାରେ ପଡ଼ିବେ। ବୀମାରାଶି ଯେତିକି ପାଇବା କଥା, ସେତିକି ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବର୍ତ୍ତମାନ ଚାରିଆଡ଼େ ଚାଲିଛି ଧାନ ଅମଳର ସମୟ। ତା'ସହିତ ଶସ୍ୟବୀମା ପାଇଁ ଚାଲିଛି କ୍ରପ କଟିଂ। ଅଦିନିଆ ବର୍ଷା ପାଇଁ ଚାଷ ଠିକ ହୋଇ ନ ଥିବାବେଳେ ଦାଉ ସାଧିଛି ଲଘୁଚାପଜନିତ ବାତ୍ୟା। ଫଳରେ ଗୋଲାମୁଣ୍ଡା ବ୍ଲକରେ ଧାନ ଫସଲ ପ୍ରାୟ ପ୍ରଭାବିତ ହୋଇଛି। କ୍ରପ କଟିଂ ସହ ଧାନର କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନଙ୍କୁ ଶସ୍ୟବୀମା ପ୍ରଦାନ କରାଯାଇଥାଏ। ବୀମା କମ୍ପାନୀ ଓ ସ୍ଥାନୀୟ କୃଷି ବିଭାଗ ସହିତ ଆର୍‌ଆଇଙ୍କ ଉପସ୍ଥିତିରେ ଆଗରୁ ନିର୍ଦ୍ଧାରିତ ସ୍ଥାନ ଚିହ୍ନଟ କରି କ୍ରପ କଟିଂ କରାଯାଏ। କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଗୋଲାମୁଣ୍ଡାର ପ୍ରଭାକର ଭୋଇଙ୍କ ଜମିରେ କ୍ରପକଟିଂ ପାଇଁ ମାପ କରି ଅଧିକ ସ୍ଥାନରୁ ଧାନ କଟାଯାଇଥିଲା। କିନ୍ତୁ ସେହି ଧାନକୁ ଓଜନ କରା ନ ଯାଇ ପାଖରେ ଥିବା ଖଳାରେ ଦୁର୍ବଳ ଭୋଇଙ୍କ ଅମଳ ଧାନକୁ ଓଜନ କରି ରିପୋର୍ଟ ତିଆରି କରାଯାଇଥିବା ଅଭିଯୋଗ ହୋଇଛି। ଏହି କ୍ରପକଟିଂ ସମୟରେ ବୀମା କମ୍ପାନୀର ୨ଜଣ କର୍ମଚାରୀଙ୍କ ସହିତ ସ୍ଥାନୀୟ ଆର୍‌ଆଇ ଜେମା ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଏନେଇ ଆର୍‌ଆଇ ମାଝୀଙ୍କୁ ଯୋଗାଯୋଗ କରାଯାଇଥିବାବେଳେ କୌଣସି ପ୍ରତିକ୍ରିୟା ମିଳିନାହିଁ। କ୍ରପକଟିଂରେ ଏପରି ହେରଫେର ହୋଇଥିବାର ଅନ୍ୟ ଚାଷୀମାନଙ୍କଠାରୁ ପ୍ରଭାକର ଭୋଇ ଜାଣିବାକୁ ପାଇଥିଲେ। ଏ ନେଇ ସେ ଉଚ୍ଚ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଏଥିପ୍ରତି ଜିଲା କୃଷି ବିଭାଗ ସହିତ ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କଲେ ଚାଷୀ ଉପକୃତ ହେବେ ବୋଲି ଅଞ୍ଚଳର ଚାଷୀମାନେ କହିଛନ୍ତି।



# ଜନଜାତିଙ୍କ ବିକାଶରେ ଦେଶର ପ୍ରଗତି ସମ୍ଭବ

ସୋନପୁର, ୧୫।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ବିର୍ସା ମୁଣ୍ଡା ଜଣେ ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ। ତାଙ୍କ ସଂଗ୍ରାମ ଓ ଜନଜାତି ସମ୍ପ୍ରଦାୟଙ୍କ ସ୍ୱାର୍ଥ ପାଇଁ ପ୍ରତିଶୃତିବଦ୍ଧତା ପାଇଁ ସେ ଭାରତ ଇତିହାସରେ ଅମର ହୋଇ ରହିଛନ୍ତି। ଇଂରେଜ ଶାସନ ସମୟରେ ବିର୍ସା ଅନ୍ୟାୟ, ଅତ୍ୟାଚାରକୁ ବିରୋଧ କରି ଜନଜାତିଙ୍କୁ ଏକାଠିକରି ବଡଧରଣର ବିପ୍ଳବ କରିଥିଲେ ବୋଲି ସୁବର୍ଣ୍ଣପୁର ଟାଉନ ହଲରେ ଶନିବାର ଆୟୋଜିତ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକୃତିକୋଳରେ ରହୁଥିବା ଜନଜାତିଙ୍କ ବିକାଶରେ ଦେଶର ପ୍ରଗତି ସମ୍ଭବ ବୋଲି କହିଥିଲେ। ସେ କହିଥିଲେ, ଭଗବାନ ବିର୍ସା ଜଳ-ଜଙ୍ଗଲ ଓ ଜମିର ସୁରକ୍ଷା ପାଇଁ ଗୁରୁତ୍ୱ ଦେଉଥିଲେ। କାରଣ ଏହି ସବୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହେଲେ ଆଦିବାସୀଙ୍କ ଜୀବନ ଜୀବିକାର ସୁରକ୍ଷା ସହ ପରିବେଶର ସୁରକ୍ଷା ହୋଇପାରିବ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅନୁପମା ପଣ୍ଡା, ଆଦିବାସୀ ନେତା ବିହାରୀ ମାଝୀ, ବୈଶାଖୁ ମିର୍ଦ୍ଧା ଓ ଅତିରିକ୍ତ ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ ଯୋଗଦାନ କରିଥିଲେ। ଜନଜାତିଙ୍କ ବିକାଶ ପାଇଁ ସ୍ୱାଧୀନତା ସଂଗ୍ରାମୀ ବିର୍ସାଙ୍କ ସାଲିସ ବିହୀନ ସଂଗ୍ରାମ, ଜମିଦାରଙ୍କ ଶୋଷଣ ବିରୋଧରେ ଆନ୍ଦୋଳନ, ଲୋକମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢେଇ ଏବଂ ବୀରତା ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ସରକାରଙ୍କ ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ, ଜଙ୍ଗଲ ଜମିର ଅଧିକାର, ବନଜାତ ଉତ୍ପାଦ ପାଇଁ ଏମ୍ଏସ୍ପି ଓ ଜନଜାତି ଛାତ୍ରୀଛାତ୍ରଙ୍କ ସ୍କୁଲଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ରାଜ୍ୟ ସରକାରଙ୍କ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଆର୍ଥିକ ସହାୟତା ଓ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପାଇଁ ମାଟ୍ରିକ୍ ପୂର୍ବରୁ ଏବଂ ମାଟ୍ରିକ୍ ପରେ ବୃତ୍ତି ପ୍ରଦାନ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଜୁରାଟ ଦେଦିଆପଡା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରା ଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ସଭାରେ ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଦିବାସୀ ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଆଦିବାସୀ ନୃତ୍ୟ, ଭଜନ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ଏଥିରେ ୧୨ଜଣ ରକ୍ତ ଶିକୁଳି ରୋଗୀଙ୍କୁ କାର୍ଡ, ଆୟୁଷ୍ମାନ୍ ଭାରତ ଯୋଜନାରେ ୧୨ଜଣଙ୍କୁ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ କାର୍ଡ ବଣ୍ଟନ ହୋଇଥିଲା। ସେହିପରି ଜନଜାତିଙ୍କ ରକ୍ତଚାପ, ସୁଗାର ଓ ଚକ୍ଷୁ ଆଦି ପରୀକ୍ଷା କରାଯାଇଥିଲା। ବିଜୟ କୁମାର ପ୍ରଧାନ, ଜ୍ୟୋତିରଞ୍ଜନ ଦାନୀ, ମିନାକ୍ଷୀ ମହାଳିକ, ସୁବ୍ରତ କୁମାର ପାଢୀ, ଜୟନାରାୟଣ ମେହେର ଓ ଭାଗିରଥୀ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ବିର୍ସା ମୁଣ୍ଡା ଜଣେ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଥିଲେ**

**ଜନଜାତୀୟ ଗୌରବ ଦିବସ ପାଳିତ**

## ଜନଜାତୀୟ ଗୌରବ ଦିବସ


ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଅମରପାଲି, ୧୫।୧୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ବୀର ବିର୍ସା ମୁଣ୍ଡାଙ୍କର ଜୟନ୍ତୀ ଅବସରରେ ଶନିବାର ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। କାଦୋଦରସ୍ଥିତ ଉମାଦେବୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିଗମାନନ୍ଦ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଦେଶମାତୃକା ପାଇଁ ବଳିଦାନ ଅବିସ୍ମରଣୀୟ ବୋଲି ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ସଭା ସଂଯୋଜନା କରିବା ସହ ଜନଜାତିଙ୍କର ସରଳ ଜୀବନଯାପନ ଉପରେ କହିଥିଲେ। ଭାରତମାତାର ସୁଯୋଗ୍ୟ ସନ୍ତାନ ଜନଜାତି ମହାନ ବୀର ବିର୍ସା ମୁଣ୍ଡାଙ୍କର ସଂଘର୍ଷମୟ ଜୀବନୀ ଉପରେ ସେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଜୀବର୍ଦ୍ଧନ ରଣା, ମୀନକେତନ ରଣା ପ୍ରମୁଖ ଜନଜାତି ଗୌରବ ଦିବସ ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଏଥିରେ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ ସୁରେନ୍ଦ୍ର ପଧାନ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶର୍ଟ ସର୍କିଟରୁ ଜଳିଗଲା ଚାଳଘର

ବିନିକା, ୧୫ । ୧୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଭଣ୍ଡାର ପଞ୍ଚାୟତ ପିତେଇପାଲି ଗାଁର ଈଶ୍ୱର ନାଗଙ୍କ ଚାଳଘରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତି ହୋଇଛି। ଘରେ ନ ଥିବାବେଳେ ଶନିବାର ବିଦ୍ୟୁତ ଶର୍ଟ ସର୍କିଟରୁ ନିଆଁ ଲାଗିଯାଇଥିଲା। ଫଳରେ ଘରେ ଗଚ୍ଛିତ ଥିବା ଚାଉଳ, ଆସବାବପତ୍ର, ଟଙ୍କା ଆଦି ବିଭିନ୍ନ ଜିନିଷ ପୋଡି ପାଉଁଶ ହୋଇଯାଇଛି। ପିତେଇପାଲି ଗାଁ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହୋଇଥିବାରୁ ବିନିକା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା।



ପ୍ରତିଯୋଗିତାର ଉଦ୍ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

## ଫୁଟ୍ବଲ, କବାଡ଼ି ପ୍ରତିଯୋଗିତା ଉଦ୍ଯାପିତ

ହରଭଙ୍ଗା, ୧୫।୧୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଜିଲା ବିଦ୍ୟାଳୟ ସମୂହ ଫୁଟ୍ବଲ ଓ କବାଡି ପ୍ରତିଯୋଗିତା ଶନିବାର ଉଦ୍ଯାପିତ ହୋଇଛି। ଜିଲା ଶିକ୍ଷାଧିକାରୀ ଟେମଲାଲା ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡାମଣି ବାରିକ, ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି ଓ ବିଦ୍ୟାଳୟର ଅଧ୍ୟକ୍ଷ ଓମ୍ ପ୍ରକାଶ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୩ ବ୍ଲକରୁ ୨୭୫ ଜଣ ଛାତ୍ରୀଛାତ୍ର ଓ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ୧୭ ବର୍ଷରୁ କମ୍ ବାଳକ ଫୁଟ୍ବଲରେ ବୌଦ୍ଧ ବ୍ଲକ ବିଜେତା ହୋଇଥିବା ବେଳେ କନ୍ଧମାଳ ବ୍ଲକ ରନର୍ସ ହୋଇଥିଲା। ବାଳିକା ବିଭାଗରେ ହରଭଙ୍ଗା ବ୍ଲକ ବିଜେତା ଏବଂ ବୌଦ୍ଧ ବ୍ଲକ ରନର୍ସ ହୋଇଥିଲା। ୧୭ବର୍ଷ କବାଡିରେ ବାଳକ ବିଭାଗରେ କନ୍ଧମାଳ ବ୍ଲକ ବିଜେତା ଓ ହରଭଙ୍ଗା ବ୍ଲକ ରନର୍ସ ଏବଂ ବାଳିକା ବିଭାଗରେ ହରଭଙ୍ଗା ବ୍ଲକ ବିଜେତା ଓ କନ୍ଧମାଳ ବ୍ଲକ ରନର୍ସ ହୋଇଥିଲା। ସମସ୍ତ ସିଆରସିସି ଓ ଖେଳ ଶିକ୍ଷକ ସହଯୋଗ କରିଥିଲେ।

## ଆଶ୍ରମ ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ

ତରଭା, ୧୫।୧୧ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଡ଼ଭଇଁରୋ ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଶନିବାର ଜନଜାତି ଗୌରବ ଦିବସ ଏବଂ ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାର ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ପ୍ରତିଛବି ସାମ୍ନାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ସେବିକା ସବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦଳବେହେରା, ମୁଖ୍ୟବକ୍ତା ଭାବରେ ନରୋତ୍ତମ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆଇସିଡ଼ିଏସ୍ ସୁପରଭାଇଜର ସରସ୍ୱତୀ ନାଗ, ଭିଏଡବ୍ଲ୍ୟୁ ଭରତ କୁମ୍ଭାର, ପରିଚାଳନା କମିଟି ସଭାପତି ସୁରେଶ ସାହୁ, ପିଇଓ ଚୁମକିଝାଙ୍କର ଯୋଗଦାନ କରିଥିଲେ। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରେ ଅଭିଭାବିକା ଅଭିଭାବକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ମଞ୍ଚ ପରିଚାଳନା ଦିଲୀପ କୁମାର ମିଶ୍ର କରିଥିବା ବେଳେ ମିତ୍ରଭାନୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସେବକ ଚମାର ବରିହା, ପଙ୍କଜିନୀ ନାଏକ, ମିତ୍ରଭାନୁ ଭୋଇ, ଶିବାନନ୍ଦ ମେହେର, ଶୁଭକାନ୍ତି ଝଙ୍କାର, ଅଜିତ ନାଗ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା


ବୀରମହାରାଜପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଅତିଥି, ଅଧିକାରୀ।

ବୀରମହାରାଜପୁର, ୧୫।୧୧ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବ୍ଲକ କଲ୍ୟାଣ ମଣ୍ଡପଠାରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଝସକେତନ ପଶାୟତଙ୍କ ସଂଯୋଜନାରେ ଏହି ଅବସରରେ ଏକ ସଭା ହୋଇଥିଲା। ବୀରମହାରାଜପୁର ବ୍ଲକର ସମସ୍ତ ପଞ୍ଚାୟତରୁ ୪୦୦ରୁ ଅଧିକ ମତ୍ସ୍ୟଜୀବୀ, ପ୍ରାଣୀପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଏତଦ୍ ବ୍ୟତୀତ ଉତ୍ସାହୀ ଜନସାଧାରଣ, ପଞ୍ଚାୟତ ସମିତିର ସଭ୍ୟାସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଦସ୍ୟ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମେଳା ଓ ପ୍ରଦର୍ଶନୀକୁ ଫିତାକାଟି ଉଦ୍ଘାଟନ କରିଥିଲେ। ସୁବର୍ଣ୍ଣପୁର ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜଗଦଲା ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡା.ରଞ୍ଜନ କୁମାର ଦାସ, ସମ୍ମାନିତ ଅତିଥି ଭାବରେ ଏମ୍ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବ୍ଲକ ସରପଞ୍ଚ ସଂଘର ସଭାପତି ଶ୍ରୀୟା କର୍ମୀ, ପଞ୍ଚାୟତ ସମିତି ସଭ୍ୟ ସଭାପତି ଲକ୍ଷ୍ମୀନାରାୟଣ ପୁରୋହିତ ,ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ କୃଷ୍ଣଚନ୍ଦ୍ର ମହନ୍ତ, ସାମାଜିକ କର୍ମୀ ତଥା ଭାଜପା ଜିଲା ସଭାପତି ବେଣୁଧର ଦାସ, ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକର ୪ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ୪ ଜଣ ପ୍ରାଣୀପାଳକ, ୨ଟି ସ୍ୱୟଂ ସହାୟକ ଦଳକୁ କୁକୁଡ଼ା ପାଳନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କୃଷକ-ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟ ବିଶେଷଜ୍ଞ ଭାବରେ ତ୍ରିଲୋଚନ ସେଠୀ, ପ୍ରାଣୀ ସମ୍ପଦ ବିଶେଷଜ୍ଞ ଭାବରେ ସହକାରୀ ମତ୍ସ୍ୟ ଅଧିକାରୀ ଡ. ମୃତ୍ୟୁଞ୍ଜୟ ମହାନ୍ତି, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ, ଜିଲା ଉପନିର୍ଦ୍ଦେଶକ ସୁନାକର ସାମଲ ଯୋଗଦେଇ ଚାଷୀଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନା ସମୂହର ପ୍ରଚାର କରାଯାଇଥିଲା। ଶେଷରେ ଡ. ସୁନାକର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

**ଯୋଗଦେଲେ ୪୦୦ରୁ ଅଧିକ ମତ୍ସ୍ୟଜୀବୀ, ପ୍ରାଣୀପାଳକ**



# ବିର୍ସା ମୁଣ୍ଡାଙ୍କ ତ୍ୟାଗ, ବଳିଦାନ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ

## ସୁନ୍ଦରଗଡ଼ରେ ବୀର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ



ସୁନ୍ଦରଗଡ ଜିଲା ମାଦ୍ରିକାଲୋ ଭବନଠାରେ ଆୟୋଜିତ ବିର୍ସା ମୁଣ୍ଡା ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସୁନ୍ଦରଗଡ,୧୫।୧୧(ଜୟ ନାରାୟଣ ମେଣ୍ଡୁଲି)**

ଦେଶର ସ୍ୱାଧୀନତା ଆନ୍ଦୋଳନ ତଥା ଜନଜାତିଙ୍କ ଅଧିକାର ପାଇଁ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ବଳିଦାନ ସ୍ମରଣୀୟ। ଏହି ମହାନ ଦେଶପ୍ରେମୀ ଜନନାୟକଙ୍କ ଆଦର୍ଶରେ ଯୁବପିଢ଼ି ଆନୁପ୍ରାଣୀତ ହେବାକୁ ଶନିବାର ସ୍ଥାନୀୟ ମାଦ୍ରିକାଲୋ ଭବନଠାରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଧରତି ଆବା ବୀର ବିର୍ସା ମୁଣ୍ଡା ଜୟନ୍ତୀ କମିଟି,ସୁନ୍ଦରଗଡ ଆନୁକୂଲ୍ୟରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ବୀର ବିର୍ସା ମୁଣ୍ଡା ଆଦିବାସୀ ଜନଜାତିଙ୍କ ଅଧିକାର ପାଇଁ ତତ୍କାଳୀନ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରି ସମ୍ପୂର୍ଣ୍ଣ କ୍ରାନ୍ତି ଆଣିବାରେ ସଶସ୍ତ୍ର ସଂଗ୍ରାମ କରି ଅମର ହୋଇଛନ୍ତି। ଏଣୁ ଆଦିବାସୀମାନେ ନିଜର ଅଧିକାର ଓ ହକ ପାଇଁ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶିକ୍ଷାରେ ଅଗ୍ରଣୀ ହୋଇ ଏକ ସଂସ୍କାରିତ ନିଶାମୁକ୍ତ ସଶକ୍ତ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟିକା କୁସୁମ ଟେଟେ ଯୋଗଦେଇ ବୀର ବିର୍ସା ମୁଣ୍ଡା ଜନଜାତିଙ୍କ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିବା ସହ ଭାରତ ସରକାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀର ୧୫୦ବର୍ଷ ପୂର୍ତ୍ତିକୁ ଦେଶବ୍ୟାପୀ ଜନଜାତି ଗୌରବ ଦିବସଭାବେ ସମାରୋହରେ ପାଳନ କରିବାକୁ ନେଇଥିବା ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ପୌରଧକ୍ଷା ତନୟା ମିଶ୍ର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ବିର୍ସା ମୁଣ୍ଡାଙ୍କ ବୀରତ୍ୱର ଗାଥା ଉତ୍ତର ପୀଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଅଧାପିକା ସୁସ୍ମିତା ଭୋଇ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନୀ ସମ୍ପର୍କରେ ଆଲୋଚନା କରି ତାଙ୍କର ବଳିଷ୍ଠ ତ୍ୟାଗ ଓ ବଳିଦାନ ଭାରତ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇଛି ବୋଲି କହିବା ସହ ତାଙ୍କ ବୀରତ୍ୱର ଗାଥା ସମ୍ପର୍କରେ ଉଚ୍ଚତର ଗବେଷଣା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପୌରଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ଜିଲା ଲକ୍ଷେଘର ସଭାପତି ପ୍ରଫୁଲ୍ଲ ସୁନ୍ୟାନୀ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନର ଅଧ୍ୟକ୍ଷ ତଥା ସାମାଜିକକର୍ମୀ ସଞ୍ଜୟ ନନ୍ଦ ଓ ଓଡ଼ିଆ ସିନେ ତାରକା ପ୍ରଦୀପ ଦତ୍ତ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ସ୍ମୃତି ଚାରଣ କରି ଆୟୋଜକ ଜୟନ୍ତୀ କମିଟିର ଏହି ପୂଜ୍ୟପୂଜା ପରମ୍ପରାକୁ ପ୍ରଂଶସା କରି ଏହା ଆଗାମୀ ପିଢ଼ିଙ୍କ ପାଇଁ ଦିଗଦର୍ଶନ ଦର୍ଶନ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟ ଅର୍ପଣ ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଆୟୋଜକ ଧରତି ଆବା ବୀର ବିର୍ସା ମୁଣ୍ଡା ଜୟନ୍ତୀ କମିଟି ସଭାପତି ପଞ୍ଚା ବାର୍ଲା ଏହି ସଭାରେ ସଭାପତିତ୍ୱ କରିବାସହ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ହିନ୍ଦୁ ନାଗବଂଶୀ ମୁଣ୍ଡା ସମାଜର ସାଧାରଣ ସମ୍ପାଦକ ଟିଙ୍କୁ ମୁଣ୍ଡା ସଭା ସଞ୍ଚାଳନ କରିଥିଲେ। ସମ୍ପାଦକ ସୁଖଲାଲ ମୁଣ୍ଡା, ହିନ୍ଦୁ ନାଗ, ନଶୀ ମୁଣ୍ଡା, ସମାଜର ସଭାପତି ସୋମନାଥ ମୁଣ୍ଡା, ଉପଦେଷ୍ଟା ଜନ୍ମ ମୁଣ୍ଡା, ଉପସଭାପତି ସୁରେଶ ମୁଣ୍ଡା, ମହିଳା ମୁଣ୍ଡା ସମାଜର ସାଧାରଣ ସମ୍ପାଦିକା ଆଶ୍ରିତା ମୁଣ୍ଡା, ଅନୁପମା ଟପ୍ପୋ, ସୁମନ୍ତ ଟପ୍ପୋଙ୍କ ସମେତ ସମସ୍ତ କାର୍ଯ୍ୟ କର୍ତ୍ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆୟୋଜକ ଜୟନ୍ତୀ କମିଟିର ଉପଦେଷ୍ଟା ତଥା ଟାଙ୍ଗରପାଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଜଟିଆ ମୁଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ବିଭିନ୍ନ ପାରମ୍ପରିକ ଆଦିବାସୀ ଲୋକ ସଂସ୍କୃତି ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ହସ୍ପିଟାଲ ଛକରୁ ପାରମ୍ପରିକ ଆଦିବାସୀ ବେଶଭୂଷା,ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ମାଦଳର ତାଳେ ତାଳେ ବହୁ ସଂଖ୍ୟାରେ ଆଦିବାସୀ ମହିଳା ପୁରୁଷ ଶୋଭାଯାତ୍ରାରେ ଡିଆରଡିଏ ଛକ ଦେଇ ଡକ୍ଟର ବାବା ସାହେବ ଆମ୍ବେଡକର ଓ ବିର୍ସା ମୁଣ୍ଡା ଛକରେ ଥିବା ବିର୍ସା ମୁଣ୍ଡାଙ୍କ ମୂର୍ତ୍ତିରେ ଅତିଥି ଓ କମିଟିର କର୍ମକର୍ତ୍ତାମାନେ ପୁଷ୍ପ ମାଲ୍ୟାର୍ପଣ କରି ମାଦ୍ରିକାଲୋ ସ୍ଥିତ ସଭାସ୍ଥଳରେ ପହଞ୍ଚି ଥିଲେ।


ବୀରମିତ୍ରପୁର ବସଷ୍ଟାଣ୍ଡରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ବନ୍ଧମୁଣ୍ଡା,(ସୁବ୍ରତ ଦେ) :**
ବିଶ୍ରାରେ ସ୍ଥାନୀୟ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ରାତାଖଣ୍ଡି ସରଣା ପୂଜା କମିଟିର ଯୁଗ୍ମ ପ୍ରୟାସରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ରା ଚେକ୍‌ଗେଟ ଛକରେ ବିର୍ସା ମୁଣ୍ଡାଙ୍କ ପ୍ରତିମା ସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ବରିଷ୍ଠ ନେତା ତଥା ସମାଜସେବୀ ଲେଥା ତିର୍କୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିର୍ସା ମୁଣ୍ଡାଙ୍କ ପ୍ରତିମା ଅନାବରଣ କରିଥିଲେ। ଏହି ଅବସରରେ ଆଦିବାସୀ ସମୁଦାୟର ଲୋକେ ପାରମ୍ପରିକ ପୋଷାକରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ତିର୍କୀ କହିଥିଲେ, ବିର୍ସା ମୁଣ୍ଡା ଏକ ନାମ ନୁହେଁ; ସେ ନ୍ୟାୟ, ସାହସ ଓ ସ୍ୱାଭିମାନର ପ୍ରତୀକ। ଆଦିବାସୀ ସମ୍ପ୍ରଦାୟର ଅଧିକାର ରକ୍ଷା ପାଇଁ ତାଙ୍କର ସଂଗ୍ରାମ ଓ ବଳିଦାନ ସଦା ସ୍ମରଣୀୟ ରହିବ। ଏହି ସମାରୋହରେ ସୋମା ମୁଣ୍ଡା, ଦେବା କେରକେଟ୍ଟା, ସୁଖରାମ ଓରାମ, ହୁସରୁ ଓରାମ, ଅଜୟ ଓରାମ, ଗୁଣ୍ଡି ଓରାମ, ସେବାଷ୍ଟିନ ଲାମଗା, ଏମ୍ କୁଜୁର ଉପସ୍ଥିତ ଥିଲେ।

**କୁତ୍ରା,(ଦେବାଶିଷ ସାହୁ):**
କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘନା ଆମ୍ବବଗିଚାଠାରେ ବିର୍ସାମୁଣ୍ଡା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବାଗି ଲାକ୍ରା, ସମାଜସେବୀ ତଥା ବରିଷ୍ଠ ଆଦିବାସୀ ନେତା ବଏଲୋ କିଷାନ, ସୁନୀଲ କୁମାର ଜୋଜୋ, ପାଉଲ କୁଲ୍ଲୁ, ସୁରେନ୍ଦ୍ର ଟପ୍ପୋ,କୀର୍ତ୍ତି ଏକ୍କା, ସମିତି ସଭ୍ୟା, ସରପଞ୍ଚ ଭୁବନ କୁଜୁର, ରିଚାର୍ଡ ଲୁଗୁନ, ବିପିନ ଓଡ଼ିଆ, ସୁନୀଲ ଖାଲଖୋ,ଲିଟୁ ମିଞ୍ଜ, ଅମୂଲ୍ୟ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ। ପରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୧ଟି ଆଦିବାସୀ ସାଂସ୍କୃତିକ ଦଳ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବୁଦରାମ ମିଞ୍ଜ, କ୍ରିଷ୍ଟା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବଡ଼ଗାଁ,(ଅଶୋକ ଷଡଙ୍ଗୀ):**
ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମରେ ବଡ଼ଗାଁ ଗ୍ରାମସଭା କମିଟି ଓ ସାମାଜିକ ସେବା ସଦନ, ସବ୍‌ଡେଗାର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏନ୍ ଡନସନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଦିବାସୀ ନେତା ସୁନୀଲ ଯଯୋ, ଷ୍ଟାନିସଲାସ ବାର୍ଲା ଜୋସେଫ କାଣ୍ଡୁଲାନା, ହେମରମ ବାଗେ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୋଜାଲିନ ସଏ, ସରପଞ୍ଚ ବୀରେନ୍ଦ୍ର ବାର୍ଲା, ସାମାଜିକ ସେବା ସଦନ କର୍ମକର୍ତ୍ତା ବେରୋନିକା ଡୁଙ୍ଗଡୁଙ୍ଗ, ଇମାନୁଏଲ ପାଥିଲ, ଆଲେକ୍‌ଜାଣ୍ଡାର କେରକେଟା, ଥାନା ଅଧିକାରୀ ବାଲୁଙ୍କେଶ୍ୱର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବୀର ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉତ୍ସବରେ ପାରମ୍ପରିକ ନୃତ୍ୟ ଓ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):**
ବୀରମିତ୍ରପୁର ବିର୍ସା ମୁଣ୍ଡା ବସଷ୍ଟାଣ୍ଡରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଧାୟକ ରୋହିତ ଜୋସେଫ ତିର୍କୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ନାମ ଇତିହାସରେ ଉଲ୍ଲେଖ ରହିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବୀରମିତ୍ରପୁର ପୌରପାଳିକା ଭାଇସ ଚେୟାରମ୍ୟାନ ନିବେଦିତା ବାଗେ, ପୂର୍ବତନ ଚେୟାରମ୍ୟାନ ଶଶି ସାଗର, କାଉନସିଲର କମଲେସ ସିଂହ, ନିର୍ମଳା କୁଜୁର, ଜଗଦୀଶ ଅଗ୍ରୱାଲ, କୁନା ଦେବ, ସାହିଦ ଆଲମ, ଅବୁଲ ଖଇର ପ୍ରମୁଖ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବୀରମିତ୍ରପୁର ବିକାଶ ମଞ୍ଚ ତରଫରୁ ପୂର୍ବତନ ବିଧାୟକ ନୀହାର ସୁରିନ, ଜଗଦୀଶ ଅଗ୍ରୱାଲ, ବ୍ରଜ କିଶୋର ଶୁକ୍ଲା, ରୋହିତ ଦୀପ, ବିକ୍ରମ ପଟ୍ଟନାୟକ, ଜୟନ୍ତ ଶ୍ରୀବାସ୍ତବ, ପାଇକାଶ ତିର୍କୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ରାଜଗାଙ୍ଗପୁର,(ଅଶୋକ ପାଣି) :**
ରାଜଗାଙ୍ଗପୁରର ରାଣିବନ୍ଧଠାରେ ଥିବା ବୀର ବିର୍ସାମୁଣ୍ଡା ଜୟନ୍ତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସମ୍ମାନିତ ଅତିଥି ରାଜଗାଙ୍ଗପୁର ବିଧାୟକ ଡକ୍ଟର ସିଏସ ରାଜନ ଏକ୍କା, ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କୀ, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଏସଡିପିଓ ବିଭୂତି ଭୂଷଣ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ମହିଳା ହକିଦଳର ଏକ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିର ସଭାପତି ଜନ ହେମ୍ବ୍ରମ, କମିଟିର ସଂଯୋଜକ ଆଲବର୍ଟ କିଣ୍ଡୋ, କଂଗ୍ରେସ ଟାଉନ ସଭାପତି ଦେବରଞ୍ଜନ ବିନୋଦ, ଟାଉନ ଭାଜପା ସଭାପତି ରାଜେନ ସୋନି ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନିଜେ ସଚେତନ ହୁଅ, ଅନ୍ୟକୁ କରାଅ



ସଚେତନତା ସଭାରେ ପୋଲିସ ଏବଂ ଛାତ୍ରୀଛାତ୍ର।

## ବଡ଼ଗାଁ ପୋଲିସ ଦ୍ୱାରା ସାଇବର ସଚେତନତା ଶୋଭାଯାତ୍ରା, ସଭା

**ବଡ଼ଗାଁ,୧୫।୧୧(ଅଶୋକ ଷଡ଼ଙ୍ଗୀ)**

ଓଡ଼ିଶା ପୋଲିସ ଓ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଶନିବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଦର୍ଶ ଥାନା ପୋଲିସ ପକ୍ଷରୁ ସାଇବର ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ଲାକାର୍ଡଧରି ସାୟେରା ସହିତ ଛାତ୍ରୀଛାତ୍ର, ଶିକ୍ଷକ ଓ ପୋଲିସ ନର୍ସିଂ କଲେଜ ପରିସରରେ ପହଞ୍ଚି ସେଠାରେ ସମବେତ ହେଲାପରେ ସଭା ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ନର୍ସିଂ କଲେଜର ଛାତ୍ରୀଛାତ୍ର ସାଇବର ସଚେତନତା ଉପରେ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଆୟୋଜିତ ସଭାରେ ସୁନ୍ଦରଗଡ଼ ଏସ୍‌ପି ଆମ୍ରିତପାଲ କୌର, ଅତିରିକ୍ତ ଏସ୍‌ପି ମହେନ୍ଦ୍ର ମୁର୍ମୁ, ଏସ୍‌ଡିପିଓ ବିଭୂତି ଭୋଇ, ରିଜର୍ଭ ଇନ୍ସପେକ୍ଟର ଲୋକନାଥ ଭୋଇ, ଇନ୍ସପେକ୍ଟର ସୁନୀଲ ସୋରେଙ୍ଗ, ବଡ଼ଗାଁ ଅତିରିକ୍ତ ତହସିଲଦାର ରମେଶ ବୋଇତାଇ, ନର୍ସିଂ କଲେଜ ନିର୍ଦ୍ଦେଶକ ଡା. ଅରୁଣ କୁମାର ନାୟକ, ଡିଗ୍ରୀ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଏସ୍‌ପି ଅମ୍ରିତପାଲ କୌର ଅଜଣା ବ୍ୟକ୍ତିଙ୍କୁ ଓଟିପି ନ ଦେବା, ଡେବିଟ ଏବଂ କ୍ରେଡିଟ କାର୍ଡ ନମ୍ବର ଶେୟାର ନ କରିବା, ପାସ୍‌ୱାର୍ଡ କାହାକୁ ନ ଜଣାଇବାକୁ କହିବା ସହ ଉଦାହରଣ ଦେଇ ବାସ୍ତବ ଜୀବନରେ ରହିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ମହେନ୍ଦ୍ର ମୁର୍ମୁ ବ୍ୟାଙ୍କ ସହିତ ଲିଙ୍କ୍ ଥିବା ସାଲାରି ଆକାଉଣ୍ଟ ନମ୍ବରରେ ନ ଦେବା, ଅଜଣା ବ୍ୟକ୍ତି ହ୍ୱାଟସଆପ କଲ ରିସିଭ ନ କରିବା, ଭୁଲ୍‌ରେ ରିସିଭ ହୋଇଗଲେ ଓ ଠକାମିରେ ପଡ଼ିଲେ ୧୯୩୦ରେ ଜଣାଇବାକୁ କହିଥିଲେ। ସାଇବର କ୍ରାଇମ କିପରି ଉପାୟରେ ହୋଇଥାଏ ବିସ୍ତୃତଭାବେ ବୁଝାଇଥିଲେ। ଅତିରିକ୍ତ ତହସିଲଦାର ବୋଇତାଇ କହିଥିଲେ, ଲୋଭରେ ପଡ଼ି ଲୋକେ ଠକାମିର ଶିକାର ହେଉଛନ୍ତି। ସର୍ବଦା କିଏ ଫୋନ କରିଛି, ପ୍ରଲୋଭନ କାହିଁକି ଦେଉଛି ଯାଞ୍ଚ କରିବା ଆବଶ୍ୟକ। ସୁରକ୍ଷିତ ରଖିବା ପାଇଁ ଷ୍ଟ୍ରଙ୍ଗ ପାସୱାର୍ଡ ଦେବାକୁ କହିଥିଲେ। ଛାତ୍ରୀଛାତ୍ରମାନେ ଜବ୍ ଫ୍ରଡ୍‌ରେ ପଡ଼ିବା ସମ୍ଭାବନା ଅଧିକ ରହିଥାଏ। ତେଣୁ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ପାଇଁ ଅତିଥିମାନେ ବୁଝାଇଥିଲେ। ଏହି ବିଷୟ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଯୁକ୍ତ ୩ କଲେଜର ଛାତ୍ରୀ ହଂଶିକା ଦେଉରି, ଛାତ୍ର ବିଷ୍ଣୁ ମିଲୁଓର୍, ଛାତ୍ରୀ ଅଭୀପ୍ସା ରାଜ, ଚିତ୍ରାଙ୍କନରେ ଯୁକ୍ତ ୨ କଲେଜର ଛାତ୍ରୀ ପ୍ରୀତି ନାଏକ, ଦୀପା ବେହେରା ଓ ସୁନୀତା ଛଡ଼ିଆଙ୍କୁ ଏସ୍‌ପି ପୁରସ୍କୃତ କରିଥିଲେ। ସଭାକୁ ଅଧ୍ୟାପିକା ମାଳବିକା ସାମଲ ପରିଚାଳନା କରିଥିଲାବେଳେ ବିଏନ୍‌ସି ନିର୍ଦ୍ଦେଶକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନଚାଷ ନଷ୍ଟ କଲେ ହାତୀପଲ, ଚିନ୍ତାରେ ଚାଷୀ


ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

**କୁତ୍ରା,୧୫।୧୧(ଦେବାଶିଷ ସାହୁ):**
କୁତ୍ରା ବ୍ଲକ ଅନ୍ତର୍ଗତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସନ୍ଧ୍ୟା ହେଲେ ଆସୁଛନ୍ତି ହାତୀପଲ। ଜଙ୍ଗଲ ନିକଟ ଧାନ ଚାଷ ଜମିରେ ପଶି ଦଳି ମକଚି ନଷ୍ଟ କରୁଛନ୍ତି ଏକର ଏକର ଜମିରେ ଅମଳ ହେବାକୁ ଥିବା ଧାନ। ଯାହାକୁ ନେଇ ଚାଷୀ କ୍ଷତିଗ୍ରସ୍ତ ହେବା ସହ ଭାଳେଣି ପଡିଛି। ଏଭଳି ଦେଖିବାକୁ ମିଳିଛି କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରା ପଞ୍ଚାୟତର କାଶିପଡା ଅଞ୍ଚଳରେ। ଗତ କିଛି ଦିନ ହେଲା ପଡା ନିକଟରେ ଥିବା ମହାବୀର ପାହାଡରୁ ୨୫ ଟିକିଆ ହାତୀପଲ ଚାଷଜମିକୁ ପଶି ଆସୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ହାତୀପଲ ଚାଷଜମିରେ ପଶି ଦଳି ମକଚି ଧାନଚାଷ ନଷ୍ଟ କରିଛନ୍ତି। ବର୍ତ୍ତମାନ ଚାଷୀମାନେ ଧାନ ଅମଳ କରି ଖଳାକୁ ନେଉଛନ୍ତି। ଏହି ସମୟରେ ଅମଳ ହେବାକୁ ଥିବା ଧାନକୁ ହାତୀପଲ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଶୁକ୍ରବାର ରାତିରେ ଗାଁ ନିକଟ ଚାଷଜମିରେ ପଶି ଚାଷ ନଷ୍ଟ କରୁଥିବା ସମୟରେ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ହାତୀପଲଙ୍କୁ ଘଉଡ଼ାଇଥିଲେ।



**ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସହରସ୍ଥିତ ଝଣ୍ଡା ଛକଠାରେ ଶନିବାର ପୂର୍ବାହ୍ନରେ ହମ୍ ସାଥ୍ ସାଥ୍ ହେ ସଙ୍ଗଠନ ପକ୍ଷରୁ ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ୧୦୦ରୁ ଉର୍ଦ୍ଧ୍ୱ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଏଥିରେ ବିଜୁ ମୁଦ୍ରା, ଅନିଲ ଅଗ୍ରୱାଲ, କୈଳାଶ ରେଖାନୀ, ଚନ୍ଦନ ବାଲୋଦିଆ, ସୋନୁ ମୋଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲୁଟ୍ ଉଦ୍ଦେଶ୍ୟରେ ବୃଦ୍ଧାଙ୍କୁ ଶ୍ୱାସରୁଦ୍ଧକରି ହତ୍ୟା କରିଥିଲେ

**ଲୋପାମୁଦ୍ରା ହତ୍ୟା ଘଟଣା**
- ୨ ଅଭିଯୁକ୍ତ ଗିରଫ
- ସୁନା ଅଳଙ୍କାର, ଟଙ୍କା ଜବତ

ବ୍ରଜରାଜନଗର, ୧୫।୧୧ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ ଅତାବିରା ଗ୍ରାମ ସାହୁପଡ଼ାରେ ଘଟିଥିବା ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରେଙ୍ଗାଲି ଗ୍ରାମର ମହାଦେବ ପାତ୍ର(୩୬) ଓ ବେଲପାହାଡ଼ ଅଞ୍ଚଳର ଜୁଏଲାରି ମାଲିକ ରାଜ କୁମାର ରାୟ(୪୩)। ମହାଦେବଙ୍କ ଠାରୁ ୪୨ ହଜାର ଟଙ୍କା ଓ ରାଜ କୁମାରଙ୍କଠାରୁ ୮୩ ଗ୍ରାମ୍ ଓଜନର ସୁନା ଅଳଙ୍କାର ଜବତ କରାଯାଇଛି। ଏନେଇ ଶନିବାର ବ୍ରଜରାଜନଗର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ମହାଦେବ ଘର ତିଆରି ପାଇଁ କରଜ କରିଥିଲେ। ହେଲେ କରଜ ଟଙ୍କା ସୁଝି ପାରୁ ନ ଥିବାରୁ ମାନସିକ ଚିନ୍ତାରେ ରହୁଥିଲେ। ଅସତ୍ ଉପାୟରେ କେଉଁଠି ଟଙ୍କା ଆଣିବେ, ସେଥିପାଇଁ ଯୋଜନା ଚଳାଇଥିଲେ। ସାହୁପଡ଼ାର ଲୋପାମୁଦ୍ରା ସାହୁ(୭୬)ଙ୍କ ପରିବାର ସଦସ୍ୟ କୌଣସି କାମରେ ବାହାରକୁ ଯାଇଥିଲେ। ଫଳରେ ସେ ଘରେ ଏକୁଟିଆ ଥିଲେ। ଏହି ସୁଯୋଗରେ ଗତ ୧୦ ତାରିଖ ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ମହାଦେବ ତାଙ୍କ ଘରେ ପଶି ତାଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ଦେବାକୁ ମନା କରିଥିଲେ। ଏଥିରେ ମହାଦେବ ଉତ୍ତ୍ୟକ୍ତ ହୋଇ ନିକଟରେ ଥିବା ଏକ କମ୍ବଳ ସାହାଯ୍ୟରେ ଲୋପାମୁଦ୍ରାଙ୍କ ମୁହଁକୁ ଚାପି ଧରିଥିଲେ। ଫଳରେ ଶ୍ୱାସରୁଦ୍ଧ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମହାଦେବ ତାଙ୍କ ବେକରୁ ସୁନା ଅଳଙ୍କାର ସମେତ ଘରର ଆଲ୍‌ମିରା ଭାଙ୍ଗି ଟଙ୍କା ଓ ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ଘରେ ପହଞ୍ଚିବା ପରେ ଲୋପାମୁଦ୍ରାଙ୍କ ମୃତଦେହ ଘରେ ପଡିଥିବା ଦେଖିଥିଲେ। ଏନେଇ ଲୋପାମୁଦ୍ରାଙ୍କ ସ୍ୱାମୀ ଦୟାନିଧି ସାହୁ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୨୫୮/୨୫) ରୁଜୁ କରିଥିଲା। ଖବରପାଇ ଝାରସୁଗୁଡ଼ା ଏସ୍‌ପି, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଏବଂ ସ୍ଥାନୀୟ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତବେଳେ ଏହି ହତ୍ୟା ଘଟଣାରେ ମହାଦେବଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ତୁରନ୍ତ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଶନିବାର ତାଙ୍କୁ ଗିରଫ କରାଯାଇଛି। ପଚରାଉଚରାବେଳେ ସେ ଲୁଟ୍ ଉଦ୍ଦେଶ୍ୟରେ ବୃଦ୍ଧାଙ୍କୁ ହତ୍ୟା କରିଥିବା ଏବଂ ଲୁଟ୍ ସୁନାଅଳଙ୍କାରକୁ ରାଜ କୁମାରଙ୍କୁ ବିକ୍ରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏହି ସୂଚନା ଆଧାରରେ ରାଜ କୁମାରଙ୍କୁ ପୋଲିସ ଗିରଫ କରିଛି।


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

# ଓପିଜିସିର ପ୍ରତିଷ୍ଠା ଦିବସ ପାଳିତ



ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ରକ୍ତଦାନ ଶିବିର।

ଝାରସୁଗୁଡ଼ା, ୧୫।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗଡ଼ା ଜିଲା ଲଖନପୁର ବ୍ଲକ ଇବ୍ ଥର୍ମାଲସ୍ଥିତ ଓଡ଼ିଶା ପାୱାର୍ ଜେନେରେଶନ କର୍ପୋରେଶନ(ଓପିଜିସି) ଲିମିଟେଡ୍ ଦ୍ୱାରା ଇବ୍ ଥର୍ମାଲ ପାୱାର୍ ଷ୍ଟେଶନଠାରେ ୪୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ପାଳିତ ହୋଇଯାଇଛି। ନିର୍ଦ୍ଦେଶକ(ଅପରେଶନ) ଅଞ୍ଜନ ରଞ୍ଜନ ଦାଶଙ୍କ ଦ୍ୱାରା ଇବ୍ ଥର୍ମାଲ ପାୱାର୍ ଷ୍ଟେଶନସ୍ଥିତ ହେଲିପ୍ୟାଡ୍ ପଡିଆରେ ଓପିଜିସିର ଧ୍ୱଜାରୋହଣ କାର୍ଯ୍ୟକ୍ରମ ଶୁକ୍ରବାର କରାଯାଇଥିଲା। ଏଥିରେ ବରିଷ୍ଠ ଭିପି (ଅପରେଶନ) ସୁକାନ୍ତ ମହାପାତ୍ର, ବରିଷ୍ଠ ଜିଏମ୍ (ଏଚ୍ଆର୍) ଶୁଭାଶିଷ ମୁଖାର୍ଜୀଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସହିତ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଓପିଜିସିର କର୍ମଚାରୀ, ମହିଳା ଓ ଶିଶୁ ବର୍ଗରେ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଦେଇ ସମ୍ମାନିତ କରାଯାଇଥିଲା। ଇବ୍ ଥର୍ମାଲ ଚିକିତ୍ସାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ କର୍ପୋରେଟ କାର୍ଯ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଇବ୍ ଥର୍ମାଲ କର୍ମଚାରୀଙ୍କୁ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇଥିଲେ। ସନ୍ଧ୍ୟାରେ ହେଲିପ୍ୟାଡ୍ ପଡିଆରେ ବିଶେଷ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେଠାରେ ପଡିଥିବା ଷ୍ଟଲ ଉଦ୍‌ଘାଟନ କରାଯାଇଥିଲା। ଶନିବାର ଦ୍ୱିତୀୟ ଦିବସରେ ରାଜୀବ ଗାନ୍ଧୀ ପଡିଆରେ ଓପିଜିସିର ବରିଷ୍ଠ ବନାମ ଯୁବ କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ୍ ଏବଂ ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହୋଥିଲା। ଏଥିସହ ସନ୍ଧ୍ୟାରେ ଓପିଜିସି କର୍ମଚାରୀ, ଆଇଟିପିଏସ୍ ମହିଳା କ୍ଲବ ସଦସ୍ୟ ଓ ଶିଶୁଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବହୁମୁଖୀ ପ୍ରକୋଷ୍ଠ ଉଦ୍‌ଘାଟିତ

ଝାରସୁଗୁଡ଼ା, ୧୫।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରପରିଷଦ ଅନ୍ତର୍ଗତ ୨ ନମ୍ବର ୱାର୍ଡର ସାରସମାଲଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକ ଅବସରରେ ଶନିବାର ପୂର୍ବାହ୍ନରେ ବିଧାୟକ ଟଙ୍କଧର ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ବହୁମୁଖୀ ପ୍ରକୋଷ୍ଠ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ କହିଛନ୍ତି, ୫୦୦ ଜନସାଧାରଣ ବ୍ୟବହାର କରିବା ଭଳି ଏହି ବହୁମୁଖୀ ପ୍ରକୋଷ୍ଠ ନିର୍ମାଣ କରାଯାଇଛି, ଯାହାକି ଅଞ୍ଚଳବାସୀଙ୍କ ବିଭିନ୍ନ କାର୍ଯ୍ୟରେ ଆସିବ। ଆଗାମୀ ଦିନରେ ଉକ୍ତ ପ୍ରକୋଷ୍ଠ ଚାରିପଟେ ବାଉଣ୍ଡ୍ରି ନିର୍ମାଣ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯିବ। ଏହାକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ, ପୌର ନିର୍ବାହୀ ଅଧିକାରୀ ମାନସ ମଲ୍ଲିକ, ମାୟରାମ ବାର୍ଲା, ବିମଳେନ୍ଦୁ ଭୋଲ, ହେମରଞ୍ଜନ ସିଂ, ବିବେକ ଶ୍ରୀବାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।


ବହୁମୁଖୀ ପ୍ରକୋଷ୍ଠକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

# ବିର୍ସା ମୁଣ୍ଡା ପାର୍କ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଅନ୍ୟମାନେ।

ଦେବଗଡ଼, ୧୫।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ ପକ୍ଷରୁ ଦେବଗଡ଼ କଲେଜ ନିକଟରେ ନିର୍ମିତ ପାର୍କକୁ ବୀର ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଯିବା ସହ ଶନିବାର ଉଦ୍‌ଘାଟିତ ହୋଇଥିଲା। ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀ ବିର୍ସା ମୁଣ୍ଡା ଓ ଅନ୍ୟମାନଙ୍କୁ ଯଥା ସମ୍ମାନ ପ୍ରଦାନ କରାଯାଉଛି। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ମନ୍ତ୍ରୀ ନାଏକ ସ୍ଥାନୀୟ ବିର୍ସା ମୁଣ୍ଡା ଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ପୌର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, କାଉନସିଲର ମଧୁସୂଦନ ବାଘ, ପିଙ୍କିରାଣୀ ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୨୦ ବୋତଲ କଫ ସିରପ୍ ଜବତ, ୨ କୋର୍ଟ ଚାଲାଣ

ଝାରସୁଗୁଡ଼ା, ୧୫।୧୧(ଆଶିଷ ରଞ୍ଜନ ଦାଶ)

ବେଆଇନ ଭାବେ କଫ ସିରପ୍ ଓ ନିଶା ବଟିକା ବିକ୍ରି ଅଭିଯୋଗରେ ବ୍ରଜରାଜନଗର ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ରାଜପୁରର ପ୍ରକାଶ କନ୍ଦାରା ଓ ଆକାଶ କନ୍ଦାରା। ସେମାନଙ୍କ ନିକଟରୁ ୧୨୦ ବୋତଲ କଫ ସିରପ୍, ୪୦ ଷ୍ଟ୍ରିପ୍ ନିଶା ବଟିକା, ୨୦୭୦ ଟଙ୍କା ଏବଂ ନମ୍ବର ବିହୀନ ଏକ ବାଇକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ରାଜପୁର ନିକଟରେ ଶୁକ୍ରବାର ରାତିରେ ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ କଫ ସିରପ୍ ଓ ନିଶା ବଟିକା ବିକ୍ରି କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା(ନଂ.୨୫୫/୨୫) ରୁଜୁହୋଇଛି।

# ଜିଲା ସମବାୟ ବିଭାଗ ପକ୍ଷରୁ ପଦଯାତ୍ରା

ଝାରସୁଗୁଡ଼ା, ୧୫।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସମବାୟ ବିଭାଗ ପକ୍ଷରୁ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଶନିବାର ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବେହେରାମାଲ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏହି ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ବ୍ରଜବନ୍ଧୁ ଭୋଇ ଶୁଭାରମ୍ଭ କରିଥିଲେ। ଏଥିରେ ସମବାୟ ସମିତି ସମୂହର ଉପନିବନ୍ଧକ ମମତାରାଣୀ କୁଜୁର, ସହକାରୀ ନିବନ୍ଧକ ରମେଶ ଚନ୍ଦ୍ର ଟପ୍ପୋ, ବନମାଳୀ ନାୟକଙ୍କ ସମେତ ସମବାୟ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ହଲ୍‌ଠାରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ଜିଲାସ୍ତରୀୟ ସମବାୟ ଦିବସ ପାଳନ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବା ପାଇଁ ସ୍ଥିରୀକୃତ ହୋଇଛି।


ପଦଯାତ୍ରାରେ ସାମିଲ ହୋଇଥିବା ସମବାୟ ବିଭାଗର ଅଧିକାରୀ ଓ ଅନ୍ୟମାନେ।

# ଦେଶ ପାଇଁ ବିର୍ସା ମୁଣ୍ଡାଙ୍କ ଅବଦାନ ଅତୁଳନୀୟ

ଝାରସୁଗୁଡ଼ା/ ଲଇକେରା/ ବ୍ରଜରାଜନଗର/ ଲଖନପୁର, ୧୫।୧୧ (ଆଶିଷ ରଞ୍ଜନ ଦାଶ/ ରଞ୍ଜନ କୁମାର ମେହେର/ ବିଜୟ ବରାଡ଼/ ଗୌତମ ସାହୁ)

ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଝାରସୁଗୁଡ଼ା ଜିଲା କିର୍ମିରାସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଜିଲା ଆଦିବାସୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, କିର୍ମିରା ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ବିଡିଓ ଅବିନାଶ ଲାକ୍ରା, ଲଇକେରା ବ୍ଲକ ଅଧ୍ୟକ୍ଷ ସଞ୍ଜିତ କୁମାର ନାଏକ, ଜିଲା ପରିଷଦ ସଭ୍ୟା ରୀତା ବାଗ, ସରପଞ୍ଚ ସନ୍ତୋଷିନୀ ପଟେଲ ଯୋଗଦେଇ ଦେଶ ପାଇଁ ଶହୀଦ ବିର୍ସା ମୁଣ୍ଡାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଅତିଥିଙ୍କ ସହ ଉପସ୍ଥିତ ଥିବା ଛାତ୍ରୀଛାତ୍ର, ଅଭିଭାବକ, ଜନସାଧାରଣ ଶୁଣିଥିଲେ। ଜିଲା ପ୍ରଶାସନ ଓ ଜିଲା ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର କୃଷି, କଳା, ଶିକ୍ଷା, କ୍ରୀଡ଼ା, ସମାଜସେବା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ଛାତ୍ରୀଛାତ୍ର, କଳାକାର, ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ହିତାଧିକାରୀଙ୍କୁ ଅତିଥିମାନେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ କେ. ଜୟଶ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସେହିପରି ବ୍ରଜରାଜନଗର ଥାନା ଅଧୀନ ହିଲ୍‌ଟପ୍ କଲୋନିରେ ଥିବା ସୁରଭି ହଲ୍‌ରେ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୋଲ୍ ଇଣ୍ଡିଆ ଏସ୍‌ସି/ଏସ୍‌ଟି ଏମ୍ପ୍ଲୋଇଜ୍ ଆସୋସିଏଶନ ଏମ୍‌ସିଏଲ୍ ଶାଖା ଏସ୍‌ଓସିପିର କର୍ମକର୍ତ୍ତାଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇବ୍‌ଭ୍ୟାଲି କ୍ଷେତ୍ର ଜିଏମ୍ ଇନ୍‌ଚାର୍ଜ କହ୍ନେୟା ମିଶ୍ର, ବିଶିଷ୍ଟ ଅତିଥି ଭାବେ ସେଣ୍ଟ୍ରାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ଦାସ, ଇବ୍ କ୍ଷେତ୍ର ମ୍ୟାନେଜର୍ ପ୍ରକାଶ ସୋନି, ରବି ରୋହିଦାସ, ମହେନ୍ଦ୍ର ସେଠ ଯୋଗଦେଇଥିଲେ। ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଭୀମସେନ ନାୟକ ମଞ୍ଚ ପରିଚାଳନା କରିଥିଲେ।

ଲଖନପୁର ବ୍ଲକ ଅଞ୍ଚଳର ପଣ୍ଡ୍ରି ଆଶ୍ରମ ସ୍କୁଲ ପରିସରରେ ଜନଜାତୀୟ ଗୌରବ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୋହନଲାଲ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଣ୍ଡ୍ରି ସରପଞ୍ଚ ସୁବାସିନୀ ସାହୁ, ମୁଖ୍ୟବକ୍ତା ସୁନାରୀ ସିଆର୍‌ସିସି ଗଣେଶରାମ କଣ୍ଟା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ୱାର୍ଡସଭ୍ୟା ସୁଶ୍ରୀ ଜଶୋବନ୍ତୀ ବେରିହା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସହିତ ମା'ମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପଞ୍ଚୁଲାଲ ପଧାନ, ଶିକ୍ଷୟିତ୍ରୀ ଭୂମିସୁତା ପଧାନ, ସିଜାତ୍ରୀ ବିଶ୍ୱାଳ, ଜୁଲିମା ପଧାନ, ପ୍ରଜ୍ଞା ସାହୁ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।



କିର୍ମିରାସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।




## ସଂକ୍ଷେପରେ

### ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କୁ ସଚେତନ କରିବା ଲକ୍ଷ୍ୟ

ଗୁଡଭେଲା,୧୫।୧୧(ମନୋଜ କୁମାର ଜୈନ)

ଗୁଡଭେଲା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ତୁଷୁରା ସହରସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀଙ୍କୁ ସଚେତନ ଏବଂ ସ୍ୱାବଲମ୍ବୀ କରିବା ସହ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ଏହି ମେଳାର ଉଦ୍ଦେଶ୍ୟ। ମେଳାରେ ଗୁଡଭେଲା ବ୍ଲକର ଅନେକ ସଫଳ ମତ୍ସ୍ୟ ଚାଷୀ, ପ୍ରାଣୀ ଚାଷୀ ଓ ସ୍ୱୟଂ ସହାୟକ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଅଧିକାରୀ ରାମଦତ୍ତ ଭୋଇ, ରାମ ନିବାସ ଅଗ୍ରୱାଲ, ଅଶୋକ ଚନ୍ଦ୍ର ଦୋରା, ଗୁଡଭେଲା ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ, ତୁଷୁରା ବିଧାୟକ ନୋମିନି ଜିତେନ୍ଦ୍ର ମହାପାତ୍ର, ଏସଡ଼ିଭିଓ ମୋହନ ମନିଆ, ଏଡ଼ିଭିଓ ରଞ୍ଜିନି ଇକା ଉପସ୍ଥିତ ଥିଲେ। ତୁଷୁରା ବ୍ଲକ ଭେଟେନାରୀ ଅଫିସର ଦୀପ୍ତିମୟୀ ଯୋଗ ଦେଇଥିଲେ। ଶୁଭ୍ରଜ୍ୟୋତି ସିଂହା ଧନ୍ୟବାଦ ଦେଇଥିଲେ।

# ‘ସଙ୍ଗଠିତ ହେଲେ ନ୍ୟାୟ, ସମ୍ମାନ ମିଳିବ’

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳନ



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଶନିବାର ଭାରତୀୟ ସ୍ୱାଧୀନତା ସଂଗ୍ରାମର କ୍ରାନ୍ତିକାରୀ ବୀର ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦାନ କରିଥିଲେ। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଶ୍ୟାମ ସୁନ୍ଦର ଭୋଇ, କାର୍ଯ୍ୟକାରୀ ସଭାପତି ବନଲତା ମାଝି, ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା, ବ୍ଲକ ସଭାପତି ପଦ୍ମନ ପ୍ରଧାନୀଙ୍କ ସହ ରସିକ ଧରୁଆ, ମନୋରଞ୍ଜନ ଭୋଇ, ପ୍ରଫୁଲ୍ଲ ତୁମୁନିଆ, ଭୁବନେଶ୍ୱର କୁଅଁର, ଲକ୍ଷ୍ମୀ ଶବର, ସନ୍ତୋଷ ପୁଟା, ବିକ୍ରମ ଭୋଇ, ନିତ୍ୟାନନ୍ଦ ମାଝି, ରାମଚନ୍ଦ୍ର ମୁର୍ମୁ ଥବୀର ପୂଜାରୀ ସଭାରେ ଉଦ୍‌ବୋଧନ ଦେଇଥିଲେ। ସଭାକୁ ଗିରିଧାରୀ ଭୋଇ ପରିଚାଳନା କରିଥିଲେ। ମୁଖ୍ୟଅତିଥି ରାଜ୍ୟସଭା ସଦସ୍ୟ ବିଶି ବିର୍ସା ମୁଣ୍ଡାଙ୍କ ବ୍ରିଟିଶରାଜ ବିରୋଧରେ ଉଲଗୁଲାନ୍ ଏବଂ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ଅଧିକାର ଦିଗରେ ମହତ୍ୱପୂର୍ଣ୍ଣ ଲଢ଼େଇ ବିଷୟରେ କହିଥିଲେ। ସେ କହିଥିଲେ ଯେ, ବୀର୍ସା ଭଗବାନ ଆଦିବାସୀଙ୍କୁ ନ୍ୟାୟ, ସମ୍ମାନ ଏବଂ ସଙ୍ଗଠନର ମୂଲ୍ୟ ବିଷୟରେ ଅବଗତ କରିଯାଇଛନ୍ତି। ଆଦିବାସୀମାନେ ସଙ୍ଗଠିତ ହେଲେ ନ୍ୟାୟ ଏବଂ ସମ୍ମାନ ମିଳିବ। ଏହି ଜୟନ୍ତୀ ସଭାରେ ଅନ୍ୟ ଆଦିବାସୀ ନେତାମାନେ ସରକାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ସ୍ନାତକ ପର୍ଯ୍ୟନ୍ତ ନିଶୁଳ୍କ ଶିକ୍ଷା ପ୍ରଦାନ କରିବା, ଜେଇଇ, ନିଟ୍, ପବ୍ଲିକ ସର୍ଭିସ ଆୟୋଗ ପରୀକ୍ଷା ପାଇଁ ଆଗରୁ ତାଲିମ ଓ ନିଶୁଳ୍କ କୋଚିଂ ସୁବିଧା ଯୋଗାଇବା, କେନ୍ଦ୍ର, ରାଜ୍ୟ ସରକାର ଓ ସରକାରୀ ଉଦ୍ୟୋଗରେ ଖାଲି ରହିଥିବା ପଦ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ମାଧ୍ୟମରେ ପୂରଣ କରିବା, ଆଦିବାସୀଙ୍କ ଆର୍ଥିକ ଉନ୍ନତି ପାଇଁ ବିନା ସୁଧରେ ଋଣ ପ୍ରଦାନ କରିବା ଏବଂ ଅନ୍ୱେଷା ଯୋଜନା ପ୍ରଚଳନ କରିବାକୁ ଦାବି କରିଥିଲେ। ଏହାସହିତ ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ନର୍ସିଂ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇବା, ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା କରାଯିବା, ଏଟ୍ରୋସିଟି ନିରୋଧ ଆଇନକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ସଭାରେ ବିର୍ସା ମୁଣ୍ଡାଙ୍କ ଆଦର୍ଶ, ଅଧୁରା ସ୍ୱପ୍ନ ପୂରଣ କରିବାକୁ ସଂକଳ୍ପ କରାଯାଇଥିଲା। ବହୁ ଆଦିବାସୀ ନେତା ଓ ଜନସାଧାରଣ ସଭାରେ ଉପସ୍ଥିତ ଥିଲେ।

## ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚର କର୍ମକର୍ତ୍ତା।

ଲାଠୋର,୧୫।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ସଦର ମହକୁମା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏସସି/ଏସଟି ମିଳିତ ମଞ୍ଚ ଅନୁକୂଲ୍ୟରେ ଶନିବାର ଧରତୀ ଆବା ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ପ୍ରଥମେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ଉପସ୍ଥିତ ଜନସାଧାରଣଙ୍କୁ ତାଙ୍କ ଜୀବନୀ ଏବଂ ସଂଘର୍ଷ ବିଷୟରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ଡ. ଭୀମରାଓ ଆମ୍ବେଦକରଙ୍କ ଆସନ୍ତା ଜନ୍ମ ଜୟନ୍ତୀ ଅବସରରେ ତୁରେକେଲାଠାରେ ବିର୍ସା ମୁଣ୍ଡା ଏବଂ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମଞ୍ଚ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ମଞ୍ଚର କର୍ମକର୍ତ୍ତା ଅମର ସିଂ ମାଝୀ, ଫାଲଗୁନୀ ମାଝୀ, ଦୁର୍ଯୋଧନ ମାଝୀ, ବିଶ୍ୱାମିତ୍ର ଛତ୍ରିଆ, ବେଣୁଧର ଛତ୍ରିଆ, ମନୋଜ ତାଣ୍ଡି, ଅର୍ଜୁନ ଧାରୁଆ, ବୃନ୍ଦାବନ ଭୋଇ, ଭଗବାନ ବାଗ, ନେତ୍ର ମାଝୀ, ହେମନ୍ତ ମାଝୀ, ବିନୋଦ ମାଝୀ, ଦିଲୀପ କୁମାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ପାଟଣାଗଡ଼,୧୫।୧୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଖୁରସେଲ ଦେବାର୍ଚ୍ଚନ କଳାବତୀ ଭୋକେଶନାଲ ହାଇସ୍କୁଲଠାରେ ଶନିବାର ପାଟଣାଗଡ଼ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପଡୋଶୀ ରାଜ୍ୟ ଛତିଶଗଡ଼ର ଏକ ଘରୋଇ ଡ଼ାକ୍ତରଖାନାରୁ ଅସ୍ଥିଶଲ୍ୟ ବିଶେଷଜ୍ଞ ହରଷିତ ଗୋଏଙ୍କ, ଔଷଧ ବିଶେଷଜ୍ଞ ଭକ୍ତବନ୍ଧୁ କୁମ୍ଭାର ଏବଂ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ପୋଲମି ଦେବ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା କରି ଔଷଧ ବଣ୍ଟନ କରିଥିଲେ । ଶିବିରରେ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମନୋଜ ଅଗ୍ରୱାଲ ଓ ତାଙ୍କର ତିନି ଜଣ ସହଯୋଗୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂଘର ସଭାପତି ପ୍ରହଲ୍ଲାଦ ପାଢ଼ୀ, ସମ୍ପାଦକ ସଦାଶିବ ସରାଫଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଦର୍ପଗଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ମୁରିବାହାଲ,୧୫।୧୧(ଶ୍ରୀବତ୍ସ ବେହେରା)

**୨ଗୋଟି ମହିଳା ଗୋଷ୍ଠୀ ସହ ୬ ଜଣ ଚାଷୀ ସମ୍ମାନିତ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ଦିନ ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳା ରେ ୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ୬ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଚାଷୀ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।

ମେଳାରେ ପ୍ରାଣୀ ସମ୍ପଦ ବିଭାଗର ଜିଲ୍ଲା ଅଧିକାରୀ ଡା. ଅନିରୁଦ୍ଧ ବିଶ୍ୱାଳ ଓ ମତ୍ସ୍ୟ ବିଭାଗର ଜିଲ୍ଲା ଅଧିକାରୀ ପ୍ରକାର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ବଲାଙ୍ଗୀର ଏମପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ସରକାରୀ ଯୋଜନାର ସୁଯୋଗ ନେଇ ଲାଭ ଉଠାଇବାକୁ କହିଥିଲେ । ସମ୍ମାନିତ ଅତିଥି ଭାବରେ ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝୀ, କଣ୍ଟାବାଞ୍ଜି ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ଯୋଗ ଦେଇଥିଲେ। ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଉକ୍ତ ମେଳା ମାଧ୍ୟମରେ ଗ୍ରାମାଞ୍ଚଳର ଚାଷୀମାନଙ୍କୁ ସଚେତନ କରୁଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ତୁଳସୀ ଓ ମା’ ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ଗୋପାଳନ କ୍ଷେତ୍ରରେ ସତ୍ୟବାନ ନାଗ, କୁକୁଡ଼ା ପାଳନ କ୍ଷେତ୍ରରେ ଧନଦେଇ ଭୋଇ, ଛେଳି ପାଳନ କ୍ଷେତ୍ରରେ ଦହିତ ରାମ କର୍ମୀ, ମତ୍ସ୍ୟ ପୋଖରୀ ଯୋଜନା କ୍ଷେତ୍ରରେ ଅମୃତ ମହାକୁର, ମାଛ ଚାଷ କ୍ଷେତ୍ରରେ କୁନ୍ତୀ ପଧାନ, ଜୈବପୁଞ୍ଜି ପ୍ରଣାଳୀରେ ମାଛ ଚାଷ ପାଇଁ ରାଜୀବ କୁମାର ମହାନ୍ତିଙ୍କୁ ମାନପତ୍ର,ଉତ୍ତରୀୟ ସହ ପୁରସ୍କାର ରାଶି ପ୍ରଦାନ କାରଯାଇଥିଲା। ଉକ୍ତ ମେଳାକୁ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀ ବର୍ଷାମୌସୁମୀ ବନାନୀ ମାଝୀ ପରିଚାଳନା କରିଥିଲେ। ମୁରିବାହାଲ ପ୍ରାଣୀ ସମ୍ପଦ ଅଧିକାରୀ ଡା. ଅଞ୍ଜନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସମସ୍ତ ବିଭାଗର କର୍ମଚାରୀ ସହଯୋଗ କରିଥିଲେ। ବଙ୍ଗୋମୁଣ୍ଡା ବ୍ଲକର ମତ୍ସ୍ୟ ଅଧିକାରୀ ଆଲୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା

ଟିଟିଲାଗଡ଼,୧୫।୧୧(ଶରତ ମିଶ୍ର)

ସ୍ଥାନୀୟ ମିଶନ ଶକ୍ତି ହାଟ ପରିସରରେ ଟିଟିଲାଗଡ଼ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଡବଲ ଇଞ୍ଜିନ ସରକାର ରାଜ୍ୟର ପ୍ରତ୍ୟେକ ବ୍ଲକକୁ ମାଛ ଚାଷ ସହ ଗୋପାଳନ, ଦୁଗ୍ଧ, କୁକୁଡ଼ା, ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ । ଏନେଇ ଆଗ୍ରହୀ ଚାଷୀ ଅନ୍‌ଲାଇନ ମାଧ୍ୟମରେ ଆବେଦନ କଲେ ରିହାତିରେ ସମସ୍ତ ସରକାରୀ ଯୋଜନାରୁ ଲାଭାନ୍ୱିତ ହୋଇପାରିବେ ବୋଲି ବିଧାୟକ କହିଥିଲେ । କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଡା. ସାରଦା ପ୍ରସାଦ ରଞ୍ଜନ ସିଂବରିହା, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ପ୍ରଫୁଲ୍ଲ କହଁର ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ସରକାରଙ୍କ ଯୋଜନା ସମ୍ବନ୍ଧରେ ବିସ୍ତୃତ ଭାବରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଉପାଧ୍ୟକ୍ଷ ଜଗତରାମ ରଣା, ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ଟିକି ପୋଢ଼, ସଞ୍ଜୟ ବେହେରା ଯୋଗଦେଇ ମତବ୍ୟକ୍ତ କରିଥିଲେ । ଟିଟିଲାଗଡ଼ ସହକାରୀ ମତ୍ସ୍ୟ ଅଧିକାରୀ ଓମକାର ପାତ୍ର ସଭା ପରିଚାଳନା କରିଥିବା ବେଳେ ବିଡ଼ିଓ ଚନ୍ଦ୍ରମଣି ବାଗ ସ୍ୱାଗତ ଅଭିଭାଷଣ ଦେଇଥିଲେ । ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୋଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଟିଟିଲାଗଡ଼ ବ୍ଲକର ଜୈବକୁଞ୍ଜି ପ୍ରଣାଳୀରେ ସଫଳ ମତ୍ସ୍ୟ ଚାଷୀ ପୀତାମ୍ବର ବେହେରା, ମତ୍ସ୍ୟ ଚାଷୀ ଟି.ପୋଢ଼, ସବିତା ସାହୁ, ମା’ ତାରିଣୀ ଏସଏଚଜିର ଗୋପାଳନ ନେଇ ତୁଷାର ସାହୁ, ଛେଳି ଚାଷୀ ଧରିତ୍ରୀ ସାହୁ, କୁକୁଡ଼ା ଚାଷୀ ମମତା ମିଶ୍ର ଏବଂ ଆସ୍ଥା ଭଗବାନ ମହିଳା ଗୋଷ୍ଠୀକୁ ମୁଖ୍ୟଅତିଥି ବିଧାୟକ ଜୈନ ଅର୍ଥ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ମହକ କିଶୋରୀ ସଙ୍ଗଠନ ପକ୍ଷରୁ ଶିଶୁ ଦିବସ ପାଳିତ


ଶିଶୁ ଦିବସ ପାଳନ ଅବସରରେ କିଶୋରୀମାନେ ।

ଲୋଇସିଂହା,୧୫।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଓ ଗ୍ରାମ୍ୟ ଅଙ୍ଗନୱାଡି କର୍ମୀଙ୍କ ମିଳିତ ଆନୁକୂଲ୍ୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବ୍ଲକର ନୁନିଆପାଲି ପଞ୍ଚାୟତର ପାଣ୍ଡେସରା, ଝାଙ୍କରପାଲି ଓ ଝରଣୀପାଲି ଗ୍ରାମ କିଶୋରୀ ସଂଘ ସଦସ୍ୟାଙ୍କୁ ନେଇ ଶିଶୁ ଦିବସ ପାଳନ କରାଯାଇଥିଲା। ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରାଯାଇଥିଲା। ଅପରପକ୍ଷେ ଶିଶୁଙ୍କୁ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ ଏବଂ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ତଥା ସୃଜନଶୀଳତା ବିକାଶ ପାଇଁ ଏକ ମଞ୍ଚ ଯୋଗାଇବା ଉପରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ଏକ ସଚେତନତା ରାଲି କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶିଶୁଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଲ୍ଲୀ ଆଲୋକ ପାଠାଗାରର ପ୍ରହଲ୍ଲାଦ ପଧାନ, ସୁଶାନ୍ତ ସା, ନମିତା ପଧାନ, ବର୍ଷା ଜୁଆଡି, ରଶ୍ମିରେଖା ସାହୁ ଓ ଗୋପେଶ୍ୱରୀ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତା କାମ ନିମ୍ନମାନର ଅଭିଯୋଗ

ପାଟଣାଗଡ଼,୧୫।୧୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଡାଙ୍ଗବାହାଲ ପଞ୍ଚାୟତ ଗଡିଆଯୋର ଗ୍ରାମରେ ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗଙ୍କ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବ୍ଲକ ଅଧ୍ୟକ୍ଷ ବାଗ ଶୁକ୍ରବାର ଉକ୍ତ ଗ୍ରାମରେ ପହଞ୍ଚି ଜେଇଙ୍କ ଉପସ୍ଥିତିରେ ହେଉଥିବା ରାସ୍ତା କାମର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଉକ୍ତ ରାସ୍ତା କାମ ନିମ୍ନମାନର ହେଉଥିବା ଜାଣିବାକୁ ପାଇ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଖପ୍ରାଖୋଲ ବ୍ଲକ୍ ଆଦିବାସୀ ସଂଘ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଖପ୍ରାଖୋଲ,୧୫।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ତୁର୍ଲା ଆଶ୍ରମ ବିଦ୍ୟାଳୟ ପାଖରେ ବ୍ଲକ ଆଦିବାସୀ ସଂଘ ତରଫରୁ ୧୫୦ ତମ ବିର୍ସା ମୁଣ୍ଡା ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ଉପଦେଷ୍ଟା ସଦସ୍ୟ ଟିକେଶ୍ୱର ଧରୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତୁର୍ଲା ଆଶ୍ରମ ପ୍ରଧାନ ଶିକ୍ଷକ ଭୂପେନ୍ଦ୍ର ବନଗୁଲା, ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ବ୍ଲକ ଆଦିବାସୀ ସଂଘ ସଭାପତି କୁଶଧ୍ୱଜ ମାଝୀ, ପୂର୍ବତନ ଜିଲା ପରିଷଦ ତଥା ସଂଘ ଉପଦେଷ୍ଟା ବିପ୍ର ବିଶି , ଭାନପୁର ଗ୍ରାମ ପଞ୍ଚାୟତ ସଭାପତି ସନନ୍ଦ ଭୋଇ ,ଅନ୍ତର୍ଯ୍ୟାମୀ ମାଝୀ, ସୁବାସ ଧରୁଆ, ଦେବାନନ୍ଦ ଧରୁଆ, ମନୋଜ ବରିହା, ଉପେନ୍ଦ୍ର ଭୁଏ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଧରତି ଆବା ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ତାଙ୍କ ବୀରତ୍ୱ ଉପରେ ଆଲୋକପାତ କରିଥିଲେ। ଆଦିବାସୀ ସଂଘ ସଦସ୍ୟ, ଆଶ୍ରମ ଶିକ୍ଷୟିତ୍ରୀ ଶିକ୍ଷକ , ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜିରେ ଭାଜପାର ବିଜୟ ଦିବସ ପାଳିତ


ବିଜୟ ଦିବସ ପାଳନ ବେଳେ ବିଧାୟକଙ୍କ ସହ ଦଳୀୟ କର୍ମୀମାନେ।

କଣ୍ଟାବାଞ୍ଜି,୧୫।୧୧(ଗୁରୁ ଦୟାଲ ହଂସ)

ଶୁକ୍ରବାର ରାତିରେ କଣ୍ଟାବାଞ୍ଜି ନଗର ଭାଜପା ପକ୍ଷରୁ ବିଜୟ ଦିବସ ସ୍ଥାନୀୟ ଇନ୍ଦିରା ଛକ ନିକଟରେ ପାଳିତ ହୋଇଛି। ନୂଆପଡ଼ା ଉପ ନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ହୋଇଥିବା ବିଜୟ ଦିବସ ପାଳନ ବେଳେ ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ ଭାଜପା ଉପ ସଭାପତି ଶିବାଜୀ ମହାନ୍ତି , ଏମ୍‌ପିଙ୍କ ପ୍ରତିନିଧି ରାଜେଶ ଅଗ୍ରୱାଲ, ଭାଜପା ନଗର ସଭାପତି ବେଦବ୍ୟାସ ନାଗଙ୍କ ସମେତ ଶତାଧିକ କର୍ମୀ ମିଷ୍ଟାନ୍ନ ବଣ୍ଟନ କରିବା ସହ ବାଣ ଫୁଟାଇ ଖୁସି ମନାଇଥିଲେ।

## ଜେଏସ୍‌ଏମ୍ କଲେଜ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

**ସେଲ୍ ଡେସ୍‌ଟ୍ରୋୟର, ସ୍ପାର୍କଲ ଇଲେଭେନ ଦଳ ବିଜୟୀ**

ବଲାଙ୍ଗୀରସ୍ଥିତ ଜେଏମ୍‌ଏମ୍ କଲେଜ ପକ୍ଷରୁ ଶନିବାର ସହର ଉପକଣ୍ଠ ଖୁଜେନପାଲି ଖେଳପଡିଆଠାରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ବାଳକ ବର୍ଗର ୪ଟି ଟିମ୍ ସେଲ ଡେସ୍‌ଟ୍ରୋୟର, ଆର୍ଟ୍‌ସ ଆଟାକର୍ସ, ଏଫିସିଏନ୍ସି ଏକ୍ସପର୍ଟ ଏବଂ ଟ୍ରେଡ ଟାଇଟନ୍ସ ଅଂଶଗ୍ରହଣ କରିଥିଲେ। ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକର ମ୍ୟାଚରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ସେଲ ଡେସ୍‌ଟ୍ରୋୟର ଦଳ ବିଜୟୀ ହୋଇଥିଲେ। ସେହିପରି ଦୁଇଟି ବାଳିକା ଟିମ୍ ସ୍ପାର୍କଲ ଇଲେଭେନ୍ ଏବଂ ବୋଲ୍ଡ ବାଉନଡ୍ରିଜ୍ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ପାର୍କଲ ଇଲେଭେନ୍ ଦଳ ବିଜୟୀ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ସଭାରେ କଲେଜ ପ୍ରତିଷ୍ଠାତା ଚେୟାରମ୍ୟାନ ଶ୍ରୀକାନ୍ତ ଚାଟାର୍ଜୀ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ସାହୁ ମଞ୍ଚାସୀନ ଥିଲେ। ବିଜୟୀ ବାଳକ ଟିମ ସେଲ ଡେସ୍‌ଟ୍ରୋୟର ଦଳର ଅଧିନାୟକ ଯୋଗେଶ ଶବର ଏବଂ ବାଳିକା ଟିମ ସ୍ପାର୍କଲ ଇଲେଭେନ ଦଳର ଅଧିନାୟକ ପ୍ରାଚୀ ବେହେରା ଅତିଥିଙ୍କ ଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରିଥିଲେ। ବାଳକ ବର୍ଗର ରନର୍ସ ଅପ୍ ଦଳ ଭାବେ ଆର୍ଟ୍‌ସ ଆଟାକର୍ସ ଏବଂ ବାଳିକା ବର୍ଗର ବୋଲ୍ଡ ବାଉନଡ୍ରିଜ୍ ଦଳ ରନର୍ସ ଅପ୍ ଟ୍ରଫି ଗ୍ରହଣ କରିଥିଲେ। ଖେଳ କିଭଳି ଛାତ୍ରୀଛାତ୍ରଙ୍କ ଭିତରେ ଖେଳୁଆଡ ମନୋଭାବ ଜାଗ୍ରତ କରି ବନ୍ଧୁତ୍ୱ ପ୍ରତିଷ୍ଠା କରେ ମୁଖ୍ୟଅତିଥି କହିଥିଲେ। ମୁଖ୍ୟ ଉପଦେଷ୍ଟା ସାହୁ ଖେଳ ଅନୁଶାସନ ଏବଂ ଶୃଙ୍ଖଳା ଶିଖାଏ ବୋଲି କହିଥିଲେ। କଲେଜର ପ୍ରତିଷ୍ଠାତା ଚେୟାରମ୍ୟାନ ଶର୍ମା ତାଙ୍କ ବକ୍ତବ୍ୟରେ କଲେଜ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମୋଚନ କରିବା ଏବଂ ଖେଳର ମହତ୍ତ୍ୱ ଉପଲବ୍ଧ ପାଇଁ ସୁଯୋଗ ଦେବାର ଏହା ଏକ ପ୍ରୟାସ ବୋଲି କହିଥିଲେ। ସଭାକୁ କଲେଜ ଅଧ୍ୟାପିକା ସ୍ମୃତି ସ୍ମରଣିକା ବେଜ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ମ୍ୟାଚରେ ବିଜୟୀ, ରନର୍ସ ଅପ୍ ଦଳ ସହ ଅନ୍ୟମାନେ।

## ଦ୍ୱିତୀୟ ଦିବସରେ ବୌଦ୍ଧ ଗେହ୍ଲା ମା’ଏଫସି ବିଜୟୀ

ଲୋଇସିଂହା,୧୫।୧୧(ସୁଶାନ୍ତ ବାରିକ)


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଲୋଇସିଂହା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**■ଆଜି ବରଗଡ଼-ବୌଦ୍ଧ ମଧ୍ୟରେ ପ୍ରଥମ ସେମି**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୮ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଷ୍ଟାଡିୟମ ଟ୍ରଷ୍ଟ ବୋର୍ଡ ଓ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି । ଶନିବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଏ ଗ୍ରୁପର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଆୟୋଜକ ଲୋଇସିଂହା ଆଥଲେଟିକ ଆସୋସିଏଶନ ଓ ବୌଦ୍ଧ ଗେହ୍ଲା ମା’ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧–୦ ଗୋଲରେ ବୌଦ୍ଧ ଗେହ୍ଲା ମା’ଏଫସି ବିଜୟୀ ହୋଇଛି । ରବିବାର ଏ ଗ୍ରୁପର ପ୍ରଥମ ସେମି ଫାଇନାଲ ମ୍ୟାଚ ବୌଦ୍ଧ ଓ ଉଦ୍‌ଘାଟନୀ ମ୍ୟାଚରେ ବିଜୟୀ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ମ୍ୟାଚ ସଂଘର୍ଷପୂର୍ଣ୍ଣ ଦେଖିବାକୁ ମିଳିଥିଲା । ପ୍ରଥମାର୍ଦ୍ଧର ୩୬ ମିନିଟ ଖେଳ ଚାଲିଥିବା ବେଳେ ବୌଦ୍ଧ ଦଳ ୧ ଗୋଲ ସ୍କୋର କରି ଦଳକୁ ଆଗୁଆ ରଖିଥିଲା । ଲୋଇସିଂହା ଦଳ ପକ୍ଷରୁ ଖେଳୁଥିବା ଜଣେ ନାଇଜରିଆନ ଖେଳାଳିଙ୍କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ରହିଥିଲା। ହେଲେ ଦ୍ୱିତୀୟାର୍ଦ୍ଧରେ ଲୋଇସିଂହା ଦଳ ଅନେକ ସୁଯୋଗ ପାଇ ସୁଦ୍ଧା ହାତଛଡା କରି ଦର୍ଶକଙ୍କୁ ନିରାଶ କରିଥିଲେ । ଫଳସ୍ୱରୂପ ୧–୦ ଗୋଲରେ ଲୋଇସିଂହାକୁ ହରାଇ ବୌଦ୍ଧ ଦଳ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି । ବୌଦ୍ଧ ଦଳର ଏକମାତ୍ର ଗୋଲ ସ୍କୋରର ସମୟ ନାଏକ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହାସହିତ ଯୋଗୀସର୍ଡା ଶ୍ରୀୟା ଟେଷ୍ଟ ହାଉସ ତରଫରୁ ୧ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥରଲା। ରେଫରି ସଞ୍ଜୀବ ସାହୁ, ସନ୍ଦୀପ ତରିଆ ଓ କରୁଣାକର ପଧାନ ଖେଳ ପରିଚାଳନା କରିଥିଲେ । ସଦୟ ବାରିକ ମ୍ୟାଚ କମିଶନର ନିୟୋଜିତ ଥିଲେ । ଶନିବାର ମୁଖ୍ୟଅତିଥି ଥିଲେ ଅନୁଗୋଳ ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ରାଜ ନାରାୟଣ ଅଗ୍ରୱାଲ, ଟ୍ରଷ୍ଟବୋର୍ଡ ସଭାପତି ଦିଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

# ଦାବି ଅଣଦେଖା କଲେ ରାଜରାସ୍ତାରୁ ରାଜଧାନୀକୁ ଆନ୍ଦୋଳନ

## ଚାଷୀଙ୍କ ଧାରଣାରେ ବିଜେଡି

ବରଗଡ଼,୧୫।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଧାନ ବିକ୍ରି ପଞ୍ଜୀକରଣରେ ଚାଷୀଙ୍କ ପ୍ରତି କରାଯାଇଥିବା ଅବହେଳାକୁ ନେଇ ଦେଖାଯାଇଥିବା ଅସନ୍ତୋଷ ଥମିବାର ନାଁ ନେଉ ନାହିଁ। ଧାନ ବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀଙ୍କୁ ପଞ୍ଜୀକୃତ କରିବା ଦାବି ନେଇ ଗତ ୧୦ତାରିଖରୁ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଧାରଣା ଚାଲିଛି। ଚାଷୀମାନେ ନିଜର ହକ ଦାବିରେ ଶୀତ, କାକର ସହି ଅହୋରାତ୍ର ଧାରଣାରେ ବସିଛନ୍ତି। ଧାରଣାକୁ ମଧ୍ୟ ବିଭିନ୍ନ ସଂଗଠନର ସମର୍ଥନ ବଢ଼ି ଚାଲିଛି। ଶନିବାର ବରଗଡ଼ ଜିଲା ବିଜେଡି ଧାରଣାସ୍ଥଳକୁ ପହଞ୍ଚି ସମର୍ଥନ ଘୋଷଣା କରିଥିଲା। ଏହା ସହିତ ବିଜେଡି ପକ୍ଷରୁ ଚାଷୀଙ୍କ ଦାବି ସମୂହ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚାଷୀଙ୍କ ଦାବିକୁ ଅଣଦେଖା କରାଗଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ଏବଂ ରାଜରାସ୍ତାରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନ ତୀବ୍ର ହେବ ବୋଲି ବିଜେଡି ଚେତାବନୀ ଦେଇଛି।

ସ୍ମାରକପତ୍ରରେ ବିଜେଡି ଉଲ୍ଲେଖ କରିଛି, ବିଗତ ୪ମାସ ଧରି ବରଗଡ଼ ଜିଲାର ଚାଷୀମାନେ ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜର ହକ ଦାବିରେ ଧାରଣାରେ ବସିଛନ୍ତି। ତେବେ ସେମାନଙ୍କ ଦାବି ପୂରଣ କରିବା ବଦଳରେ ରାଜ୍ୟ ସରକାର ପୋଲିସ ଲଗାଇ ବଳପୂର୍ବକ ଧାରଣାରତ ଚାଷୀମାନଙ୍କୁ ଉଠାଇ ନେଉଛି। ଅନ୍ୟପକ୍ଷରେ ଚାଷୀଙ୍କ ଅନୁପସ୍ଥିତିରେ ଜିଲା ପ୍ରଶାସନିକ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ କରୁଛି। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅବହେଳା ଏବଂ ଅତ୍ୟାଚାରକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଜେଡି ଚେତାବନୀ ଦେଇଛି।

ଏହି ଅବସରରେ ବିଜେଡି ଜିଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଗୌରହରି ମିଶ୍ର, ସୁବ୍ରତ ସିଂ, ଦେବାନନ୍ଦ ଗଡ଼ତିଆ, ଟିକେତ ମହନ୍ତମ, ସୁଦାମ ଜାଲ, ସିଦ୍ଧାର୍ଥ ପଣ୍ଡା, କିଶୋର ମିଶ୍ର, ହରେକୃଷ୍ଣ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ପ୍ରଫୁଲ୍ଲ କୁମାର ନାଏକ, ହରିଶଙ୍କର ବେହେରା, ଏସ୍‌ଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ, ବରଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଉମା ଚରଣ ରାଉତ, ରାଜୁ ଦାଶ, ନିତୁ ମାହାନା, ଜ୍ୟୋତ୍ସ୍ନା ପାଇକ, ଅବିନାଶ ନନ୍ଦ, ଜନକ ଅଗ୍ରୱାଲ, ରୋଶନ ପ୍ରଧାନ, ପୁଷ୍ପା ଭୋଇ, ଅନୁପ ଶତପଥୀ, ଦୁଷ୍ମନ୍ତ ପଟେଲ ପ୍ରମୁଖ ଏକ ଶୋଭାଯାତ୍ରାରେ ଚାଷୀଙ୍କ ଧାରଣାସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଥିଲେ। ଧାରଣାସ୍ଥଳରେ ବିଜେଡି ନେତୃବୃନ୍ଦ ଉଦ୍‌ବୋଧନ ଦେଇ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଥିଲେ। ସେହିପରି ଜିଲାପାଳଙ୍କ ଜରିଆରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ବରଗଡ଼ ଜିଲାର ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ପଞ୍ଜୀକରଣ ହୋଇ ପାରି ନଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବଂଶାବଳୀର ଜଟିଳ ନିୟମରେ ଧାନ କିଣା ପ୍ରକ୍ରିୟାରୁ ବାଦ ପଡ଼ିବା, ୧ ଲକ୍ଷ ୫୫ ହଜାର ପ୍ଲଟ ସାଟେଲାଇଟ ସର୍ଭେରେ ସନ୍ଦେହ ବଳୟରେ ପଞ୍ଜୀକରଣ ହୋଇ ପାରି ନ ଥିବା, ବିଗତ ବର୍ଷ ଗୁଡ଼ିକରେ ନଭେମ୍ବର ପ୍ରଥମ ସପ୍ତାହରୁ ଧାନ ବିକ୍ରି ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷ ୨୮ତାରିଖ ତଥା ବିଳମ୍ବରେ ଧାନ ସଂଗ୍ରହ ପ୍ରକ୍ରିୟା ନିଷ୍ପତ୍ତି ନିଆଯାଇଥିବାରୁ ଧାନ ସଂରକ୍ଷଣରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେବା, ଚାଷୀଙ୍କ ଅନୁପସ୍ଥିତିରେ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ ହୋଇଥିବାରୁ ଏହାର ପୁନର୍ନିର୍ବଚାର କରି ଚାଷୀଙ୍କ ଉପସ୍ଥିତିରେ ପୁଣିଥରେ ଏହି ବୈଠକ କରିବା, ରାଇସ ମିଲକୁ ଆସୁଥିବା ଧାନ ଓ ପୂର୍ବରୁ ମିଲରେ ରହିଥିବା ଧାନର ଷ୍ଟକ ଯାଞ୍ଚ ଓ ଭେରିଫିକେସନ କରିବା, ଅନ୍ୟ ରାଜ୍ୟର ଧାନ କ୍ରୟ ବନ୍ଦ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି।



ଚାଷୀଙ୍କ ଧାରଣାରେ ବିଜେଡି ନେତୃବୃନ୍ଦ।

# ବରପାଲି ଜବାହର ଯୁବ ପରିଷଦର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର।

ବରପାଲି,୧୫।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ଜବାହର ଯୁବ ପରିଷଦର ୪୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସକାଳ ୭ଟା ୪୫ରେ ସ୍ଥାନୀୟ କ୍ଲବ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବରିଷ୍ଠ ସାମାଜିକ କର୍ମୀ ନୃପମଣି ମେହେର, ସମ୍ମାନିତ ଅତିଥି ରୂପେ ବୀରେନ୍ଦ୍ର ସାହୁ ଯୋଗଦେଇ ଅନୁଷ୍ଠାନର ସଭାପତି ବିନୋଦନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟମାନେ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅପରାହ୍ନ ୪ଟାରେ ଗୁଣନିଧି ମେହେର ଓ ଦିଲୀପ ଗଣ୍ଡଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ ପରିବେଷଣ କରିଥିଲେ। ପରେ ଏହି ଅବସରରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବରେ ଜିଲାପରିଷଦ ସଭ୍ୟା ସଂଯୁକ୍ତା ସାହୁ, ସାମାଜିକକର୍ମୀ ତଥା ଯୁବ ନେତା ସୁରେନ୍ଦ୍ର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ତଥା ଅର୍ଗାନ ପ୍ଲେୟାର ତରୁଣ ମହାରଣା (କୁନା)ଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଅନୁଷ୍ଠାନର ସଭାପତି ବିନୋଦନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପଦ୍ମଲୋଚନ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁଣନିଧି ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର କଳାକାରମାନଙ୍କୁ ନେଇ କିରଣ ଅଗ୍ରୱାଲଙ୍କ ସଂଯୋଜନାରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପ୍ରମୋଦ ନାଗ, ପଙ୍କଜାକ୍ଷ ନାଗ, ରଜତ ନାଗ, ପ୍ରିୟରଞ୍ଜନ ମହାନନ୍ଦ, ଦିଲୀପ ଗଣ୍ଡ, ଦେବେଶ ମହାରଣା, ଟିକୁ ସାହୁ, ଗୁଙ୍କୁ ସାହୁ,ବିନୋଦ ନାଗ, ବୃନ୍ଦାବନ ମେହେର, ଜଗୁ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ବରଗଡ଼ ଧନୁଯାତ୍ରା: ଆରମ୍ଭ ହେଲା କଳାକାର ଚୟନ

ବରଗଡ଼,୧୫।୧୧(ପ୍ରେମାନନ୍ଦ ଖମାରୀ)

## ୧୭ରେ କଂସ ଚୟନ

ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡ଼ିସେମ୍ବର ମାସ ୨୪ତାରିଖରୁ ଆରମ୍ଭ ହେବ । ଦୀର୍ଘ ୧୧ଦିନ ବ୍ୟାପୀ ଆସନ୍ତା ୨୦୨୬ ଜାନୁଆରୀ ୩ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏଥର ମହୋତ୍ସବରେ ଅଭିନୟ ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ କରାଯାଉଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଶନିବାରରୁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଦେବକୀ, ନାରଦ, ଚାଣୁର , ମୁଷ୍ଟିକ, ସାର୍ଥକି, ବସୁଦେବ, ଅକ୍ରୁର ଏବଂ ଉଗ୍ରସେନ କଳାକାର ଚୟନ ପାଇଁ କଳାକାରମାନେ ବିଚାରକଙ୍କ ସମ୍ମୁଖରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଚୟନ ପ୍ରକ୍ରିୟା ଚାଲିଥିବାବେଳେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀଙ୍କ ସମେତ ବିଚାରକଭାବେ ବରଗଡ଼ର ମିହିର କୁମାର ମେହେର, କଳାହାଣ୍ଡିର ପରମେଶ୍ୱର ମୁଣ୍ଡ, ସମ୍ବଲପୁରର ପ୍ରଦୀପ କୁମାର ପଣ୍ଡା, ଝାରସୁଗୁଡ଼ାର ସୁବାଷ ପ୍ରଧାନ ଏବଂ ଦେବଗଡ଼ର ସୁଜିତ ପାତ୍ର ଉପସ୍ଥିତ ଥିଲେ। ରବିବାର ମହାମନ୍ତ୍ରୀ ଓ ସେନାପତି ଏବଂ ୧୭ ତାରିଖ ଦିନ କଂସ ମହାରାଜ ସକାଶେ ଆଶାୟୀ କଳାକାରମାନେ ବିଚାରକଙ୍କ ସମ୍ମୁଖରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ ବୋଲି ଧନୁଯାତ୍ରା ମହୋତ୍ସବ ସମିତି ପକ୍ଷରୁ ସୂଚନା ଦିଆଯାଇଛି।



ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା କଳାକାରମାନେ ।

# ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ



କବାଡ଼ି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

ପଦ୍ମପୁର,୧୫।୧୧(ପ୍ରଦୀପ୍ତ ଦାଶ)

ସ୍ଥାନୀୟ ରାଜବୋଡ଼ାସମ୍ବର ଖେଳପଡିଆଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହି ସଭାରେ ରାଜବୋଡ଼ାସମ୍ବର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପହଣ୍ଡି ବିଜୟ ମେହେର, ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଅଦନ ସୁନା, ଜିଲା ଶାରୀରିକ ଶିକ୍ଷାଧିକାରୀ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏମ୍‌ପି ପୁରୋହିତ ଖେଳଶିକ୍ଷାର ଗୁରୁତ୍ୱ ଉପରେ ତାଙ୍କର ଅଭିମତ ରଖିଥିଲେ। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରବ୍ୟାଣ୍ଡ, ବରିକେଲ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କ ଦ୍ୱାରାଦୁଲ ଦୁଲି ବାଜା ଓ ଲୋକନୃତ୍ୟ ସହ ସମସ୍ତ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜିଲା କ୍ରୀଡ଼ା ପତାକା ଅବତରଣ କରାଯାଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରମାନଙ୍କ ଦ୍ୱାରା ପରିବେଷିତ ଘୋଷ ବାଦ୍ୟର ତାଳେ ତାଳେ ସମସ୍ତ ବ୍ଲକରୁ ଆସିଥିବା ଖେଳାଳୀମାନେ ଜମ୍ଫୁଲ ମାର୍ଚ ପାଷ୍ଟ କରିଥିଲେ। ଏହାକୁ ବ୍ଲକ କ୍ରୀଡ଼ା ସମ୍ପାଦକ ହରେକୃଷ୍ଣ ମେହେର ଓ ଟାଉନ ହାଇସ୍କୁଲ ପଦମପୁରର ଖେଳଶିକ୍ଷକ ଚନ୍ଦ୍ରମଣି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସମସ୍ତ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ ରାଜେଶ ଖମାରୀ ଓ ଅଭିଳାଷ ସାହୁ। ଚଉଦ ବର୍ଷ ବାଳକ ବର୍ଗରେ ପାଇକମାଳ ବ୍ଲକ ଚାମ୍ପିୟନ ଓ ସୋହେଲା ବ୍ଲକ ରନରଅପ ଏବଂ ୧୭ ବର୍ଷ ବାଳକ ବର୍ଗରେ ଝାରବନ୍ଧ ବ୍ଲକ ଚାମ୍ପିୟନ ଓ ପଦମପୁର ବ୍ଲକ ରନରଅପ ହୋଇ ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତ୍ୟୁଷ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଖେଳଶିକ୍ଷକ ସହଯୋଗ କରିଥିଲେ।

# ବିର୍ସାମୁଣ୍ଡାଙ୍କ ଜୟନ୍ତୀରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ

ବରଗଡ଼,୧୫।୧୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତରେ ସ୍ୱାଧୀନ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ଏବଂ ଗୋବିନ୍ଦପୁର ଗ୍ରାମପଞ୍ଚାୟତରେ ବିଶେଷ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମିତି ସଭ୍ୟ ଜ୍ଞାନ ଚନ୍ଦ୍ର ବିଶ୍ୱାଳ, ନାଏବ ସରପଞ୍ଚ ଲୋକେଶ୍ୱରୀ ସାହୁ, ଗୋବିନ୍ଦପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ ବାରିକ, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କେଦାରନାଥ ଚୌଧୁରୀ, ମହାସଂଘର ସଭାନେତ୍ରୀ ଝରଣା ଦାଶ, ଏମ୍.ବି.କେ ଫିଉଟି ବାରିକ, ବ୍ୟାଙ୍କ ମିତ୍ର ରବିତା ସାହୁ, ସି.ଆର୍.ପି ସୁାସିନୀ ତାଣ୍ଡି, ପୁଷ୍ପାଞ୍ଜଳି ବନଛୋର, କୌଶଲ୍ୟା ସାହୁ, ମୌଥିଲି ହିଆଲ, ୱାର୍ଡ ମେମ୍ବର ଚନ୍ଦ୍ରଭାନୁ ହିଆଲ, ମଞ୍ଜୁଲତା ସାହୁ, ସନ୍ତୋଷିନୀ କୁଅଁର, ଚିନ୍ତାମଣୀ ବାରିକ, ଆନନ୍ଦ ସାହୁ, ଉସଦ ସା, ଗୌରଚନ୍ଦ୍ର ନାଏକ, ଅଶୋକ ସାହୁ, ରୋହିତ ଭୋଇ, ଗୁରୁଦେବ ସାହୁ ଓ ପୁରନ୍ଦର ଭୋସାଗରଙ୍କ ସମେତ ପଞ୍ଚାୟତର ଭଦ୍ରବ୍ୟକ୍ତିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟ ଓ ଗୋବିନ୍ଦପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦ୍ୱାରା ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ପଥପ୍ରାନ୍ତ ନାଟକ ଏବଂ ନୃତ୍ୟ ପରିବେଷଣ କରିଥିଲେ।




ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ରଙ୍କ ପଥପ୍ରାନ୍ତ ନାଟକ ପ୍ରଦର୍ଶନ।

# କ୍ୟାରିୟର ଗାଇଡାନ୍ସ ପ୍ରଶିକ୍ଷଣ

ପାଇକମାଳ,୧୫।୧୧
(ବଢ଼ ଶତପଥୀ)

ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ହାଇସ୍କୁଲରେ କ୍ୟାରିୟର ଗାଇଡାନ୍ସ ପ୍ରଶିକ୍ଷଣ ପ୍ରଧାନ ଶିକ୍ଷକ ଡ଼ ଦାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଅଦନ ସୁନା ଯୋଗଦାନ କରିଥିଲେ। ପ୍ରଥମେ ନିରୁପମା ସାହୁ, ଏବିଇଓ ରାଧେଶ୍ୟାମ ମେହେର, ଚକାମନ ସୁନା, ଦୁବରାଜ ବେଷ୍ଟ୍ରା ଏବଂ ସିଆର୍‌ସିସି ରଞ୍ଜନ ବାଗ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣରେ ୪ ଜଣ ଆର୍.ପି. କଲ୍ୟାଣୀ ସାମନ୍ତ, ଆଶୁତୋଷ ବେହେରା, ଗଗନ ବେହେରା, ସସ୍ମିତା ସାହୁଙ୍କ ସହିତ ପାଇକମାଳ ଏବଂ ଝାରବନ୍ଧ ବ୍ଲକର ୭୩ ଜଣ ଶିକ୍ଷକ ପ୍ରଶିକ୍ଷଣରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ଏବଂ ଛବିଳ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଝାରବନ୍ଧ,୧୫।୧୧(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ପୋଲିସ ଆନୁକୂଲ୍ୟରେ ଝାରବନ୍ଧ ଥାନା ପକ୍ଷରୁ ବିଭିନ୍ନ ସ୍କୁଲ କଲେଜରେ ଶନିବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଥାନାଧିକାରୀ କେ ସାମରିୟାଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ରାଲି ବାହାରି ବସ୍ତି ପରିକ୍ରମା କରି କଲେଜରେ ପହଞ୍ଚି ଥିଲା। କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ବର୍ତ୍ତମାନ ଘଟୁଥିବା ଅପରାଧିକ କାର୍ଯ୍ୟକଳାପ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପରେ ଝାରବନ୍ଧ ହାଇସ୍କୁଲ, କନ୍ଦା ହାଇସ୍କୁଲ, ବିଜାଡୋଲ ସ୍କୁଲ, ବଳି ଡିପା ଆଦର୍ଶ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

# ଦାବି ନେଇ ଆମରଣ ଅନଶନରେ ବସିଲେ ଜଗନ୍ନାଥ ନଗରବାସୀ

ବରପାଲି,୧୫।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗନ୍ନାଥ ନଗର ଦୁର୍ଗା ପୂଜା କମିଟି ଏବଂ ସ୍ଥାନୀୟ ଅଞ୍ଚଳବାସୀ ୬ ଦଫା ଦାବିନେଇ ଶନିବାର ଆମରଣ ଅନଶନରେ ବସିଛନ୍ତି। ଜଗନ୍ନାଥ ନଗର ଉଭୟ ପାର୍ଶ୍ୱରେ ନୂତନ ନିର୍ମିତ ହୋଇଥିବା ସର୍ଭିସ ରୋଡକୁ ଯୁଦ୍ଧକାଳୀନଭିତ୍ତିରେ ସ୍ଥାୟୀ ପିଚୁ, ସଡ଼କ ସୁରକ୍ଷା ଓ ସାମାଜିକ ନ୍ୟାୟ, ବରପାଲି ଗାନ୍ଧିଛକଠାରୁ ରାମପୁର ସୋନପୁର ଦେଇ ଯାତାୟାତ କରୁଥିବା ଭାରିଯାନକୁ ରାସ୍ତାର ଡିଭିଜନ କରାଯାଉ, ରାସ୍ତାର ଉଭୟ ଅର୍ଦ୍ଧ ନିର୍ମିତ ଡ୍ରେନ୍‌କୁ ସମ୍ପୂର୍ଣ୍ଣ କରାଯାଉ, ରାସ୍ତା ଉଭୟ ପାର୍ଶ୍ୱରେ ଲାଗିଥିବା ଇଲେକ୍ଟ୍ରିକ ଖୁଣ୍ଟଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥା, ଓଭରବ୍ରିଜ କାର୍ଯ୍ୟକୁ ତ୍ୱରାନ୍ୱିତ କାରାଯାଉ ଆଦି ଦାବି ନେଇ ଧାରଣା ଦିଆଯାଇଛି। ଉକ୍ତ ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରଶାସନ ସହ ନେତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଜଗନ୍ନାଥ ନଗରବାସୀ ଏହି ଧାରଣା ଦେଇଛନ୍ତି। ଏହି ଧାରଣାରେ ଦୁର୍ଗାପୂଜା କମିଟିର ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଯଦୁମଣି ତ୍ରିପାଠୀ, କଂଗ୍ରେସ ନେତା କିଶୋର ଦଫାଦାର ଏବଂ ଜଗନ୍ନାଥ ନଗରବାସୀ ଧାରଣାରେ ସାମିଲ ଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ,ବରଗଡ଼ ଭାରାପ୍ରାପ୍ତ ଥାନା ଅଧିକାରୀ ଜୟରଶ୍ମି ସେଠୀ, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାଏକ,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଜିଲା ପୂର୍ତ୍ତ ବିଭାଗ ଅଧିକାରୀ, ବରପାଲି ବିଡିଓ ସୁମନ୍ତ କୁମାର ପହଞ୍ଚି ଉଭୟ ପାର୍ଶ୍ୱ ରାସ୍ତାର କାମ ଆରମ୍ଭ ହେବ ବୋଲି କହିଥିଲେ ସୁଦ୍ଧା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସହ ଆନ୍ଦୋଳନକାରୀ ଅଡ଼ି ବସିଛନ୍ତି।




ଜଗନ୍ନାଥ ନଗରବାସୀ ଆମରଣ ଅନଶନରେ ବସିଛନ୍ତି।

# ବିସ୍ଥାପନ ହେବାକୁ ଥିବା ଭୂମିହୀନଙ୍କୁ ଥଇଥାନ ଦାବି

## ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର

ଅତାବିରା,୧୫।୧୧(ଯୁଧିଷ୍ଠିର ମହାପାତ୍ର)

ଦୀର୍ଘ ୪୦ବର୍ଷ ଧରି ଗୋଡ଼ଭଗା ଛକନିକଟ ରାସ୍ତା କଡ଼ରେ ଅନେକ ଗରିବ ଓ ଭୂମିହୀନ ପରିବାର ରହୁଛନ୍ତି। ସେମାନଙ୍କର ନିଜସ୍ୱ ଚାଷଜମି କି ଘରବାଡ଼ି ନାହିଁ। ନିଜର ଜୀବିକା ନିର୍ବାହ ପାଇଁ ନିକଟବର୍ତ୍ତୀ ଅଞ୍ଚଳ ଉପରେ ନିର୍ଭରଶୀଳ। ବର୍ତ୍ତମାନ ଓଡ଼ିଶା ସରକାରଙ୍କର ଗୋଡ଼ଭଗାରୁ ତୁରୁମ ରାସ୍ତାର ସମ୍ପ୍ରସାରଣ କାମ ପାଇଁ ସେମାନଙ୍କର ଘର ଗୁଡ଼ିକ ଭଙ୍ଗାଯିବ ବୋଲି ନୋଟିସ କରାଯାଇଛି। ଅଳ୍ପଦିନରେ ଘରଗୁଡ଼ିକ ଭଙ୍ଗାଯିବାକୁ ଥିବାରୁ ସେମାନଙ୍କ ରହିବାପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଫଳରେ ଘରେ ଥିବା ବୃଦ୍ଧ, ବୃଦ୍ଧା ଓ ଛୋଟ ଶିଶୁମାନେ ବାସହୀନ ହେବା ସହ ବହୁ କଷ୍ଟ ଭୋଗିବେ। ତେବେ ଉନ୍ନୟନ କାମକୁ ସମର୍ଥନ ଜଣାଇ ରାସ୍ତା ସମ୍ପ୍ରସାରଣ ପାଇଁ ବିସ୍ଥାପନ ହେବାକୁ ଥିବା ପରିବାରକୁ ପୁନଃ ଥଇଥାନ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଭୂମିହୀନ ଲୋକମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ଏହି ପରିପ୍ରେକ୍ଷୀରେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଭୂମିହୀନଙ୍କର ପୁନଃର୍ବାସ ପାଇଁ ସ୍ଥାୟୀ ଗୃହ ଅଧିକାର ପଟ୍ଟା ପ୍ରଦାନ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ସମର୍ଥନ ଜଣାଇ ମା' ମାହେଶ୍ୱରୀ ସେନାର ପ୍ରତିନିଧି କୁବେର ମହାକୁର, କ୍ଷିରେଶ୍ୱର ପ୍ରଧାନ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।



ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜନଜାତି ଗୌରବ ଦିବସ ବୀରତ୍ୱ, ତ୍ୟାଗ ପ୍ରତି ଉତ୍ସର୍ଗୀକୃତ: ମୁଖ୍ୟମନ୍ତ୍ରୀ

ରାଉରକେଲା,୧୫।୧୧(ସଙ୍ଗୀତା ଜେନା)

ବିର୍ସା ମୁଣ୍ଡା ଦେଶପ୍ରେମୀ ଥିଲେ। ଦେଶ ସ୍ୱାଧୀନତାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଇଂରେଜ ଉପନିବେଶକଙ୍କ ଦ୍ୱାରା ଆଦିବାସୀଙ୍କ ଜଙ୍ଗଲ ଜମି ହଡପ, ବନଜାତ ଦ୍ରବ୍ୟ ବ୍ୟବହାର ଉପରେ ଅଙ୍କୁଶ, ଧର୍ମାନ୍ତରୀକରଣକୁ ବିରୋଧ କରି ଧରତୀ ଆବା ଭଗବାନ ବିର୍ସା ମୁଣ୍ଡା ସଂଗ୍ରାମ କରିଥିଲେ। ତାଙ୍କ ଜନ୍ମଭୂମି ଝାଡ଼ଖଣ୍ଡର ଖୁଣ୍ଟି ସମେତ ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗରେ ବସବାସ କରୁଥିବା ହଜାର ହଜାର ଆଦିବାସୀଙ୍କୁ ସଙ୍ଗଠିତ କରି ଆନ୍ଦୋଳନ ଆରମ୍ଭ କରିଥିଲେ। ଜନଜାତି ଗୌରବ ଦିବସ ବୀରତ୍ୱ ଏବଂ ତ୍ୟାଗ ପ୍ରତି ଉତ୍ସର୍ଗୀକୃତ। ଏଥିପାଇଁ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଭଳି ଆଦିବାସୀବହୁଳ ଜିଲାରେ ଏହି ଅଭିଯାନ ଚାଲିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀଙ୍କ ପାଇଁ ଜୈବ ଓ ସାଂସ୍କୃତିକ ବିବିଧତା ରକ୍ଷା କରିବା ଉପରେ ପ୍ରାଥମିକତା ଦେଇଛନ୍ତି। ଆଦିବାସୀଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ତରରେ ସାମିଲ କରାଯାଉଛି। ରାଷ୍ଟ୍ରପତି, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀଗଣରେ ଆଦିବାସୀଙ୍କୁ ସୁଯୋଗ ଦେବା ଏହାର ବଳିଷ୍ଠ ଉଦାହରଣ। ଶନିବାର



ରାଉରକେଲାରେ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଅପରାହ୍ନରେ ସେକ୍ଟର-୧୩ ପ୍ରଦର୍ଶନୀ ପଡ଼ିଆରେ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ଆହୁରି କହିଥିଲେ, ଜନଜାତି ଗୌରବ ଦିବସ ଉପଲକ୍ଷେ ଅନେକ ସ୍ଥାନରେ ଶ୍ରଦ୍ଧାଞ୍ଜଳି, ସେମାନଙ୍କ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ, ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଉରକେଲା ଓ ସୁନ୍ଦରଗଡ଼ ଜିଲା ପାଇଁ ୧୩୪୫.୨୭ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରାଯିବା ସହିତ ୬୦୯ କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଉରକେଲା ହନୁମାନ ବାଟିକା ଛକରୁ ପାୱାର ହାଉସ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ସଡ଼କ ଏବଂ କୋଏଲନଗରରେ ଏକ ପାର୍କକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଯାଇଛି। ଜନଜାତିଙ୍କ ସାକ୍ଷରତା ହାର ବୃଦ୍ଧି କରିବା ସହ କୃଷି ଓ ଅଣକୃଷି, ପଶୁପାଳନରେ ଆର୍ଥିକ ପ୍ୟାକେଜ ଦିଆଯାଇଛି। ଜନଜାତି ଛାତ୍ରୀଛାତ୍ରଙ୍କ ସ୍କୁଲ ଡ୍ରପ୍ ଆଉଟ୍ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ବାବଦରେ ୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ୨୦୨୫-୨୬ରେ ୧ ଲକ୍ଷ ୫୦ ହଜାର ଜନଜାତି ପରିବାର ପାଇଁ ୫ଶହ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରାଯାଉଛି। ସମୃଦ୍ଧ ଓଡ଼ିଶା ବିକଶିତ ଓଡ଼ିଶାରେ ୪ ଭାଗରୁ ଏକ ଭାଗ ଆଦିବାସୀଙ୍କ ପାଇଁ ରହିଛି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରାଥମିକତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନଜାତିଙ୍କ କଲ୍ୟାଣ ପାଇଁ ପିଏମ୍ ଜନମନ୍ ଯୋଜନା, ଧରତୀ ଆବା ଜନଭାଗିଦାରି ଅଭିଯାନ, ଆଦି କର୍ମଯୋଗୀ ଅଭିଯାନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଜନଜାତି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଦ୍ୟମ କରୁଛନ୍ତି। ପିଏମ୍ ଜନଜାତି ଗ୍ରାମ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହା ଅଧୀନରେ ଜନଜାତି ସାଥୀ ଓ କର୍ମନିୟୋଜନ, ଜଳସେଚନ, ପଶୁପାଳନ ଓ ଲଘୁ ଉଦ୍ୟୋଗ କ୍ଷେତ୍ରରେ ୪୯୮୦ ଜଣ ଯୁବତୀଯୁବକଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରି ସଶକ୍ତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଥିଲେ।

କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଏସ୍‌ଟି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଅମ୍ରିତପାଲ କୌର ପ୍ରମୁଖ ମଞ୍ଚାସୀନ ଥିଲେ। ଏସ୍‌ଟି/ଏସ୍‌ସି ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଏବଂ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅପରାହ୍ନ ୧ଟା ୨୦ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିଥିଲେ। ପରେ ସେ ଅପରାହ୍ନ ୨ଟା ୨୦ରେ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଆର୍‌ଏସ୍‌ପିରେ ୫-ଏସ୍ ସର୍ବେକ୍ଷଣ ଅଡିଟ୍ କାର୍ଯ୍ୟକ୍ରମ


ବୈଠକରେ ବିଭିନ୍ନ ବିଭାଗର ଅଡିଟ୍ କରାଯାଉଛି।

ରାଉରକେଲା,୧୫।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ଏକଦିବସୀୟ ୫-ଏସ୍ ସର୍ବେକ୍ଷଣ ଅଡିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସମାଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହାର ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ବୈଠକରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର ଅଧ୍ୟକ୍ଷତା କରିଥିଲେ। ବିଇ ଏଣ୍ଡ ଆଇଇଡି ବିଭାଗର ଜିଏମ୍ ଇନଚାର୍ଜ ରାକେଶ ବର୍ମା ଉପସ୍ଥିତ ଥିଲେ। ବୈଠକରେ ସମ୍ପୃକ୍ତ ସହଯୋଗୀ ବିଭାଗ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅଡିଟ ସିକନ୍ଦରାବାଦସ୍ଥିତ ଅଡିଟ୍ କ୍ୱାଲିଟି ସର୍କଲ ଫୋରମ ଅଫ ଇଣ୍ଡିଆ (କ୍ୟୁସିଏଫ୍‌ଆଇ)ର ସିଓଓ(ଟିକ୍ୟୁଏମ୍) ସୁନୀଲ ଶ୍ରୀବାସ୍ତବ ଏବଂ ରାଉରକେଲା ଚାପ୍ଟରର କ୍ୟୁସିଏଫ୍‌ଆଇର ସମ୍ପାଦକ ଏସ୍. ସି ପ୍ରସାଦଙ୍କ ଦ୍ୱାରା କରାଯାଇଥିଲା। ଆର୍‌ଏସ୍‌ପିରେ ୫-ଏସ୍ କାର୍ଯ୍ୟାନ୍ୱୟନର ଅଂଶ ଭାବେ ତିନୋଟି ୟୁନିଟ୍ ଯଥା ରୋଲ ଶପ୍, ଅକ୍ସିଜେନ ପ୍ଲାଣ୍ଟ ଏବଂ ମେକାନିକାଲ ଶପ୍‌ରେ ଅଡିଟ ହୋଇଥିଲା। ପ୍ରଥମ ଥର ପାଇଁ ରୋଲ ଶପ୍ ବିଭାଗ ଅଧୀନରେ ଏଚ୍‌ଏସ୍‌ଏମ୍-୨ରେ ରୋଲ ଶପ୍-୫କୁ ଅଡିଟ୍ ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଅଡିଟରଙ୍କ ଦ୍ୱାରା ସଫଳତାର ସହ ୫-ଏସ ସିଷ୍ଟମରେ ସାମିଲ କରାଯାଇଥିଲା। ଅଡିଟରମାନେ ଷ୍ଟିଅରିଂ କମିଟି ସମୀକ୍ଷା ରେକର୍ଡ, ଜାଗୃତି ସମୀକ୍ଷା ରେକର୍ଡ, ମାଇକ୍ରୋ ଲେଭଲ ସମୀକ୍ଷା ରେକର୍ଡ, ସେଲ୍ଫ ଅଡିଟ ଏବଂ ମ୍ୟାନେଜମେଣ୍ଟ ଅଡିଟ୍ ରେକର୍ଡ ସହିତ ହାଉସକିପିଂ ଏବଂ ରକ୍ଷଣାବେକ୍ଷଣ ସମୟସୂଚୀ ସହ ସ୍ଥାନ ପରିଦର୍ଶନ କରିଥିଲେ। ଅଡିଟ କାର୍ଯ୍ୟକ୍ରମକୁ ବିଇ ବିଭାଗର ଜିଏମ୍ ଇନଚାର୍ଜ ଅନୁବିନ୍ଦ ମହାନ୍ତି ଏବଂ ଉକ୍ତ ବିଭାଗର ସାମୂହିକ ପରିଚାଳନା କରିଥିଲେ। ପ୍ରତ୍ୟେକ ଜିନିଷ ଓ ଏହାର କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନିରୂପଣ କରାଯାଇଥିଲା। ୫-ଏସ ସାର୍ଟିଫିକେଶନ ଜାରି ରଖିବା ପାଇଁ ସମସ୍ତ ବିଭାଗକୁ ସଫଳତାର ସହ ସୁପାରିଶ କରାଯାଇଥିଲା।

# 'ଖୁବ୍‌ଶୀଘ୍ର ଆର୍‌ଜିଏଚ୍ ସମସ୍ୟା ଦୂର ହେବ'

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେକ୍ଟର-୧୩ସ୍ଥିତ ମେଳଣ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅପରାହ୍ନ ୪ଟାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିଥିଲେ। ରାଉରକେଲା ସହରର ପ୍ରମୁଖ ଡାକ୍ତରଖାନା ଆର୍‌ଜିଏଚ୍‌କୁ ନେଇ ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ରାଉରକେଲା ସରକାରୀ ଡାକ୍ତରଖାନା ସୁନ୍ଦରଗଡ ଜିଲଶ ତଥା ରାଉରକେଲାର ଏକ ପ୍ରମୁଖ ଡାକ୍ତରଖାନା। ରାତି ପାହିଲେ ଏହି ଡାକ୍ତରଖାନାକୁ ହଜାର ହଜାର ସଂଖ୍ୟକ ରୋଗୀ ଆସିଥାନ୍ତି। ତେଣୁ ଏହି ଡାକ୍ତରଖାନାକୁ ଆଗାମୀ ଦିନରେ ବ୍ରହ୍ମପୁର, ସମ୍ବଲପୁରର ବୁର୍ଲା ସମେତ ଆର୍‌ଜିଏଚ୍‌କୁ ସୁପରହସ୍ପିଟାଲ ସହିତ ଯୋଡାଯିବ। ଆର୍‌ଜିଏଚ୍‌ରେ ସର୍ବଦା ଡାକ୍ତର ଅଭାବ ରହୁଥିବାବେଳେ ଏହି ସମସ୍ୟାକୁ ଖୁବ୍‌ଶୀଘ୍ର ଦୂର କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଡିପିଆର ତିଆରି ହୋଇସାରିଛି। ଏଠାରେ ଅଭାବ ଥିବା ପାରାମେଡିକାଲ ଷ୍ଟାପ୍‌ଠାରୁ ଆରମ୍ଭ କରି ଅନ୍ୟ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାକୁ ଖୁବ୍ କମ୍ ସମୟ ଭିତରେ ଦୂର କରି ଯେପରି ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରାଯାଇପାରିବ ସେଥିପାଇଁ ରାଜ୍ୟ ସରକାର ବ୍ଲୁ ପ୍ରିଣ୍ଟ ତିଆରି କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ସେହିପରି ଇସ୍ପାତ କାରଖାନାର ବିକାଶ ହେଲେ ରାଉରକେଲାର ବିକାଶ ହେବ। ଆଗାମୀ ଦିନରେ ରାଉରକେଲା ଷ୍ଟିଲପ୍ଲାଣ୍ଟର ସମ୍ପ୍ରସାରଣ ହେବାକୁ ଥିବାବେଳେ ମୋହନ ସରକାର ଏହାକୁ ପୂର୍ଣ୍ଣ ସମର୍ଥନ କରିବ। ଆର୍‌ଏସ୍‌ପି ସମ୍ପ୍ରସାରଣ ବେଳେ ପ୍ରଶାସନିକ ସ୍ତରରେ ଜମି ଯୋଗାଇ ଦେବା କଥା ହେଉକି ଆନୁସଙ୍ଗିକ ବ୍ୟବସ୍ଥା ସବୁ କ୍ଷେତ୍ରରେ ରାଜ୍ୟ ସରକାର ଆରଏସ୍‌ପିକୁ ସହାୟତାର ହାତ ବଢାଇବା ପାଇଁ ପ୍ରସ୍ତୁତ ବୋଲି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ।



ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରୁଛନ୍ତି।



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିଗଣ।

# ବିର୍ସା ମୁଣ୍ଡାଙ୍କ ତ୍ୟାଗ ସଦା ସ୍ମରଣୀୟ

ରାଉରକେଲା,୧୫।୧୧(ବିପ୍ଳବ ରଞ୍ଜନ ଦାଶ)

ଇଂରେଜ ମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଖୁଣ୍ଟକାଟି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିଥିବା ୨୫ ବର୍ଷର ଯୁବକ ବିର୍ସା ମୁଣ୍ଡା ଆଦିବାସୀମାନଙ୍କ ଭଗବାନ ଭାବେ ପୂଜିତ ହେବା ଅତ୍ୟନ୍ତ ସୌଭାଗ୍ୟର ବିଷୟ। ବିର୍ସା ମୁଣ୍ଡାଙ୍କ ପଦାଙ୍କ ଅନୁସରଣ କଲେ ଏକ ବିକଶିତ ସମାଜ ଗଠନ ହେବ ବୋଲି ଶନିବାର ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ଆୟୋଜିତ ୧୫୦ତମ ବିର୍ସା ମୁଣ୍ଡା ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମତବ୍ୟକ୍ତ କରିଛନ୍ତି। ଷ୍ଟାଚ୍ୟୁ କମିଟିର ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିର୍ସା ମୁଣ୍ଡାଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିର୍ସା ମୁଣ୍ଡାଙ୍କ ବିରତ୍ୱ ଓ ସଂଗ୍ରାମୀ ଜୀବନୀକୁ ଆଦୃତ କରିବା ପାଇଁ ଆଦିବାସୀ ସମ୍ପ୍ରଦାୟକୁ ଉତ୍ସାହିତ କରିଛନ୍ତି। ଦେଶରେ ଅନୁସୂଚିତ ଜନଜାତି ଉନ୍ନତି ପଥରେ ଅଗ୍ରସର ହେବ ବୋଲି ଟପ୍ପୋ କହିଥିଲେ। ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି ଆୟୁକ୍ତ ଦିନା ଦସ୍ତଗିର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିବା ସହିତ ଆଜିର ଛାତ୍ର ଓ ଯୁବ ସମାଜ ତାଙ୍କ ପଦାଙ୍କ ଅନୁସରଣ କରିବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ତପନ ମିଶ୍ର ଯୋଗଦେଇ ମାତ୍ର ୨୫ ବର୍ଷ ବୟସରେ ବିର୍ସା ମୁଣ୍ଡା ଏକ ଜାତିର ଭଗବାନ ଭାବେ ପୂଜିତ ହେବା କମ୍ ଗୌରବର କଥା ନୁହେଁ ଏବଂ ତାଙ୍କର ଉତ୍ସର୍ଗୀକୃତ ତ୍ୟାଗ ସର୍ବଦା ସ୍ମରଣୀୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଯୋଗଦେଇ କହିଲେ ଯେ, ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ନିଜର ସମର୍ପିତ ମନୋଭାବ ଯୋଗୁ ସେ ଗୋଟିଏ ଜାତିର ଭଗବାନ ଭାବେ ପୂଜିତ ହେବା ଆମ ପାଇଁ ଗର୍ବର ବିଷୟ ବୋଲି ନାୟକ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିର୍ସା ମୁଣ୍ଡାଙ୍କ ଉପରେ ଆଧାରିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଷ୍ଟାଚ୍ୟୁ କମିଟି ପକ୍ଷରୁ ମାର୍ସେଲ କାଣ୍ଡୁଲାନା, ଡା. ଏମ୍. ସୋରେନ, ମାର୍ସେଲ ପୂର୍ତ୍ତି, ପି. ଏଲ୍. ନାୟକ, ମନୋରଞ୍ଜନ କାଣ୍ଡୁଲାନା, ସୁନିଲ କୁମାର ପଟ୍ଟନାୟକ, ସୁବାଷ ଚନ୍ଦ୍ର ସାହୁ, ପିତାମ୍ବର ହେମ୍ବ୍ରମ, ଅଭିଷେକ ରାଉତରାୟ, ପ୍ରମୋଦ କୁମାର ବକ୍ସି, ଦୀପକ ରାଉତରାୟ, ଅନିରୁଦ୍ଧ ସ୍ୱାଇଁ, ସିମ୍ପଲ ପୂର୍ତ୍ତି, ଲଳିତ କୁଜୁର ପ୍ରମୁଖ ସହଯୋଗ କରିଥିଲେ।

# ମ୍ୟୁନିସିପାଲ କଲେଜରେ ଦକ୍ଷତା ବିକାଶ, ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ରାଉରକେଲା,୧୫।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉଦିତନଗରସ୍ଥିତ ମ୍ୟୁନିସିପାଲ କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଉଦ୍ୟୋଗୀ ଦକ୍ଷତା ବିକାଶ ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏକ ଖାଦ୍ୟ ପ୍ରଦର୍ଶନୀ ମେଳା 'ଜାଇକା' ଆୟୋଜିତ ହୋଇଥିଲା। ମେଳାରେ ୨୦ଟି ଖାଦ୍ୟ ଷ୍ଟଲରେ ପ୍ରାୟ ୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ, ବିଜୟଲକ୍ଷ୍ମୀ ଦେଓ, ଅର୍ପିତା ମହାପାତ୍ର, ଗୋଲକ ବିହାରୀ ଦଳବେହେରା, ସୁନୀଲ କୁମାର ମହାନ୍ତି, ଦୀପ୍ତି ରଞ୍ଜନ ମହାନ୍ତି ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜୟ କୁମାର ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଆକାଶ ଚନ୍ଦ୍ର ଦାସ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଦାୟିତ୍ୱବାନ ଉଦ୍ୟୋଗୀ ହେବା ପାଇଁ ଶପଥ ପାଠ କରାଇଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷ ଦାଶ କହିଥିଲେ, ଆଧୁନିକ ସମାଜରେ ଯୁବ ଉଦ୍ୟୋଗୀମାନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପଟେ ବର୍ତ୍ତମାନ ସମୟରେ ଖାଦ୍ୟ ଉଦ୍ୟୋଗର ଚାହିଦା ବେଶ୍ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ବାଣିଜ୍ୟ ଶିକ୍ଷାଲାଭ କରୁଥିବା ପିଲାମାନେ ଖାଦ୍ୟ ପ୍ରସ୍ତୁତି ବିଷୟରେ ଜାଣିବା ନିହାତି ଆବଶ୍ୟକ ବୋଲି ଦାଶ କହିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ବାଣିଜ୍ୟ ବିଭାଗର ଅଧ୍ୟାପିକା ପ୍ରିୟଙ୍କା ମହାନ୍ତିଙ୍କ ସଂଯୋଜନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସୁଦିପ୍ତି କେରକଟା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗୁରୁବାର କଲେଜରେ ଚାଲିଥିବା ତ୍ରିଦିବସୀୟ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା ଓ କୃତଜ୍ଞ ଏବଂ ସମ୍ବେଦନଶୀଳ ବ୍ୟକ୍ତି ନିର୍ମାଣରେ ସାହିତ୍ୟ ଓ ଶିକ୍ଷାର ଭୂମିକା ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ।



ଜାଇକା କାର୍ଯ୍ୟକ୍ରମରେ ଶପଥ ପାଠ କରାଯାଉଛି।

# ବିଶ୍ରା, ରାଜଗାଙ୍ଗପୁର ଏସ୍‌ଏଚ୍‌ଜି ପୁରସ୍କୃତ

ରାଉରକେଲା, ୧୫।୧୧
(ସଙ୍ଗୀତା ଜେନା)

ରାଉରକେଲା ସେକ୍ଟର-୧୩ ପ୍ରଦର୍ଶନୀ ପଡିଆରେ ଶନିବାର ଅପରାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା କିଛି ଜନଜାତି ସଫଳ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଥିଲେ। ମହୁଲରୁ ଖାଦ୍ୟ ଓ ପାନୀୟ ପ୍ରସ୍ତୁତକାରୀ ବିଶ୍ରା ବ୍ଲକର ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି, ରାଜଗାଙ୍ଗପୁର ଏସ୍‌ଏଚ୍‌ଜି, ଲହୁଣୀପଡ଼ା ବିଜାଘାଟ ଗ୍ରାମ ପାଉଡିଭୂୟାଁ ସମାଜର ଆଶାକର୍ମୀ ନିରସ୍ରୀ ମାର୍କୀ, ନୂଆଗାଁର ସଫଳ ଜୈବିକ ଚାଷୀ ମନୋଜ ତିର୍କୀ, କୁତ୍ରାର ପିଏମ୍ ଶ୍ରୀ ସ୍କୁଲର ଛାତ୍ର ତଥା ଜିଲା ଟପ୍ପର କ୍ରିଷ୍ଟା ମାଝୀ, ଉତ୍ତରପ୍ରଦେଶରେ ଆୟୋଜିତ ୮ମ ସବ୍ ଜୁନିଅର ହକି ଦଳର ସୁଦୀପ ଚିରମାକୋ (ଗାଙ୍ଗପୁର ଦଳ), ପିଏମ୍ ଜନମନ୍ ଯୋଜନାରେ ସମୟ ପୂର୍ବରୁ ଯୋଜନା ଶେଷ କରିଥିବା ସାର୍ଗୀ ଦେହୁରୀ, ଆଇଟିଡିଏ ପିଏ ମନୋଜ କୁଜୁର, ସୁନ୍ଦରଗଡ଼ ପିଏଆଇଟିଡିଏ ଜର୍ଜ ବାର୍ଲା, ସଫଳ ଅଣୁ ଉଦ୍ୟୋଗୀ ସୁନୀତା କିଷାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ବେଳେ ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ପକ୍ଷରୁ ମହୁଲ ପ୍ରସ୍ତୁତ ଖାଦ୍ୟ ସମାଗ୍ରୀ ପ୍ରଦାନ କରାଯାଇଥିଲା। ଜନଜାତିର ଉନ୍ନୟନ ପାଇଁ ନୂଆଗାଁ, କୁଆଁରମୁଣ୍ଡା, ରାଜଗାଙ୍ଗପୁର ଆଦି ବ୍ଲକର ୬ଟି କେନ୍ଦ୍ରରେ ପ୍ରାରମ୍ଭିକ ସ୍ତରରେ ଅଙ୍ଗନୱାଡିରେ ମାତୃଭାଷା ସହ ସ୍ଥାନୀୟ ମୁଣ୍ଡା, ଓରାମ, ସାଦ୍ରୀ, ହୋ, ସାନ୍ତାଳୀ ଭାଷାରେ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ କ୍ଷୁଦ୍ରଚିତ୍ର ପ୍ରଦର୍ଶିତ ହୋଇଥିଲା।


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଏସ୍‌ଏଚ୍‌ଜି ମହିଳା।

# ବରିଷ୍ଠ ନାଗରିକଙ୍କ ଅନୁଭୂତି ପ୍ରେରଣାଦାୟକ

## ଆଦର୍ଶ ବରିଷ୍ଠ ନାଗରିକ ସହାୟକ କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ

ରାଉରକେଲା,୧୫।୧୧(ଦିନେଶ ମିଶ୍ର)

ଛେଣ୍ଡ ଥାନା ପରିସରରେ ଥିବା ଆଦର୍ଶ ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର ଅଷ୍ଟମ ବାର୍ଷିକ ଉତ୍ସବ ସଭାପତି ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଅତିରିକ୍ତ ଏସ୍‌ପି ସୁଶ୍ରୀ ଶ୍ରାବଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ବରିଷ୍ଠ ନାଗରିକଙ୍କ ଭିତରେ ଥିବା ବିଭିନ୍ନ ଅନୁଭୂତି ଓ ଦକ୍ଷତା ସମାଜ ପାଇଁ ସର୍ବଦା ପ୍ରେରଣାଦାୟକ ହୋଇଥାଏ। ତେଣୁ ଛୋଟ ହେଲେ ସର୍ବଦା ବୁଦ୍ଧି ବିଚାରି ବଡଙ୍କୁ ପଚାରି ସମସ୍ତ କାର୍ଯ୍ୟ କଲେ ଜୀବନରେ ସଫଳତା ମିଳିଥାଏ ବୋଲି ମୁଖ୍ୟ ଅତିଥି ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ।



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଥିବା ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଆଇଜିଏଚ୍‌ର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଗୋକୁଳାନନ୍ଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଲେ, ବରିଷ୍ଠ ନାଗରିକ ବଟବୃକ୍ଷ ସଦୃଶ। ବଟବୃକ୍ଷ ଯେମିତି ବୃଦ୍ଧ ହୋଇ ମଧ୍ୟ ସମାଜକୁ ଶୀତଳ ଛାଇ ପ୍ରଦାନ କରିଥାଏ ସେଭଳି ପରିବାର ଭିତରେ ବରିଷ୍ଠ ନାଗରିକ ଶାନ୍ତି, ସଦ୍‌ଜ୍ଞାନ ଓ ସମସ୍ତଙ୍କୁ ଉଚିତ ମାର୍ଗଦର୍ଶନ କରିଥାନ୍ତି ବୋଲି ସାହୁ କହିଥିଲେ। ଆରମ୍ଭରେ କଳିଙ୍ଗବିହାର ସ୍ଥିତ ଉମାଶଙ୍କର ପୀଠ ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଶ୍ରୀନିବାସ ଦାସଙ୍କ ନେତୃତ୍ୱରେ ହରିନାମ ସଙ୍କୀର୍ତ୍ତନ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସମାଜସେବୀ ଭରତ ଚନ୍ଦ୍ର ବାଇ, ରଣଧୀର ଲେଙ୍କା, ଅଜିତ କୁମାର ପୂଜାରୀ, ନୋଡାଲ ଅଫିସର ମହେନ୍ଦ୍ର କୁମାର ସାହୁ, ସବିତାରାଣୀ ସାମଲ, ଦୈତାରୀ ଖୁଣ୍ଟିଆ, ବିଜୟ କୁମାର ବରାଳ, ସୂର୍ଯ୍ୟନାରାୟଣ ପଣ୍ଡା, ଶ୍ୟାମସୁନ୍ଦର ମଲ୍ଲିକ, କ୍ଷୀରୋଦ କୁମାର ମିଶ୍ର, ରବୀନ୍ଦ୍ର ନାୟକ, ମକର ଧ୍ୱଜଙ୍କୁ ବରିଷ୍ଠ ନାଗରିକ ସହାୟତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାପତି ମହେନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ, ସାଧାରଣ ସମ୍ପାଦକ ବିଜୟ ବରାଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଛେଣ୍ଡ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର ପକ୍ଷରୁ ନାଟକ 'ଅମର ଜ୍ୟୋତି' ପରିବେଷଣ କରାଯାଇଥିଲା। କେନ୍ଦ୍ରର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସିଂ, ଶ୍ରୀନିବାସ ନାୟକ, ରବୀନ୍ଦ୍ର ନାୟକ, ନିତ୍ୟାନନ୍ଦ ବିଶ୍ୱାଳ, ସଚ୍ଚିଦାନନ୍ଦ ଦାସ, ଶ୍ୟାମସୁନ୍ଦର ମଲ୍ଲିକ, ଛେଣ୍ଡ ଥାନା ଅଧିକାରୀ ବିଜୟ କୁମାର ସିଂ, ସରୋଜ ସ୍ୱାଇଁ, ମଧୁସୂଦନ ବଳ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ଡକ୍ଟର ଗିରିଜା ଶଙ୍କର ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିର୍ସାଙ୍କ ତ୍ୟାଗ, ସଂଘର୍ଷକୁ ସ୍ମରଣକରି ଆଗକୁ ବଢ଼

**କୁଚିଣ୍ଡା,୧୫।୧୧(ବିରଞ୍ଚି ଦର୍ଜୀ)**



ଜନଜାତି ମହିଳା ପୁରୁଷଙ୍କ ଶୋଭାଯାତ୍ରାରେ ସାମିଲ ହେଲେ ମନ୍ତ୍ରୀ ରବିନାରାୟଣ ନାଏକ।

**ଜିଲାସ୍ତରୀୟ ଜନଜାତି ଗୌରବ ଦିବସ**

ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରି ପ୍ରତିବର୍ଷ ନଭେମ୍ବର ୧୫କୁ ଭାରତବର୍ଷରେ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ତ୍ୟାଗ, ବଳିଦାନ ଓ ସଂଘର୍ଷକୁ ସ୍ମରଣ କରି ସମସ୍ତେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ। କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ସମ୍ବଲପୁର ଜିଲାସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ମନ୍ତ୍ରୀ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ବିର୍ସା ମୁଣ୍ଡା ଜନଜାତି ପାଇଁ ଲଢେଇ କରିଥିଲେ। ସେ ଜଣେ ନିର୍ଭୀକ ଜନନେତା ଥିଲେ। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଛି। ବିର୍ସାଙ୍କ ବଳିଦାନକୁ ସ୍ମରଣ କରି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ କରିବା, ପିଏମ-ଜନମନ ଯୋଜନା, ଏକଲବ୍ୟ ବିଦ୍ୟାଳୟରେ ଜାତୀୟ ଜନଜାତି ଗବେଷଣା କେନ୍ଦ୍ର ସ୍ଥାପନ, ବିର୍ସାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ, ଜନଜାତି ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ଆଦି ମୋଦୀ ସରକାରଙ୍କ ଐତିହାସିକ ଉପଲବ୍ଧି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାର ଆତ୍ମତୃପ୍ତି ଅବର୍ଣ୍ଣନୀୟ। ସମ୍ବଲପୁର ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଶୁଶିଲ କର, ସମାଜସେବୀ ଭୁଲେଶ୍ୱର ମୁଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଧରତି ଆବାଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ୧୬୦ଜଣ ଜନଜାତି ବ୍ୟକ୍ତିଙ୍କୁ ଜଙ୍ଗଲ ଜମି ପଟ୍ଟା, ୩ଶହ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ମଞ୍ଜି, ଓଟିଇଏଲପି ପକ୍ଷରୁ ୨୪ଜଣ ଜନଜାତି ମହିଳା ପୁରୁଷଙ୍କୁ ଆତ୍ମ ନିର୍ଭରଶୀଳ ପାଇଁ ବିଭିନ୍ନ ପ୍ରକାରର ଯନ୍ତ୍ରପାତି ଆଦି ବଣ୍ଟନ କରିଥିଲେ। ପୂର୍ବାହ୍ନରେ ଏନେଇ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲ। ସୌମ୍ୟାଲିନା ସାହୁ ଏବଂ ରବିନ୍ଦ୍ର କୁମାର ଦାସ ସଭା ପରିଚାଳନା କରିଥିବା ବେଳେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନୂଆପଡ଼ା ବିଜୟ ୧୭ ମାସ କାର୍ଯ୍ୟର ପ୍ରମାଣପତ୍ର



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

**ସମ୍ବଲପୁର,୧୫।୧୧(ଭବାନୀ ଶଙ୍କର ଭୋଇ)**

ନୂଆପଡା ଉପନିର୍ବାଚନର ଫଳାଫଳ ରାଜ୍ୟ ସରକାରଙ୍କ ୧୭ ମାସର କାର୍ଯ୍ୟ ପ୍ରତି ଜନସାଧାରଣ ପ୍ରମାଣପତ୍ର ଦେଇଛନ୍ତି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ରାଜ୍ୟ ଭାଜପା ପ୍ରବକ୍ତା ମାନସ ରଞ୍ଜନ ବକ୍ସି। ମୋହନ ସରକାରଙ୍କ ଦୁର୍ନୀତିମୁକ୍ତ, ଭ୍ରଷ୍ଟାଚାରମୁକ୍ତ, ସୁଶାସନ ଓ ଜନକଲ୍ୟାଣକାରୀ ଯୋଜନା କାରଣରୁ ଭାଜପାକୁ ସୁଯୋଗ ଦେଇଥିବାରୁ ନୂଆପଡାବାସୀ ଧନ୍ୟବାଦର ପାତ୍ର। ଏହାସହ ୮୩.୪୫ % ମତଦାନ ଓ ମହିଳାଙ୍କ ସର୍ବାଧିକ ଭାଗିଦାରୀ ଏକ ସୁସ୍ଥ ଗଣତନ୍ତ୍ରର ପ୍ରତୀକ ବୋଲି ଦଳ ପକ୍ଷରୁ କୁହାଯାଇଛି। ଉପନିର୍ବାଚନ ପ୍ରଭାରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ସହପ୍ରଭାରୀ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ରାଜନୈତିକ ଅଭିଜ୍ଞତା ଓ ଗୋଟିଚାଳନା ସାଙ୍ଗକୁ ସାମୂହିକ ପ୍ରଚେଷ୍ଟା କାମ କରିଛି। ସେହିପରି ମୋଦି ମ୍ୟାଜିକ, ଧର୍ମେନ୍ଦ୍ରଙ୍କ ରଣନୀତି ଯୋଗୁ ବିହାରରେ ଏନଡିଏର ଐତିହାସିକ ବିଜୟ ହୋଇଥିବା ଭିଏସଏସମାର୍ଗ ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡଙ୍ଗୀ, ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ଡ଼. ପ୍ରମୋଦ କୁମାର ରଥ, ସମୀର ରଞ୍ଜନ ବାବୁ, ସୁଶାନ୍ତ କୁମାର ପୁରୋହିତ, ମୁକେଶ ଜରିୱାଲ, ରଞ୍ଜିତ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିବାସୀ ନୃତ୍ୟ, ଗୀତରେ ରାଜରାସ୍ତା ପ୍ରକମ୍ପିତ

**ସମ୍ବଲପୁର,୧୫।୧୦(ବି.ଶଙ୍କର)**



ଅଇଁଠାପାଲି ଛକସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ସହ ଜୟଗାନ କରାଯାଉଛି।

**ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ**

**ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, କ୍ଷୀରାଭିଷେକ**

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାନ କ୍ରାନ୍ତିକାରୀ, ସ୍ୱାଧିନତା ସଂଗ୍ରାମୀ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସମ୍ବଲପୁର ଅଇଁଠାପାଲି ଛକସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଜନସାଧାରଣ, ରାଜନେତା, ସାମାଜିକ କର୍ମୀମାନେ ମାଲ୍ୟାର୍ପଣ କରିବା ସହ କ୍ଷୀରାଭିଷେକ କରିଥିଲେ। ଜୟ ବିର୍ସା ମୁଣ୍ଡା ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପାରମ୍ପରିକ ଆଦିବାସୀ ନୃତ୍ୟ, ଗୀତ ଓ ବାଦ୍ୟରେ ପ୍ରତିମୂର୍ତ୍ତିସ୍ଥଳ ସମେତ ସହର ରାଜ ରାସ୍ତା ପ୍ରକମ୍ପିତ ହୋଇଛି। ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବିଭିନ୍ନ ପଡାରୁ ସୁସଜ୍ଜିତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଧରତୀ ଆବାଙ୍କ ପ୍ରତିମୂର୍ତ୍ତି ସାମିଲ କରାଯାଇଥିଲା। ଛୋଟ ପିଲାମାନେ ବିର୍ସାଙ୍କ ବେଶରେ ସଜ୍ଜିତ ହୋଇଥିଲେ । ଭବ୍ୟ ଶୋଭାଯାତ୍ରାରେ ଶିଶୁ, ବାଳିକା, ବାଳକ, ଯୁବତୀଯୁବକ, ମହିଳା ଓ ପୁରୁଷମାନେ ସାମିଲ ହୋଇ ବିର୍ସାଙ୍କ ଜୟଗାନ କରିବା ସହ ନୃତ୍ୟ କରିଥିବା ଦେଖିବାକୁ ମିଳିଥିଲା । ଏହିକ୍ରମରେ ସମ୍ବଲପୁର ଅଇଁଠାପାଲି ବିର୍ସା ମୁଣ୍ଡା ଛକରେ ଆଦିବାସୀ ନେତ୍ରୀ ତଥା ସମ୍ବଲପୁର ଜିଲା ସ୍ପେସିଆଲ ଡେଭେଲପ୍ମେଣ୍ଟ କାଉନସିଲର ପୂର୍ବତନ ଉପାଧ୍ୟକ୍ଷା ରାକ୍ଷୀ ମୁଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ବରିଷ୍ଠ ରାଜନେତା ତଥା ସମ୍ବଲପୁର ସଂଗ୍ରାମ ସମିତି ମୁଖ୍ୟ ପୃଷ୍ଠପୋଷକ ଇଞ୍ଜିନିୟର ସିଦ୍ଧାର୍ଥ ଦାସ, ସମ୍ବଲପୁର ମହାନଗର ନିଗମର ସହକାରୀ ଆୟୁକ୍ତ ସରୋଜିନୀ ପ୍ରସନ୍ନ କୁଲ୍ଲୁ, ଡେପୁଟି କମିଶନର ହରିଓମ ଭୋଇ, ଡେପୁଟି କମିଶନର ଭିକ୍ଟର ସୋରେନ ଯୋଗଦେଇ ବୀର୍ସାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଇଞ୍ଜିନିୟର ଦୀନେଶ ସେଠ, ସ୍ଥାନୀୟ ନେତା ମାୟାଧର ଜେନା, ପୂର୍ବତନ କାଉନସିଲର ସୌରୀନାରାୟଣ ପାଣିଗ୍ରାହୀ, ଜୁପୁନା ପ୍ରଦୋଷ ମହାନ୍ତି, ଭରତ ସୁନା, ସୁରୀବାବୁ ମେହେର, ସରୋଜ ସାହୁ, ବେଣୁଧର ଦାଶ, ଗିରିଧାରୀ ମୁଣ୍ଡା, ସହଦେବ ମୁଣ୍ଡା, ଅଞ୍ଜନୀ ମୁଣ୍ଡା, ପ୍ରମିଳା ମୁଣ୍ଡା, ଶୁଭମ ମୁଣ୍ଡା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୁମୀତ କୁମାର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଜାତି ଗୌରବ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର,୧୫।୧୦(ବି.ଶଙ୍କର)**

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶ ପାଇଁ ଉତ୍ସର୍ଗୀକୃତ ସ୍ୱାଧିନତା ସଂଗ୍ରାମୀଙ୍କ ୧୫୦ତମ ଜନ୍ମ ଜୟନ୍ତି ପାଳନ କରାଯାଇଛି। ଶିକ୍ଷକ ଦୀପକ ଓରାମ ନିଜର ବକ୍ତବ୍ୟ ମାଧ୍ୟମରେ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର ବକ୍ତବ୍ୟ ମାଧ୍ୟମରେ ତାଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିବା ସହିତ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଭାକାର୍ଯ୍ୟ ପରିଚାଳନା କରିବା ସହିତ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ଏହି ଦିବସ ଉପଲକ୍ଷେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା।

# କଣ୍ଟେନରରେ ଚାଲାଣବେଳେ ୩୦ ଗୋରୁ ଉଦ୍ଧାର



କଣ୍ଟେନରରୁ ଗୋରୁଙ୍କୁ ବଜରଙ୍ଗ ଦଳର କର୍ମୀ ଓ ସ୍ଥାନୀୟ ଲୋକେ ଉଦ୍ଧାର କରୁଛନ୍ତି।

**ସମ୍ବଲପୁର,୧୫।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ରେଢ଼ାଖୋଲ ଭୀମଭୋଇ ଛକ ନିକଟରେ ବେଆଇନ ଭାବେ ଗୋ ଚାଲାଣକୁ ଭଣ୍ଡୁର କରିଛନ୍ତି ବଜରଙ୍ଗ ଦଳର ସ୍ଥାନୀୟ କର୍ମୀମାନେ। ଏକ କଣ୍ଟେନର(ଆର୍‌ଜେ-୩୨-ଜିସି-୯୮୧୭)ରେ ଗୋରୁ ଚାଲାଣ ହେଉଥିବା ସନ୍ଦେହ ହେବାରୁ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକ ରଖି ବଜରଙ୍ଗଦଳ କର୍ମୀଙ୍କୁ ଖବର ଦେଇଥିଲେ। ଖବର ପାଇ ବଜରଙ୍ଗଳ ଦଳ କର୍ମୀମାନେ ସେଠାରେ ପହଞ୍ଚି ଥିଲେ। ଉକ୍ତ ଗାଡ଼ିରୁ ୩୦ ଗୋରୁ ଉଦ୍ଧାର କରାଯାଇଛି। ଖବର ପାଇ ପୋଲିସ କଣ୍ଟେନରକୁ ଜବତ କରିବା ସହ ଜଣେ ଗୋଚାଲାଣକାରୀଙ୍କୁ ଗିରଫ କରିଛି। ତେବେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଗୋ ଚାଲାଣକାରୀଙ୍କୁ ପଚରାଉଚରା ବେଳେ ଗୋରୁଙ୍କୁ ବେଗୁନିଆରୁ ଅଣାଯାଇ ପଶ୍ଚିମବଙ୍ଗର ଖଡ଼ଗପୁରକୁ ପଠାଯାଉଥିଲା ବୋଲି ଜଣା ପଡ଼ିଛି। ଉଦ୍ଧାର ହୋଇଥିବା ସମସ୍ତଙ୍କ ଗୋରୁଙ୍କୁ ବୈଷ୍ଣବଝୁଲି ସ୍ଥିତ ଗୋଶାଳାରେ ରଖାଯାଇଛି। ଏ ନେଇ ରେଢ଼ାଖୋଲ ଥାନାରେ ଏକ ମାମଲା ରୁଜୁ କରି ପୋଲି ଘଟଣାର ତଦନ୍ତ କରୁଛି।

# ସମ୍ବଲପୁର ମହୋତ୍ସବ ଉଦ୍‌ଘାଟିତ

**ସମ୍ବଲପୁର,୧୫।୧୧(ବି.ଶଙ୍କର)**

**ଲୋକଗୀତ, ବାଦ୍ୟ ଓ ନୃତ୍ୟରେ ଦୁଲୁକିଲା ବିର୍ସା ମଇଦାନ**

ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ ଶନିବାର ସନ୍ଧ୍ୟାରେ ଶନିବାର ଅଇଁଠାପାଲି ପିଏଚ୍‌ଡି ପଡିଆ (ବିର୍ସା ମଇଦାନ) ସ୍ଥିତ ସୁସଜ୍ଜିତ ମଞ୍ଚରେ ଉଦ୍‌ଘାଟିତ ହୋଇଛି। ସମ୍ବଲପୁରୀ ଲୋକଗୀତ, ଲୋକନୃତ୍ୟ ଓ ବାଦ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ସମ୍ବଲପୁର ମହୋତ୍ସବର ସଂଯୋଜକ ଡ. ସପନ ମିଶ୍ର ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସୁଫି ଗାୟକ ପଦ୍ମଶ୍ରୀ ଡ.ଭାରତୀ ବନ୍ଧୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ ସଭ୍ୟ ସାଧକଶ୍ରୀ ସଦାନନ୍ଦ ପଣ୍ଡା, ସଂସ୍କୃତି ରତ୍ନ କାର୍ତ୍ତିକ ପ୍ରସାଦ ବହିଦାର, ପ୍ରାକ୍ତନ ପ୍ରଶାସକ ରତ୍ନଭୂଷଣ ପୃଷ୍ଟେଠ, ସାମାଜିକକର୍ମୀ ଭାରତୀ ପଣ୍ଡା, ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ଦଳ କମିଟି ଆବାହକ ଗୁରୁ ଦୁର୍ଗା ପ୍ରସାଦ ଦାଶ, ଗୀତ ସଙ୍ଗୀତ କମିଟି ଆବାହକ ଗୁରୁ ରବୀନ୍ଦ୍ର ପଣ୍ଡା, କମିଟି ଆବାହକ ଭବତୋଷ ବିଶି, ଶୋଭାଯାତ୍ରା କମିଟି ଆବାହକ କାହ୍ନୁ ଜେନା, ଅଭିନେତ୍ରୀ ରୋଜି ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସକାଳେ ସମଲେଶ୍ୱରୀ ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବିଭିନ୍ନ ଅଞ୍ଚଳର କଳାକାରମାନେ ସାମିଲ ହୋଇଥିଲେ।

# ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ



ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

**ନାକଟିଦେଉଳ,୧୫।୧୧(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡଇଁଚା ଗ୍ରାମ ପଞ୍ଚାୟତର ମୁଟୁରୁମୁଣ୍ଡା ଆଶ୍ରମ ବିଦ୍ୟାଳୟ ପକ୍ଷରୁ ଶନିବାର ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଣବ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡଇଁଚା ସରକାରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସିଆରସିସି ନେପୋଲିୟନ ବେହେରା, ଡଇଁଚା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର କର, ତେରବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ପୁରୁଷୋତ୍ତମ ସାମଲ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୋହାନ ଖାଲକୋ ଯୋଗଦେଥିଲେ। ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ପକ୍ଷରୁ ପାଠ ପଢିବା କ୍ଷେତ୍ରରେ ରହିଥିବା ବିଭିନ୍ନ ଯୋଜନା ଏବଂ ସୁବିଧା ସୁଯୋଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସ୍କୁଲ କିମ୍ବା ହଷ୍ଟେଲରେ କେବଳ ଛାଡି ଦେଲେ ହେବ ନାହିଁ ଏ ଦିଗରେ ଅଭିଭାବକ, ଅଭିଭାବିକାମାନେ ମଧ୍ୟ ସଚେତନ ରହିବାର ଆବଶ୍ୟକତା ରହିଛି। ବିଦ୍ୟାଳୟ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ଏକ ସେତୁ ସଦୃଶ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ସହିତ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ଅନ୍ୟପକ୍ଷରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା କିସାନ, ଅଭିଶା ଗିଲୁଆ ଏବଂ ସୁଇଟି ନାଏକ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢ଼ିବାର ଅନୁଭୂତି ବର୍ଣ୍ଣନା କରିଥିଲେ। ଯୁଯୁମୁରା ବ୍ଲକ କଂସରରୁ ଆସିଥିବା ଅଭିଭାବିକା ସୁପ୍ରିୟା ଆଇନ୍ଦ ନିଜର ଅନୁଭୂତି ବଖାଣିଥିଲେ । ସହକାରୀ ଶିକ୍ଷୟିତ୍ରୀ ସୋନାଲି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚଳନାରେ ମେଟ୍ରନ ଜୟନ୍ତୀବାଳା ସାହୁ, ମାର୍ଥା ଖାଲକୋ ଏବଂ ଶଶୀ ପୂର୍ତ୍ତି ସହଯୋଗ କରିଥିଲେ।

# ହୀରାକୁଦରେ ଇକୋ ରିଟ୍ରିଟ୍‌ର ଶୁଭାରମ୍ଭ

**ଆଭାସି ମାଧ୍ୟମରେ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ**

**ସମ୍ବଲପୁର,୧୫।୧୧(ପ୍ରମୋଦ ବହିଦାର)**



ମା'ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଇକୋ-ରିଟ୍ରିଟ୍‌ର ଶୁଭାରମ୍ଭ କରୁଛନ୍ତି।

ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱସ୍ଥ ଜମାଦାରପାଲିରେ ଶନିବାର ଶୁଭାରମ୍ଭ ହୋଇଛି ଶୀତଦିନିଆ ଇକୋ-ରିଟ୍ରିଟ୍। ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବେଙ୍ଗାଲୁରୁରୁ ଆଭାସୀ ଜରିଆରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜମାଦାରପାଲିସ୍ଥିତ ଇକୋ-ରିଟ୍ରିଟ୍ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥଭାବେ ଏମ୍‌ପି ପ୍ରତିନିଧି ନାଉରୀ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଉପାୟୁକ୍ତ ସରୋଜିନୀ ପ୍ରସନ୍ନ କୁଲୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ପାଣି, ହୀରାକୁଦ ବନ୍ଧ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ଶୁଭ୍ରାଂଶୁ ଦିବେଦୀ, ଜିଲା ପର୍ଯ୍ୟଟନ ସହନିର୍ଦ୍ଦେଶକ ରବିନ୍ଦ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଶୀତକାଳୀନ ଇକୋ-ରିଟ୍ରିଟ୍ ଆସନ୍ତା ଫେବୃଆରୀ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ପାଗ ଅନୁକୂଳ ରହିଲେ ଏହାକୁ ଆଗକୁ ବର୍ଦ୍ଧିତ କରାଯିବ ବୋଲି କହିଛନ୍ତି ପର୍ଯ୍ୟଟନ ସହନିର୍ଦ୍ଦେଶକ ଦଳେଇ। ଏଠାରେ ମୋଟ୍ ୨୫ଟି ଶୀତତାପ ନିୟନ୍ତ୍ରିତ ବିଳାସପୂର୍ଣ୍ଣ ଦୁଇ ଶଯ୍ୟା ବିଶିଷ୍ଟ ପ୍ରମିୟର କଟେଜ୍ ରହିଛି। ଏଠାରେ ଚେକଆଉଟ୍ ଅବଧି ୨୪ ଘଣ୍ଟା ରହଛି। ଗୋଟିଏ ଦିନ ଦୁଇଜଣ ବୟସ୍କଙ୍କ ସହିତ ୮ ବର୍ଷରୁ କମ୍ ଶିଶୁଙ୍କ ପାଇଁ ପ୍ରତି କଟେଜ୍‌ରେ ରହଣୀର ଦିନିକିଆ ପ୍ୟାକେଜ୍ ଧାର୍ଯ୍ୟ ହୋଇଛି। ପ୍ରତି ଦିନିକିଆ ପ୍ୟାକେଜ୍‌ର ମୂଲ୍ୟ ୬୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିରେ ପର୍ଯ୍ୟଟକଙ୍କ ପାଇଁ ପଞ୍ଚତାରକା ହୋଟେଲର ରହଣୀ ସୁବିଧା, ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ, ଅପରାହ୍ନ ଚା' ଓ ସ୍ନାକ୍ ସହିତି ରାତ୍ରି ଭୋଜନ ଆଦିରେ ଉଭୟ ପାରମ୍ପରିକ ଓ କଣ୍ଟିନେଣ୍ଟାଲ ଖାଦ୍ୟ, ପାନୀୟ ପରଶା ଯିବ। ଏହାସହିତ ପର୍ଯ୍ୟଟକମାନେ ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର ଓ ବକ୍ରମନ୍ଦିର ହୁମା ମନ୍ଦିର ଭ୍ରମଣର ସୁଯୋଗ ପାଇବେ। ସେହିପରି ଦୁଇଦିନିଆ ପ୍ୟାକେଜ୍‌ରେ ପର୍ଯ୍ୟଟକଙ୍କୁ ବିଶ୍ୱ ପ୍ରସିଦ୍ଧ ହୀରାକୁଦ ଜଳଭଣ୍ଡର, ଏହାର ଉଭୟ ପଟେ ଗାନ୍ଧୀମିନାର ଓ ଜବାହାର ମିନାର ଓ ପାର୍କ ସହିତ ଡେବ୍ରିଗଡ଼ ଅଭୟାରଣ୍ୟକୁ ଅତିରିକ୍ତ ଭ୍ରମଣର ସୁଯୋଗ ମିଳିବ। ଏଥିପାଇଁ ପର୍ଯ୍ୟଟକଙ୍କୁ କୌଣସି ଅରିତିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ପାରମ୍ପରିକ ନୃତ୍ୟ ଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା, ଦୁଃସାହସିକ ଜଳକ୍ରୀଡ଼ା, ହୀରାକୁଦ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ନୀଳ ଜଳରାଶିରେ ନୌକା ବିହାରର ବ୍ୟବସ୍ଥା ମଧ୍ୟ ରହିଛି।



ପର୍ଯ୍ୟଟକଙ୍କ ରହଣି ପାଇଁ ଇକୋ-ରିଟ୍ରିଟ୍‌ରେ ଥିବା ବିଳାସପୂର୍ଣ୍ଣ କଟେଜ୍।

## ସଂକ୍ଷେପରେ

### ଧାନ ଅମଳ ଆରମ୍ଭରୁ ଦଲାଲ ସକ୍ରିୟ

ରିଷିଡ଼ା,୧୪।୧୧ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହୋଇଥିଲା। ଚାଷକାର୍ଯ୍ୟ ବିଳମ୍ବ ସତ୍ତ୍ୱେ ଧାନ ଫସଲ ଆଖିଦୃଶିଆ ହୋଇଛି। ବର୍ତ୍ତମାନ ବ୍ଲକ ଅଞ୍ଚଳରେ ସଅଳ କିସମର ଧାନ ଅମଳ ହେବାକୁ ଲାଗିଲାଣି। ଏହାକୁ ଆଖି ଆଗରେ ରଖି ଅସାଧୁ ବ୍ୟବସାୟୀ ସକ୍ରିୟ ହୋଇଉଠିଛନ୍ତି। ସେମାନେ ଚାଷୀମାନଙ୍କଠାରୁ କୁଇଣ୍ଟାଲ ପ୍ରତି ୧୭ଶହ ଟଙ୍କାରେ କ୍ରୟ କରୁଥିବା ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ସାଧାରଣ ଧାନ କୁଇଣ୍ଟାଲ ୩୧୬୯ ଟଙ୍କା ଓ ଗ୍ରେଡ୍ ଏ ଧାନ ୩୧୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ଏପରିସ୍ଥଳେ ଅଧିକ ଲାଭ ଆଶାରେ ବ୍ୟବସାୟୀମାନେ ଗାଁ ଗାଁ ବୁଲି ଧାନ କିଣି ଘରମାନଙ୍କରେ ଗଚ୍ଛିତ ରଖିଥିବା ଅଭିଯୋଗ ହୋଇଛି। ମଣ୍ଡି ଖୋଲିବା ଯେତେ ବିଳମ୍ବ ହେବ ବ୍ୟବସାୟୀମାନେ କମ୍ ମୂଲ୍ୟରେ ଧାନ କିଣି ସେତିକି ମୁନାଫା କମାଇବେ ବୋଲି କୁହାଯାଉଛି। ବିଭାଗ ପକ୍ଷରୁ ଦୃଷ୍ଟି ଦିଆ ନ ଗଲେ ଛୋଟ ଚାଷୀମାନେ ଧାନ ଅଭାବୀ ବିକ୍ରିର ଶିକାର ହେବେ ଏଥିରେ ସନ୍ଦେହ ନାହିଁ।

### ସୁରଭି ୨୦୨୫ରେ ଟ୍ୱିଙ୍କିଲଙ୍କ କୃତିତ୍ୱ

ରିଷିଡ଼ା, ୧୫।୧୧(ସୁଶାନ୍ତ ମଲ୍ଲିକ): କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଗାନ୍ଧୀ ନଗରପଡ଼ା ଗ୍ରାମର ଟ୍ୱିଙ୍କିଲ ସୁନା ସୁରଭି ୨୦୨୫ କାର୍ଯ୍ୟକ୍ରମରେ ଜିଲାରେ ପ୍ରଥମ ଓ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଗଭୀର ସୁନା ଓ ଗୀତା ସୁନାଙ୍କ ସୁପୁତ୍ରୀ ଟ୍ୱିଙ୍କିଲ ରିଷିଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ତାଙ୍କର ଏହି ସଫଳତାରେ ସଚ୍ଚିଦାନନ୍ଦ ନାଏକ, ଗଭୀର ସୁନା, ପ୍ରଭାକର କୁମାର, ରମାକାନ୍ତ ସୁନା, ଶିକ୍ଷକ ବେଲାର ପୁଟେଲଙ୍କ ସମେତ ମହିଳା ମଣ୍ଡଳ ସଭ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସମସ୍ୟାଘେରରେ ଖରିଆର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

### ୧୫ ସ୍ଥାନରେ ଅଛନ୍ତି ୯ ଡାକ୍ତର

ନୂଆପଡ଼ା,୧୫।୧୧ (ମକାରୁ ବେମାଲ)


ଖରିଆର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ନୂଆପଡ଼ା ଜିଲା ଖରିଆର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାଘେରରେ ରହିଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖରିଆର ରୋଡ୍ ସମେତ ଆଖପାଖ ପ୍ରାୟ ୩୦ ଗାଁର ଲୋକେ ନିର୍ଭର କରନ୍ତି। ସୀମାନ୍ତ ଅଞ୍ଚଳରେ ରହିଥିବାରୁ ଛତିଶଗଡ ରାଜ୍ୟର ଲୋକେ ମଧ୍ୟ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ଏଠାରେ ଆବଶ୍ୟକ ଡାକ୍ତର ନାହାନ୍ତି। ୧୫ ଜଣ ସ୍ଥାନରେ ଅଛନ୍ତି ମାତ୍ର ୯ ଜଣ। ମେଡିସିନ ବିଶେଷଜ୍ଞ ଓ ଶଲ୍ୟ ଚିକିତ୍ସକ ସହ ଅନ୍ୟ ବିଭାଗର ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ ଦେଖିବା ସମୟ ଓ କେଉଁ ଡାକ୍ତର କେଉଁ ସମୟରେ ରହୁଛନ୍ତି ତାହାର ସାରିଣୀ ଟଙ୍ଗା ନ ଯିବାରୁ ରୋଗୀ ହଇରାଣ ହେଉଛନ୍ତି। ଡାକ୍ତରଖାନା କୋଠା ବହୁ ପୁରୁଣା ହୋଇଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ଷା ଦିନରେ ଛାତରୁ ପାଣି ଗଳିବା ସହ ସିମେଣ୍ଟ ଅତଡା ଖସି ତଳେ ପଡୁଛି। ସହରରେ ଅଟୋ କିମ୍ବା ବାଇକ୍ ଷ୍ଟାଣ୍ଡ ପାଇଁ ଜାଗା ନ ଥିବାରୁ ଡାକ୍ତରଖାନା ପରିସରରେ ରଖୁଛନ୍ତି। ଫଳରେ ରୋଗୀଙ୍କୁ ଆଣୁଥିବା ଆମ୍ବୁଲାନ୍ସ କିମ୍ବା ଅନ୍ୟ ବେସରକାରୀ ଗାଡି ପାର୍କିଂ କରିବାରେ ଅସୁବିଧା ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନିୟମିତ ସଫା କରାଯାଉ ନ ଥିବାରୁ କୁଢକୁଢ ଆବର୍ଜନା ପଡି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ୭୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହୋଇଥିବାରୁ ନୂତନ କୋଠା ପାଇଁ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ପୂର୍ବ ସରକାର ଅର୍ଥ ମଞ୍ଜୁର କରି ଗୋତମା ଏୟାରଷ୍ଟ୍ରିପ ପଡିଆଠାରେ ଦୁଇ ମହଲା ବିଶିଷ୍ଟ କୋଠା ନିର୍ମାଣ ହୋଇଛି। ହେଲେ କୋଠାକୁ ଯିବା ପାଇଁ ରାସ୍ତା ନ ଥିବାରୁ ଏହା ଉଦ୍‌ଘାଟନ ନ ହୋଇ ଭୂତ କୋଠିରେ ପରିଣତ ହେବାକୁ ଯାଉଛି। ନୂତନ କୋଠାକୁ ଶୀଘ୍ର ସ୍ଥାନାନ୍ତର କରି ସେଠାରେ ରୋଗୀସେବା ବ୍ୟବସ୍ଥା କରାଯାଉ ବୋଲି ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଡାକ୍ତରଖାନା ଇନ୍‌ଚାର୍ଜ ଡା. ବୀରେନ୍ଦ୍ର କୁମାର ବାଗଙ୍କୁ ପଚାରିବାରୁ ଏଠାରେ ବିଶେଷଜ୍ଞ ଡାକ୍ତର ସହ ଆବଶ୍ୟକ ଡାକ୍ତର କିମ୍ବା ଅନ୍ୟ କର୍ମଚାରୀ ଅଭାବ ରହିଛି। ୧୫ ଜଣ ସ୍ଥାନରେ ୯ ଜଣ ଡାକ୍ତର ଅଛୁ। ପ୍ରତିଦିନ ଦୁଇରୁ ତିନି ଜଣ ଡାକ୍ତରକୁ ଟ୍ରେନିଂ ପଡେ। ସଫେଇ କର୍ମଚାରୀ ଅଭାବ ଯୋଗୁ ସଫେଇ କାର୍ଯ୍ୟ ମଧ୍ୟ ସୁଚାରୁରୂପେ ହୋଇପାରୁ ନାହିଁ। ଏହିସବୁ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବୁ ବୋଲି କହିଥିଲେ।

# ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ



ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲରେ ଶନିବାର ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଯୋଗଦେଇ ବୀର ଶହୀଦମାନଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭାରତୀୟ ଜନଜାତୀୟ ବୀର ସଂଗ୍ରାମୀଭଗବାନ ବିର୍ସା ମୁଣ୍ଡା, ଶହୀଦ ଲକ୍ଷ୍ମଣ ନାୟକ, ଶହୀଦ ବୀର ସୁରେନ୍ଦ୍ର ସାଏ, ଶହୀଦ ରେଣ୍ଡୋ ମାଝୀଙ୍କ ଅବଦାନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ମା' ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନ୍ନା, ସାଂସଦ ପ୍ରତିନିଧି ଜୟଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜନଜାତୀୟ ଗୌରବ ଦିବସ ଅବସରରେ ଲାଞ୍ଜିଗଡ଼ର ପିଏମ 'ଜନମନ' ଅନ୍ତର୍ଗତ ୬ଟି ବହୁମୁଖୀ କେନ୍ଦ୍ରର ଲୋକାର୍ପଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୦ଟି ରାସ୍ତା ଓ ୨ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ହୋଇଥିଲା।

# ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ସିନାପାଲି/ବୋଡ଼େନ,୧୫।୧୧ (ମନଫୁଲ ମେହେର/ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ମହୁଲପଡ଼ା ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କମଳ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅଭିଭାବକ-ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ଉପଲକ୍ଷେ ଜନଜାତି ଗୌରବ ଦିବସ ମଧ୍ୟ ପାଳିତ ହୋଇଯାଇଛି। ବୋଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର ମୁଖ୍ୟ ଅତିଥି, ମହୁଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜିତେନ୍ଦ୍ର ହଂସ ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ବସନ୍ତ ମାଝୀ, ସିଆର୍‌ସିସି ମଧୁସୂଦନ ମାଝୀ, ମହୁଲପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରହରି ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶହୀଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣକରି ଅତିଥିମାନେ ଆମେ କେଉଁ ବିଷୟରେ ଯତ୍ନବାନ୍ ହେଲେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ତଥା ସର୍ବାଙ୍ଗୀନ ବିକାଶ ହୋଇପାରିବ ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଡିସମ୍ବର ମେହେର କାର୍ଯ୍ୟକ୍ରମ ସୁପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ମୋନାଲିସା ପତି ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ଶିଶୁ ଦିବସ

ଜୟପାଟଣା,୧୫।୧୧(ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଭାକର ଦାସ, ମୁଖ୍ୟ ପ୍ରବନ୍ଧକ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜୟପାଟଣା ଶାଖା, ବିଦ୍ୟାଳୟ ସଭାପତିଉମାଶଙ୍କର ଦୀପ, ମାରୁତି କମ୍ପାନୀର ରାଜାରାମ ଧଙ୍ଗଡ଼ାମାଝି, ସବ୍ୟସାଚୀ କରୁନ, ପ୍ରମୋଦ ମାଝୀ, ମୀନା ମଞ୍ଚ ଅଧ୍ୟକ୍ଷ ମମତାଜ ରାଣୀ, ଉପାଧ୍ୟକ୍ଷ ଥବିର ପୂଜାରୀ, ଶିକ୍ଷକ କୋଟେଶ୍ୱର ରାଓ, ଶଶି ଭୂଷଣ ଦଳପତି, ଶିକ୍ଷୟିତ୍ରୀ ଉପମା ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିଶୁ ହସିଲେ ଦେଶ ହସିବ ମର୍ମରେ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସୁରଭିରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସହାୟତାର ହାତ ବଢ଼ାଇଲା ଟ୍ରକ୍ ୟୁନିୟନ

ଲାଞ୍ଜିଗଡ଼, ୧୫।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବନାଞ୍ଚଳ ବିଜେପୁର ଥାନା ତ୍ରିଲୋଚନପୁର ପଞ୍ଚାୟତର ହରଡାଗୁଡା ଗ୍ରାମରେ ହାତୀ ଆକ୍ରମଣରେ ଶିଶୁ ମୃତ୍ୟୁ ଘଟଣାରେ ସହାୟତାର ହାତ ବଢାଇଛି ମା' ଭୈରବୀ ଟ୍ରକ ୟୁନିଅନ। ସୂଚନାନୁସାରେ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ କୁନାକାଡୁ ଗାଁର କାଣ୍ଡୁ ମାଝୀ କିଛି ବର୍ଷ ପୂର୍ବରୁ ନିକଟସ୍ଥ ହରଡାଗୁଡ଼ା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଜାଗାରେ ଘର କରି ସ୍ତ୍ରୀ ଓ ତିନିପୁଅ ସହ ରହୁଥିଲେ। ଗତ ସୋମବାର କାଣ୍ଡୁ ଓ ତାଙ୍କ ସ୍ତ୍ରୀ ଚାଷଜମିକୁ ଯାଉଥିବାବେଳେ ଦୁଇପୁଅ ମଧ୍ୟ କିଛି ସମୟ ପରେ ତାଙ୍କ ପଛେ ପଛେ ଯାଉଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସାନଭାଇ ରବି ମାଝୀ (୫)ର ମୃତ୍ୟୁ ହୋଇଥିବା ବେଳେ ବଡଭାଇ ସାମ୍ବରୁ ମାଝୀ (୮) ଗୁରୁତର ହୋଇଥିଲେ। ପାଟି ଶୁଣି ପରିବାର ଓ ଗାଁ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। ଶିଶୁ ପୁତ୍ରକୁ ହରାଇ ମା'ବାପାଙ୍କ ଆଖିରୁ ଲୁହ ଶୁଖୁନାହିଁ। ଏହି ପରିପ୍ରେକ୍ଷୀରେ ଗୁରୁବାର ମା' ଭୈରବୀ ଟ୍ରକ ୟୁନିଅନ ସଭାପତି ଚନ୍ଦ୍ର ଶେଖର ବେହେରା, ଉପସଭାପତି ବଟକୃଷ୍ଣ ପୃଷ୍ଟି, ସମ୍ପାଦକ ଆୟୁ ଖାଁନ, ସମାଜସେବୀ ଶ୍ରୀଧର ପେସନିଆ, ମୀନକେତନ ଷଡଙ୍ଗୀ ପ୍ରମୁଖ ହରଡ଼ାଗୁଡା ଗାଁରେ ପହଞ୍ଚି ମୃତ ଶିଶୁଙ୍କ ମା'ବାପାଙ୍କୁ ସମବେଦନା ଜଣାଇବା ସହିତ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ମନ୍ଦିରରୁ ଚୋରି ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

ଖଡ଼ିଆଳ,୧୪।୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ସହରର ରାମସ୍ୱାମୀ ମନ୍ଦିରରୁ ସୁନା ଓ ରୁପା ସାମଗ୍ରୀ ଚୋରି ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଡ଼ିଆଳ ଜେଏମ୍‌ଏଫ୍‌ସି ପକ୍ଷରୁ ୩ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ ୨୦୨୩ ଫେବୃଆରୀ ୪ରେ ଖଡ଼ିଆଳ ରାମସ୍ୱାମୀ ମନ୍ଦିରରୁ ୬ଗୋଟି ରୁପା ମୁକୁଟ, ଗୋଟିଏ ରୁପା ବଂଶୀ, ସୁନା ନଥ ଚୋରି ହୋଇଥିଲା। ଏ ନେଇ ମନ୍ଦିର କମିଟି ସଦସ୍ୟ ସୁଧୀର ପଟ୍ଟନାୟକ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାବେଳେ ଖଡ଼ିଆଳ ସହର ୭ନଂ. ୱାର୍ଡ ଲାଲସାହେବ ପଡ଼ାର କୁରେ ଭୋଇ ନାମକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କଠାରୁ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ସହ ସେ ବ୍ୟବହାର କରିଥିବା ମୋଟରସାଇକେଲ (ଓ୦୩ଡି-୬୫୫୭) ଜବତ ହୋଇଥିଲା।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା


ଅତିଥିମାନେ ଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

କୋକସରା,୧୫।୧୧ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡିଠାରେ ଶନିବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ପ୍ରସନ୍ନ ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ମେଳାରେ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ରୂପେ ଭାଜପା ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର ଯୋଗଦେଇଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟର ମଧୁସୁଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଦୁର୍ଗା ପ୍ରସାଦ ପ୍ରଧାନୀ, କଳାହାଣ୍ଡି ସହକାରୀ ମତ୍ସ୍ୟ ଅଧିକାରିଣୀ ପ୍ରଶାନ୍ତି ନାଏକ, ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସଫଳ ଚାଷୀ ଓ ଉଦ୍ୟୋଗୀ ମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କ୍ରମରେ ବିଭାଗ ପକ୍ଷରୁ ମତ୍ସ୍ୟ, କୁକୁଡା ଓ ବତକ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳା ପରିସରରେ ପ୍ରାଣୀ ସମ୍ପଦ, ମତ୍ସ୍ୟ, ଉଦ୍ୟାନ କୃଷି ଓ କୃଷି ବିଭାଗ, ମିଶନ ଶକ୍ତି ଆଦି ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ମଞ୍ଚକୁ ବୈକୁଣ୍ଠ ଜାଲ ସଂଯୋଜନା କରିଥିବାବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶିଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଜାତୀୟ ଗୌରବ ଦିବସ ପାଳିତ

ଲାଞ୍ଜିଗଡ଼, ୧୫।୧୧(ରମେଶଚନ୍ଦ୍ର ନାୟକ)–

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ଶନିବାର ପାଳିତ ହୋଇଯାଇଛି। ସହଭାଗୀ ଭାବେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ବେଣୁପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସଞ୍ଜୁ ମାଝୀ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଛାତ୍ରମାନେ କିପରି ରହୁଛନ୍ତି, କିପରି ଗୁଣାତ୍ମକ ମାନର ଖାଦ୍ୟ ଖାଉଛନ୍ତି ଏବଂ ସେମାନଙ୍କ ପାଠପଢା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ ଡ. ମାନସ ରଞ୍ଜନ ରଥ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଲାଞ୍ଜିଗଡ ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟ ପରିସରରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ହରି ମାଝୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଏବିଇଓ ଭାରତ ଭୂଷଣ ସାହୁ ଓ ଲାଞ୍ଜିଗଡ କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସହଶିକ୍ଷକ ପଦ୍ମନ ମାଝୀ ମଞ୍ଚ ପରିଚାଳନା କରିଥିଲେ।

**MISSING**

ପ୍ରାପ୍ତେଷୁ,
**ପଞ୍ଚାନନ ଦେହୁରୀ,**
ବୟସ: ୪୫, ପିତା: ଖାଡ଼ି ଦେହୁରୀ, ଗ୍ରା: କାନପୁର, ପୋ/ଥା.: ବୀରମହାରାଜପୁର, ଜିଲ୍ଲା: ସୁବର୍ଣ୍ଣପୁର।
**ପ୍ରିୟ ଭାଇ,**
ତୁମେ ଦୀର୍ଘ ୨୫ବର୍ଷରୁ ଅଧିକ ହେବ କେଉଁଆଡ଼େ ଚାଲିଯାଇଅଛ ଯେ ଏ ପର୍ଯ୍ୟନ୍ତ ଘରକୁ ଫେରିଲ ନାହିଁ। ତୁମ୍ଭ ବିନା ଘରର ସମସ୍ତେ ମନଦୁଃଖରେ ତୁମ୍ଭର ଆସିବା ବାଟକୁ ଅନାଇ ରହିଛୁ। ଏଣୁ ତୁମେ ଯେଉଁଠି ବି ଥାଅ, ଏହି ସମ୍ବାଦ ପାଇବା ମାତ୍ରେ ୭ଦିନ ମଧ୍ୟରେ ଘରକୁ ଫେରିବ ବୋଲି ଆଶା। ଅନ୍ୟଥା ଆଇନ ଅନୁଯାୟୀ ବିଧି କାର୍ଯ୍ୟ କରିବାକୁ ବାଧ୍ୟ ହେବୁ।
॥ ଇତି ॥
ସହୋଦର ଭାଇ – ହରି ଦେହୁରୀ
ଗ୍ରାମ: କାନପୁର, ତା: ୦୮।୧୧।୨୦୨୫

No.B-694

## OFFICE OF THE SUPERINTENDING ENGINEER
### CUTTACK (R&B) DIVISION NO.I : CUTTACK

E-Mail I.D. - eepwdcuttack@gmail.com, Tel./Fax No.(0671)-2304128
**GOVERNMENT OF ODISHA 'e' Procurement Notice**
**e-procurement Notice for Building (E.I.) works**
**Bid Identification No. S.E. CTC(R&B)- 51 of 2025-26**

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.

1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal **"https:// tendersodisha.gov.in**

OIPR-
**Sd./- Superintending Engineer, Cuttack (R&B) Division No.I**

No.T-103

## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

***********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-

No.O-1442

## GOVERNMENT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION, KENDRAPARA

(eerw_kpd@yahoo.com)
1st Corrigendum to
**Tender call Notice No - Tender Online RWD/KPD - 10 of 2025-26, Dated : 30.10.2025**

Due to unavoidable circumstances the change as detailed below are hereby made in the above NIT.

1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

OIPR-
Sd./- Executive Engineer
Rural Works Division, Kendrapara

ବିଜ୍ଞାପନ

No. RR-27

## ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
**Email:gkcmorc@gmail.com, Website: gkcmorc.org**

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ। ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ। ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ। (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ। (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ। (୪) ଶିକ୍ଷାର୍ଥୀମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

**ବିଶେଷ ଦ୍ରଷ୍ଟବ୍ୟ :** ଏହି ପାଠ୍ୟକ୍ରମ ୨୦୨୬ ଜାନୁଆରୀ ମାସରୁ ଆରମ୍ଭ କରାଯିବ। ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ।

OIPR:
ମୁଖ୍ୟ ନିର୍ବାହୀ

## GOVERNMENT OF ODISHA
### OFFICE OF THE EXECUTIVE ENGINEER, P.H. DIVISION, BALASORE

Phone : 9438660004, e-mail : eephbls@gmail.com
**NATIONAL COMPETITIVE BIDDING THROUGH e-Procurement (Online Mode)**
**Invitation for Bids (IFB) dt.12.11.2025**

**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-
**Sd./- Superintending Engineer, P.H.Division, Balasore**

## OFFICE OF THE SUPERINTENDING ENGINEER
### RWS&S DIVISION, JAGATSINGHPUR

Tel. No. 06724-223485, mail - rwssjspur@gmail.com
**e-Procurement Notice**
**Bid Identification No. 35 of 2025-26**

**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

OIPR-
**Sd./- Executive Engineer**
**RWS&S Divn., Jagatsinghpur**

No.O-1423

## OFFICE OF THE CHIEF CONSTRUCTION ENGINEER
### RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Weir on Bridge Work**
**Identification No.- Online Tender- Weir on Bridge N.C.B. No.398 for 2025-26.**
**Letter No.5167/Date 11.11.2025//**

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

- **Further details can be seen from the website: www.tendersorissa.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-
**Sd./- Er. A.K Naik**
**Chief Construction Engineer,**
**R.W. Circle, Baripada**

See Career Appointment on every Wednesday & Saturday

# ଗୌରଚନ୍ଦ୍ର ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ

ସୋନପୁର,୧୫ା୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପାଲି ଗ୍ରାମର ଗୌରଚନ୍ଦ୍ର ପରିଛା ଏକାଧାରରେ ଜଣେ ବାଗ୍ମୀ, ଖବରଦାତା, ପ୍ରବକ୍ତା, ଆୟୁର୍ବେଦ ଚିକିତ୍ସକ ଓ ସାହିତ୍ୟିକ ଥିଲେ। ପୁରାଣ, ଭାଗବତ ଉପରେ ତାଙ୍କର ପାଣ୍ଡିତ୍ୟ ଥିଲା ବୋଲି ଶନିବାର ଅଲ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସ୍ୱର୍ଗତ ଗୌରଚନ୍ଦ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋନପୁର ବ୍ଲକ ସଭା ଗୃହଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ମତପ୍ରକାଶ ପାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ଯୋଗଦାନ କରିଥିଲେ। ସ୍ୱର୍ଗତ ପରିଛା ଦୀର୍ଘ ବର୍ଷ ଧରି ଖବରଦତା ଭାବେ କାମ କରିଛନ୍ତି। ଅଗ୍ରଣୀ ଭାବେ ଧରିତ୍ରୀ ଖବରଦାତା ଭାବେ ଅଞ୍ଚଳର ସମସ୍ୟାକୁ ଲୋକଲୋଚନକୁ ଆଣି ତାର ସମାଧାନ ପାଇଁଚେଷ୍ଟା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଆଇଡ୍ରାଣ ବାବୁ, ପର୍ଶୁରାମ ମିଶ୍ର, ସାମାଜିକ କର୍ମୀ ଶ୍ରୀବସ ମଲ୍ଲିକ, ଆଇନଜୀବୀ ପ୍ରଦୀପ ପୁରୋହିତ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ପରିଛାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସ୍ୱର୍ଗୀୟ ଅମର ଆତ୍ମାର ଶାନ୍ତି ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ଜିଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଦିଲ୍ଲୀପ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବେଣୁଧର ପ୍ରଧାନ, ରାଜକିଶୋର ତ୍ରିପାଠୀ ଓ ମହାଦେବ ମଲ୍ଲିକ ଶ୍ରଦ୍ଧାଞ୍ଜଳି ଜଣାଇ ଗୌରଚନ୍ଦ୍ର ଅଞ୍ଚଳର ହିତ ଓ ସମାଜ ପାଇଁ ସମର୍ପିତ ଥିଲେ ବୋଲି ମତ ରଖିଥିଲେ। ଶେଷରେ ଶାନ୍ତି ପାଠ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା।


ଶୋକସଭାରେ ଉପସ୍ଥିତ ଅତିଥି, ବରିଷ୍ଠ ନାଗରିକ ଓ ଖବରଦାତାମାନେ।

# ଯୁବକଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

ବୀରମହାରାଜପୁର,୧୫ା୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସୋନପୁର ରାସ୍ତା ରଥପୁର ଛକ ନିକଟରେ ଥିବା ଗୁଲୁଣ୍ଡିବନ୍ଧ ହିଡରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ ଭଜକଲପୁର ଗାଁର ରାକେଶ ବେରିହା (୨୪)। ସେ ଜଣେ ଟ୍ରାକ୍ଟର ଡ୍ରାଇଭର ଥିଲେ। କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି, କାରଣ ଅସ୍ପଷ୍ଟ ରହିଛି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ସକାଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ବୀରମହାରାଜପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକେ ରବିବାର ବ୍ୟବଚ୍ଛେଦ କରିବା ପାଇଁ କହିବାରୁ ବ୍ୟବଚ୍ଛେଦ ହୋଇନାହିଁ। ଏନେଇ ମୃତକ ରାକେଶଙ୍କ ମା' ସନ୍ତୋଷିନୀ ବୀରମହାରାଜପୁର ଥାନାରେ ଏକ ଲିଖିତ ଅଭିଯୋଗ କରି ତାଙ୍କ ପୁଅକୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏଣୁ ହତ୍ୟାକାରୀମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋରଦଣ୍ଡରେ ଦଣ୍ଡିତ କରିବାକୁ ସେ ଦାବି କରିଛନ୍ତି। ସନ୍ତୋଷିନୀଙ୍କ ଲିଖିତ ଅଭିଯୋଗ କ୍ରମେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୨୩୭/୨୦୨୫) ରୁଜୁ ହୋଇଛି। ଏସ୍‌ଆଇ ସୀତା ସେଠୀ ଅଧିକ ତଦନ୍ତ ଚଳାଇଛନ୍ତି।


ମୃତକ ରାକେଶ ବେରିହା।

# ଆଦିବାସୀ ଏକଜୁଟ ହେଲେ ସମାଜର ଉନ୍ନତି ହେବ

## ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

ଡୁଙ୍ଗୁରିପାଲି,୧୫ା୧୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଆର୍‌ଏମ୍‌ସି ପରିସରରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶନିବାର ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାର ୬ଟି ବ୍ଲକର ଆଦିବାସୀ ସମ୍ପ୍ରଦାୟ ମହିଳା ଓ ପୁରୁଷ କର୍ମକର୍ତ୍ତା ନେତୃବୃନ୍ଦ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ଡୁଙ୍ଗୁରିପାଲି ସହର ପରିକ୍ରମା କରି ବିର୍ସା ମୁଣ୍ଡାଙ୍କ ସ୍ଲୋଗାନ ଦେଇ ଡୁଙ୍ଗୁରିପାଲି ବ୍ଲକରେ ପହଞ୍ଚିଥିଲେ। ସେଠାରେ ବିଡିଓ ଦିଲୀପ କୁମାର ବାଡାଙ୍କୁ ଏକ ସ୍ମାରକପାତ୍ର ଦେଇ ଆର୍‌ଏମ୍‌ସି ପରିସରରେ ପହଞ୍ଚିଥିଲେ। ଆର୍‌ଏମ୍‌ସି ପରିସରରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଡୁଙ୍ଗୁରିପାଲି ଶାଖା ବ୍ଲକ ସଭାପତି ସୁରେଶ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୁଗେନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ଲମ୍ବୋଧର ଧରୁଆ, କୋଷାଧକ୍ଷ ରୋହିତ କୁଅର, ଜିଲା ଆଦିବାସୀ ମହିଳା ସଭାନେତ୍ରୀ ସସ୍ମିତା ମଲ୍ଲିକ, ସହ ସଭାନେତ୍ରୀ ସରସ୍ୱତୀ ଧନୁଅର, ସମ୍ପାଦିକା ପଦ୍ମାଳୟା ଭୁଏ, ତରଭା ବ୍ଲକ ସଭାପତି ବଳଭଦ୍ର କୁଅର, ସୋନପୁର ବ୍ଲକ ସାହେବ ଭୋଇ,ଉଲୁଣ୍ଡା ବ୍ଲକ ନନ୍ଦନ ବାରିକ, ବିଏମପୁର ବ୍ଲକ ଯୁଗେନ୍ଦ୍ର ମିର୍ଦ୍ଧା, ବିନିକା ବ୍ଲକ ଭାଗିରଥି ମାରପାଚି, ସୋନପୁର ଏନଏସିର ଭାଗିରଥି ମୁଣ୍ଡା, ବିନିକାର ବିରଞ୍ଚି କୁଅର, ତରଭା ସମ୍ପାଦକ କର୍ପୁରଚନ ଭୋଇ, ସୋନପୁର ବ୍ଲକ ଶୁକଦେବ ମଲ୍ଲିକ, ବିଏମପୁର ପ୍ରମୋଦ ଭୋଇ, ମୁକୁନ୍ଦ ଧରୁଆ, ଡୁଙ୍ଗୁରିପାଲି ବ୍ଲକ ପୂର୍ବତନ ବ୍ଲକ ସଭାପତି ସ୍ୟାମସୁନ୍ଦର ଭୋଇ, ଜିଲା ସଂଯୋଜକ ଅବଧୂତ ଆଡ଼ବାଙ୍କ, ଡୁଙ୍ଗୁରିପାଲି ବ୍ଲକ କୋଷାଧକ୍ଷ ସୁରେନ୍ଦ୍ର କୁଅର, ସୋନପୁର ତେଜରାଜ ଧରୁଆ, ସିଆଲ ବାହାଲି ଗ୍ରାମର ମୁରଲୀଧର ଭୁଏ, ମିଡ଼ିଆ ସେଲ ସାଧବ କୁଅର ଯୋଗଦେଇଥିଲେ। ସଭାକାର୍ଯ୍ୟ ବ୍ଲକ ସମ୍ପାଦକ ବିରଞ୍ଚି ବରିହା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବିଡିଓ ଦିଲୀପ କୁମାର ବାଡା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ବୀରତ୍ୱ ଗାନ କରିବା ସହ ଆଦିବାସୀ ସମ୍ପ୍ରଦାୟ ଲୋକମାନେ ନିଜ ଜାତିର ପାରମ୍ପରିକ ଚଳଣିନୀତି, କଳା ସାଂସ୍କୃତିକ, ନାଚଗୀତ ବଜାୟ ରଖିବା ଏବଂ ଆଦିବାସୀ ସମାଜକୁ ଏକଜୁଟ ରଖି ପିଲାଙ୍କୁ ପାଠ ପଢ଼ାଇ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ବୁଝାଇଥିଲେ। ସନ୍ଧ୍ୟାରେ ସଭାରେ ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ଉଲୁଣ୍ଡାରୁ ଆସିଥିବା ଆଦିବାସୀ ମହିଳା ଓ ପୁରୁଷମାନେ ପରିବେଷଣ କରିଥିଲେ।



ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଗୋକୁଳାଷ୍ଟମୀ ମହୋତ୍ସବ ଉଦ୍‌ଯାପିତ

ବିନିକା,୧୫।୧୧ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା କଂସାରୀପଡା ଆନୁକୂଲ୍ୟରେ ହେଉଥିବା ଗୋକୁଳାଷ୍ଟମୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାରାଜ କଂସଙ୍କ ରାଜ ଦରବାରରେ ରାଜଅତିଥି ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନୀ ପଧାନ, ସି.ଇ.ଓ ଓରମାସ ସମୀର ନାଏକ, ଲେଖକ ଓ ସଭା ସଂସ୍କାରକ ଘାସିରାମ ପଣ୍ଡା, ବତିକୃଷ୍ଣ ପଣ୍ଡା ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ରାଜ ଦରବାରରେ ଶିକ୍ଷାବିତ ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ମନୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବରେ ବିଭିନ୍ନ ପ୍ରାନ୍ତରୁ ୧୫ଟି କଳାକାର ଗ୍ରୁପ ଯୋଗଦେଇ ନାଚଗୀତ କରି ଦର୍ଶକଙ୍କ ହୃଦୟ ଜିଣିଥିଲେ। ମଞ୍ଚରେ ବଟୁଲୀଳା ଓ ଅର୍ଘାସୁର ବଧ ପରିବେଷଣ ହୋଇଥିଲା। କମିଟି ସଭାପତି ମନୋଜ ଦାସ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ଉପଦେଷ୍ଟା ବ୍ରଜବିହାରୀ ମାହାଣା, ପ୍ରସନ୍ନ ଦାସ, ସୀତାରାମ ଦାସ, କୃଷ୍ଣଚନ୍ଦ୍ର ଦାସ, ସୂର୍ଯ୍ୟନାରାୟଣ ଦାସ, ଗଣ୍ଡରାମ ମାହାଣା ପ୍ରମୁଖଙ୍କ ସମେତ ସମସ୍ତ ପଡ଼ାବାସୀ ସହଯୋଗ କରିଥିଲେ ।


ବିନିକା ଗୋକୁଳାଷ୍ଟମୀ ମହୋତ୍ସବରେ କଳାକାରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ମାମଲା, ସ୍ୱାମୀ ନିର୍ଦ୍ଦୋଷ

ବୌଦ୍ଧ,୧୫ା୧୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଶନିବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ପୂର୍ଣ୍ଣ ପ୍ରଧାନ(୫୫)। ୨୨ବର୍ଷ ପୂର୍ବରୁ ଅନୁଗୋଳ ଜିଲା ଆଠମଲ୍ଲିକ୍ ଥାନା ଦେଉଳବେଡା ଗ୍ରାମର ଦୁଃଖୁ ବେହେରାଙ୍କ ଝିଅ କନକ ବେହେରାଙ୍କୁ ବୌଦ୍ଧ ଥାନା ଚନ୍ଦ୍ରପୁର ଗ୍ରାମର ପୂର୍ଣ୍ଣ ବିବାହ କରିଥିଲେ। ପ୍ରତିଦିନ ନିଶାସକ୍ତ ହେଲେ ପୂର୍ଣ୍ଣ ସ୍ତ୍ରୀଙ୍କ ସହିତ ଝଗଡ଼ା କରୁଥିଲେ।୨୦୨୩ ଜୁଲାଇ ୭ ତାରିଖରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ରାଗି ଯାଇ ପୂର୍ଣ୍ଣ ଏକ କୋଡିରେ କନକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ କନକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଦୁଃଖୁ ବୌଦ୍ଧ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏକ (ନଂ.୨୪୬/୨୩) ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ମହାରଣା ପରିଚାଳନା କରୁଥିଲେ।

# ଦଳିତ ସାହି ରାସ୍ତା ଅବରୋଧ, ଥାନାରେ ଅଭିଯୋଗ

ବାଉଁଶୁଣୀ,୧୫ା୧୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ହିଲୁଙ୍ଗ ଗ୍ରାମର କିଛି ସବର୍ଣ୍ଣ ଅଧିବାସୀ ପଥରିବନ୍ଧ ଦଳିତ ସାହିକୁ ଯାଇଥିବା ରାସ୍ତାରେ ଶନିବାର ଗଛ ପକାଇ ଅବରୋଧ କରିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଦଳିତ ସାହିର ୩୦ଟି ପରିବାର କେଉଁ ଆବହମାନ କାଳରୁ ଯାଉଥିବା ରାସ୍ତା ପାର୍ଶ୍ୱରେ ଗ୍ରାମର ସବର୍ଣ୍ଣ ଲୋକେ ଏକ ନୂତନ ମନ୍ଦିର ନିର୍ମାଣ କରିଛନ୍ତି। ମନ୍ଦିର ପାର୍ଶ୍ୱରେ ଦଳିତ ଲୋକଙ୍କ ଯାତାୟାତକୁ ବାରଣ ଉଦ୍ଦେଶ୍ୟରେ ସବର୍ଣ୍ଣମାନେ ଶନିବାର ଗଛ ପକାଇ ଉକ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ଦଳିତ ସାହିର ଜଣେ ରୋଗୀଙ୍କୁ ଡାକ୍ତରଖାନାକୁ ଆଣିବା ପାଇଁ ଯାଇଥିବା ୧୦୮ ଆମ୍ବୁଲାନ୍ସ ଅଟକି ରହିଥିଲା ଏବଂ ତାଙ୍କୁ ହାତରେ ଟେକି ଟେକି ଆମ୍ବୁଲାନ୍ସ ଅଟକି ରହିଥିବା ସ୍ଥାନ ପର୍ଯ୍ୟନ୍ତ ଅଣାଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମହୁମାଛି ଆକ୍ରମଣରେ ଜଣେ ଗୁରୁତର

ବାଉଁଶୁଣୀ,୧୫ା୧୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମପଞ୍ଚାୟତ ହିଲୁଙ୍ଗ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବ୍ୟକ୍ତି ଆକ୍ରମଣରେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ହିଲୁଙ୍ଗ ଗ୍ରାମର ବାବୁଲି ମେଘ ଲଟାବୁଦା ନିକଟକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ମହୁ ଫଣାରୁ ମହୁମାଛି ଆସି ଆକ୍ରମଣ କରିଥିଲେ। ସେ କୌଣସି ମତେ ଆସି ନିଜକୁ ରକ୍ଷା କରିଥିଲେ। ପରିବାର ଲୋକେ ତାଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବି


ରାସ୍ତା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

ବୌଦ୍ଧ,୧୫ା୧୧(ଅଜିତ କୁମାର ବାରିକ)

ବୌଦ୍ଧଜିଲା ଟିକରପଡା ପଞ୍ଚାୟତର ଗୁଡିଆଳି ଗ୍ରାମରୁ ଡୁଡୁଗୁଛା, ଇଛାପୁର ମୁଖ୍ୟ ରାସ୍ତାଟି ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ନିର୍ମାଣ ପାଇଁ ଶନିବାର ଗୁଡିଆଳି ସମେତ ଚାରିଖଣ୍ଡ ଗ୍ରାମର ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଏକ ମୁଖ୍ୟ ରାସ୍ତା। ଏହି ରାସ୍ତାଦେଇ ବିଦ୍ୟାଳୟ, ଡାକ୍ତରଖାନାକୁ ଯିବା ଆସିବା କରିବାକୁ ପଡ଼ିଥାଏ। କିନ୍ତୁ ବର୍ଷା ଦିନେ ଉକ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ, ଶୋଚନୀୟ ହୋଇପଡ଼େ। ଫଳରେ ଲୋକମାନଙ୍କୁ ବହୁ ହଇରାଣ ହେବାକୁ ପଡ଼ିଥାଏ। ତେବେ ତୁରନ୍ତ ରାସ୍ତା କାର୍ଯ୍ୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସେମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି।


## MISSING

ପ୍ରାପ୍ତେଷୁ,
ପଞ୍ଚାନନ ଦେହୁରୀ,
ବୟସ: ୪୫, ପିତା: ଖାଡ଼ି ଦେହୁରୀ, ଗ୍ରା: କାନପୁର, ପୋ/ଥା.: ବୀରମହାରାଜପୁର, ଜିଲ୍ଲା: ସୁବର୍ଣ୍ଣପୁର।

ପ୍ରିୟ ଭାଇ,
ତୁମେ ଦୀର୍ଘ ୨୫ବର୍ଷରୁ ଅଧିକ ହେବ କେଉଁଆଡ଼େ ଚାଲିଯାଇଅଛ ଯେ ଏ ପର୍ଯ୍ୟନ୍ତ ଘରକୁ ଫେରିଲ ନାହିଁ। ତୁମ୍ଭ ବିନା ଘରର ସମସ୍ତେ ମନଦୁଃଖରେ ତୁମ୍ଭର ଆସିବା ବାଟକୁ ଅନାଇ ରହିଛୁ। ଏଣୁ ତୁମେ ଯେଉଁଠି ବି ଥାଅ, ଏହି ସମ୍ବାଦ ପାଇବା ମାତ୍ରେ ୭ଦିନ ମଧ୍ୟରେ ଘରକୁ ଫେରିବ ବୋଲି ଆଶା। ଅନ୍ୟଥା ଆଇନ ଅନୁଯାୟୀ ବିଧି କାର୍ଯ୍ୟ କରିବାକୁ ବାଧ ହେବୁ।

॥ ଇତି ॥

ସହୋଦର ଭାଇ – ହରି ଦେହୁରୀ
ଗ୍ରାମ: କାନପୁର, ତା: ୦୮।୧୧।୨୦୨୫

## OFFICE OF THE SUPERINTENDING ENGINEER
### CUTTACK (R&B) DIVISION NO.I : CUTTACK

No.B-694

E-Mail I.D. - eepwdcuttack@gmail.com, Tel./Fax No.(0671)-2304128

GOVERNMENT OF ODISHA 'e' Procurement Notice
e-procurement Notice for Building (E.I.) works
Bid Identification No. S.E. CTC(R&B)- 51 of 2025-26

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building work (E.I) as mentioned below.

1. No. of the Work : **12 (Twelve) Nos. of E.I Works**
2. Date & time of availability of bid document in the portal : **From dt.18.11.2025 to 5 P.M. of dt.03.12.2025**
3. Last date / time of receipt of bids in the portal : **5 P.M. of dt.03.12.2025**
4. Date & time of opening of bids : **11 A.M. of dt.04.12.2025**
5. Name and address of the Officer Inviting Bid : **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal "**https://tendersodisha.gov.in**

OIPR-

Sd./- Superintending Engineer,
Cuttack (R&B) Division No.I

## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No.T-103

***********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.17.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-

## GOVERNMENT OF ODISHA
### OFFICE OF THE SUPERINTENDING ENGINEER
### RURAL WORKS DIVISION, KENDRAPARA

No.O-1442

(eerw_kpd@yahoo.com)
1st Corrigendum to
Tender call Notice No - Tender Online RWD/KPD - 10 of 2025-26, Dated : 30.10.2025

Due to unavoidable circumstances the change as detailed below are hereby made in the above NIT.

1. Decision to conduct Lottery- if required to decide the agency, transparent Lottery shall be coducted on dt 09.12.2025 at 11.00 A.M. respectively in Office Chamber of the undersigned.
2. Period of availability of tenders online / Date of time bidding online / Date of opening of tender papers : The details are as follows

| Procurement Officer | Place of opening | Availability of tender on line for bidding in online | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 19.11.2025 At 11:00 A.M. | Up to 5.00 P.M. on Dt.01.12.2025 | Up to 5:00 P.M. on 29.12.2025 | 02.12.2025 At 11:00 A.M. |

1. All other terms and conditions of the said Tender Call Notice shall remain unaltered.

Sd./- Executive Engineer
Rural Works Division, Kendrapara

OIPR-

## GOVERNMENT OF ODISHA
### OFFICE OF THE EXECUTIVE ENGINEER, P.H. DIVISION, BALASORE

Phone : 9438660004, e-mail : eephbls@gmail.com

NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.12.11.2025

**No.C-1477** : The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. In Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation Testing & Commissioning of DG Sets (CPCB IV + GEN set with AMF Pannel) with Movable Trolley including shed for Soro Town | SEPHBLS-28 dt.12.11.2025 | 47.58 | 02 (two) calendar month | 11:00 Hrs. of dt.18.11.2025 | 17:00 Hrs. of dt.03.12.2025 | 17:00 Hrs. of dt.28.11.2025 | 11:00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid : The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004**

OIPR-

Sd./- Superintending Engineer, P.H.Division, Balasore

## OFFICE OF THE CHIEF CONSTRUCTION ENGINEER
### RURAL WORKS CIRCLE, BARIPADA

No.O-1423

E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada

"e" Procurement Notice for Weir on Bridge Work
Identification No.- Online Tender- Weir on Bridge N.C.B. No.398 for 2025-26.
Letter No.5167/Date 11.11.2025//

1. Name of the work : Construction of Weir adjacent to Bridge in the District of Mayurbhanj, 2. Total No. of work : 04 Nos. (Four), 3. Estimated Cost : **Rs.100.45 Lakhs to Rs.127.61 Lakhs (approximately)**. 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.398 | Dt.17.11.2025 at 11.00 A.M. | Dt.01.12.2025 up to 5.00 P.M. | Dt.29.11.2025 up to 5.00 P.M. | Dt.02.12.2025 at 11.00 A.M. | Will be intimated later |

- **Further details can be seen from the website: www.tendersorissa.gov.in.**
- **Any Corrigendum / Addendum will be displayed in the above e_tender website only.**

Sd./- Er. A.K Naik
Chief Construction Engineer,
R.W. Circle, Baripada

OIPR-

## ବିଜ୍ଞାପନ

No. RR-27

### ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲର ସୁବିଧା ସହିତ ମାସିକ ଟ.୫୦୦୦/– ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୩୦ଦିନ ମଧ୍ୟରେ (ତା.୧୬.୧୧.୨୦୨୫ ରିଖ ଠାରୁ ତା.୧୫.୧୨.୨୦୨୫) ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR:

ମୁଖ୍ୟ ନିର୍ବାହୀ

## OFFICE OF THE SUPERINTENDING ENGINEER
### RWS&S DIVISION, JAGATSINGHPUR

Tel. No. 06724-223485, mail - rwssjspur@gmail.com

e-Procurement Notice
Bid Identification No. 35 of 2025-26

**No.O-1415** : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sum composite bids in Double Cover system in online mode for Execution of RPWS scheme on Turnkey basis from eligible Class of contractors.

1. Name of work : Execution of PWS
2. No. of work : 02 Nos
3. Estimated Cost : Rs. 1,06,45,932/- to Rs. 1,47,04,949/-
4. Cost of Tender paper : Rs. 10000/- Each
5. Class of contractor : 'B' & 'A'
6. Availability of Tender in website : 17.11.2025 to 26.11.2025
7. Submission of Bid in online : 17.11.2025 to 26.11.2025
8. Date of seeking clarification : 17.11.2025 to 24.11.2025
9. Date of opening of bids : 27.11.2025 (11.00 A.M.)
10. Name and address of O.I.T : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode
13. Subsequent corrigendum/addendum if required shall only be appeared in above website.

Sd./- Executive Engineer
RWS&S Divn., Jagatsinghpur

OIPR-

See Career Appointment on every Wednesday & Saturday

# ଆଜିଠୁ ୨୦ତମ ଶିଶୁ ମହୋତ୍ସବ

**ରାଉରକେଲା,୧୫।୧୧(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସ୍ପନ୍ଦନ ଓ ଗୁରୁକୃପା ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୦ତମ ଶିଶୁ ମହୋତ୍ସବ ନଭେମ୍ବର ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ସେକ୍ଟର-୧୯ ସ୍ଥିତ ସିଭିକସେଣ୍ଟର ଠାରେ ଅନୁଷ୍ଠିତ ହେବ। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ବିଦ୍ୟାଳୟସ୍ତରୀୟ କ୍ଷୁଦ୍ରନାଟକ ଓ ଦଳଗତ ନୃତ୍ୟ ପରିବେଷଣ କରାଯିବ। ୧୬ ତାରିଖ ଅପରାହ୍ନ ୩ଟାରେ ଏହି ମହୋତ୍ସବ ଉଦ୍ଘାଟିତ ହେବା ପରେ ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କ୍ଷୁଦ୍ରନାଟକ ପରିବେଷଣ କରାଯିବ ବୋଲି ସାଧାରଣ ସମ୍ପାଦକ ସମର ମୁଦାଲି ସୂଚନା ଦେଇଛନ୍ତି।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କୁତ୍ରା,୧୫।୧୧(ଦେବାଶିଷ ସାହୁ)**

କୁତ୍ରା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାସ୍ମଲଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ଏବିଇଓ ନିରଞ୍ଜନ ରାଉଳ, ମୋ ସ୍କୁଲ ପରିଚାଳନା ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ସମୁଦାୟ ୪ ଶହଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଧୃତିସୁନ୍ଦର ସାହୁ ପରିଚାଳନା କରିଥିଲେ।



ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ଅତିଥି।

ସେହିପରି ଏହାର ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗଦେଇ ନୋବେଲ ପୁରସ୍କାର ପାଇଥିବା ମହାନ ବ୍ୟକ୍ତିବିଶେଷଙ୍କ ପ୍ରେରଣାଦାୟକ କଥା ଓ ସଂଘର୍ଷର ଗାଥା ଛାତ୍ରଛାତ୍ରୀଙ୍କୁ କହି ତାଙ୍କୁ ବିଜ୍ଞାନମୂଳକ ଚିନ୍ତନରେ ଅଗ୍ରସର ହେବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଜେଏସଡବ୍ଲ୍ୟୁ ଭୂମି ଅଧିଗ୍ରହଣ ଅଧିକାରୀ ସୁନୀଲ କୁମାର ନାଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସିଏସଆର୍ ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ସିଏସଆର୍ ମ୍ୟାନେଜର ଅଲେଖ ଦଲେଇ, ମୋ ସ୍କୁଲ ପରିଚାଳନା ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଅବିନାଶ କର, ସ୍ୱସ୍ତିସ୍ୱରୂପ ଦାସ, ରିତା କଣ୍ଡା, ଲିପିକା କାଲୋ, ସେରୋଫେନା ଏକ୍କା, ନମିତା କୁଲୁ, ଭୈରବ ବେହେରା, ସୁନିତା ପଟେଲ, ସଙ୍ଗିତା ଦେଭ ତଥା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱୟଂଶାସିତ କଲେଜରେ ଏକାଡେମୀକ କାଉନସିଲ ସଭା



ସଭାରେ ଅତିଥିଙ୍କ ସହ ଅନ୍ୟମାନେ।

**ସୁନ୍ଦରଗଡ,୧୫।୧୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରଥମ ଏକାଡେମୀକ କାଉନସିଲ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷାବର୍ଷ-୨୦୨୫-୨୬ ପାଇଁ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ସଭାପତିତ୍ୱ କରିବାସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗଗନ ବିହାରୀ ପ୍ରଧାନ ଶୈକ୍ଷିକ ପାଠ୍ୟକ୍ରମ ସମ୍ପର୍କିତ ସୂଚନା ସହ କେଉଁ କେଉଁ ବିଷୟର ପାଠ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରାଯିବାର ନିଆଯାଇଛି ସେହି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପଙ୍କଜ ପଟେଲ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର ପ୍ରଦୀପ କୁମାର ନାଏକ, ନୃତତ୍ତ୍ୱ ବିଭାଗର ପ୍ରଫେସର ଅରୁଣ ଆଚାର୍ଯ୍ୟ, ରାଉରକେଲା ଏନଆଇଟିର ପ୍ରଫେସର ପିତାମ୍ବର ମହାନନ୍ଦିଆ ପ୍ରମୁଖ ଯୋଗଦାନ କରି ପାଠ୍ୟକ୍ରମ, ପରୀକ୍ଷା ଢାଞ୍ଚା ଓ ଶୈକ୍ଷିକ ଅଗ୍ରଗତି ସମ୍ପର୍କରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଦୀପ କୁମାର ସାମନ୍ତରାୟ ପରୀକ୍ଷା ଓ ପ୍ରଶ୍ନପତ୍ର ଢାଞ୍ଚା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ନୂତନ ଖମାରୀ ସଭା ସଞ୍ଚାଳନ କରିଥିବା ବେଳେ ଇତିହାସ ବିଭାଗ ସହକାରୀ ପ୍ରଫେସର ଡକ୍ଟର ସାକିର ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧାପକ ଆଲୋକ କୁମାର ନାଏକ, ସେକସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।

# କୁଷ୍ଠ ନିରାକରଣ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଆଶା କର୍ମୀ।

**କୁଆଁରମୁଣ୍ଡା,୧୪।୧୧(ମହେନ୍ଦ୍ର କୁମାର ସାହୁ)**

